# ଏବ୍ରୀ, ଅଧ୍ୟାୟ ଛଅ ଭାଗ ୩

ଶୁଭ ସକାଳ, ବନ୍ଧୁଗଣ। ଏଠାରେ ରହିବା ଏକ ସୌଭାଗ୍ୟ ଅଟେ। ଏବଂ—ଏବଂ ଆମର ପାଳକଙ୍କଠାରୁ ପାଇଥିବା ଏହି ମହାନ ପରିଚୟକୁ ସଫଳ କରିବା ନିଶ୍ଚିତ ଭାବରେ ଏକ ପ୍ରକୃତ ଜୀବନକୁ ଆବଶ୍ୟକ କରିବ, କଅଣ ନୁହେଁ କି? ତେଣୁ ଆମେ ପ୍ରଭୁଙ୍କୁ ତାହାଙ୍କର ସମସ୍ତ ମହାନ ଆରୋଗ୍ୟକାରୀ ଶକ୍ତି ଏବଂ ଦୟା ନିମନ୍ତେ ପ୍ରଶଂସା କରୁଅଛୁ ଯାହା ସେ ବର୍ଷ ବର୍ଷ ଧରି ଆମକୁ ଦେଇଅଛନ୍ତି।

ବର୍ତ୍ତମାନ ମୋର କେତେକ ଘୋଷଣାମାନ କରିବାକୁ ଅଛି। ଗୋଟିଏ ହେଲା, ଆମେ, ଭାଇ ଉଡ୍ ଏବଂ ଭାଇ ରୋବର୍ସନ, ଆଉ ଆମେ ଆପଣ ସମସ୍ତଙ୍କୁ ଆମ ପାଇଁ, ଏକ ସୁରକ୍ଷିତ ଯାତ୍ରା ହେତୁ ପ୍ରାର୍ଥନା କରିଥିବାରୁ ଧନ୍ୟବାଦ ଦେବାକୁ ଚାହୁଁଅଛୁ। ଏକ ସୁନ୍ଦର ସମୟ ରହିଥିଲା; ସାଢ଼େ ଚାରି ଦିନ ପାଇଁ ଗଲୁ, ମୁଁ ବିଶ୍ୱାସ କରେ, ଏବଂ ପୁଣିଥରେ ନିରାପଦରେ ଫେରି ଆସିଲୁ। ପ୍ରଭୁ ନିଶ୍ଚିତରେ ଆମକୁ ଆଶୀର୍ବାଦ କଲେ।

506 ତେବେ, ଆମେ ଘୋଷଣା କରୁଛୁ ଯେ ଭାଇ ଗ୍ରାହାମ୍ ସ୍ନେଲିଙ୍ଗ୍, ତାଙ୍କର ଉଦ୍ଦୀପନା ସଭାଗୁଡିକ, ଜାରି ରହିଛି, ଏଠାରେ ସହରରେ...ରେ, ଉପରେ ବ୍ରିଘାମ୍ ଆଭେନ୍ୟୁର ସେହି—ସେହି ଶେଷରେ। ଏବଂ ଏହି ଆସନ୍ତା ବୁଧବାର ରାତିରେ...ମୁଁ ଆସନ୍ତା କାଲି ଯିବାକୁ ଚାହେଁ, ଗୋଟିଏ ଅନ୍ତିମ ସଂସ୍କାର ସେବା ପରେ ଯାହାକି ମୁଁ ଅଳ୍ପ କିଛି ମୁହୂର୍ତ୍ତରେ ଘୋଷଣା କରିବି। ଆମେ ଆପଣଙ୍କୁ ବୁଧବାର ରାତିରେ ଜଣାଇବୁ। ଆମେ ଏକ ପ୍ରତିନିଧୀ ଦଳ ହୋଇ, ସମସ୍ତେ, ଭାଇ ଗ୍ରାହାମ୍‌ଙ୍କୁ ସାକ୍ଷାତ କରିବା ପାଇଁ ଯିବାକୁ ଚାହୁଁଛୁ ଏହା ପୂର୍ବେକି ସେ ସେଠାରେ ତାଙ୍କର ସେବା ଶେଷ କରି ଦିଅନ୍ତି। ଏବଂ ଆମେ ଭାଇ ଗ୍ରାହାମ୍‌ଙ୍କ ସହିତ ତାଙ୍କର ଗୋଟିଏ ସେବାରେ ରହିବା ହେତୁ, ସମଗ୍ର ମଣ୍ଡଳୀକୁ ଏକାଠି କରି ନେଇଯିବାକୁ ଚେଷ୍ଟା କରିବା, ଯଦି ଆମେ ପାରିବା, ଏବଂ ଏକ ପ୍ରତିନିଧୀ ଦଳ ଭାବରେ ସାକ୍ଷାତ କରିବାକୁ ଯିବା।

507 ଏବଂ, ବର୍ତ୍ତମାନ, ଆଜି ଅପରାହ୍ନରେ ଚାର୍ଲ୍‌ସଟାଉନ୍‌ଠାରେ କବର କାର୍ଯ୍ୟକର୍ତ୍ତାଙ୍କ ପ୍ରତିଷ୍ଠାନରେ—ରେ, ଜଣେ—ଜଣେ ଶ୍ରୀମତୀ କୋଲ୍‌ୱିନ ରହିଛନ୍ତି, ଯିଏକି ଅନେକ ବର୍ଷ ପୂର୍ବେ ଥରେ ଏଠାରେ ମଣ୍ଡଳୀକୁ ଆସୁଥିଲେ, ଚୌ-ସ୍ତୁରି ବର୍ଷ ବୟସ ହୋଇଥିଲା, ଗତକାଲି ଏହି ଜୀବନ ତ୍ୟାଗ କରି ପ୍ରଭୁ ଯୀଶୁଙ୍କ ସହିତ ରହିବା ପାଇଁ ଚାଲିଗଲେ। ଏବଂ ତାଙ୍କର ଅନ୍ତିମ ସଂସ୍କାର ସୋମବାର ଦିନ, ରେଓ୍ୱରେଣ୍ଡ ଶ୍ରୀମାନ ମ୍ୟାକକିନ୍ନିଙ୍କ ଦ୍ୱାରା ପ୍ରଚାର କରାଯିବାକୁ ଅଛି, ଯିଏକି ପୂର୍ବରୁ, ବହୁ ବର୍ଷ ଧରି ପୋର୍ଟ ଫୁଲଟନ୍‌ଠାରେ—ଠାରେ ଥିବା ମେଥୋଡିଷ୍ଟ ମଣ୍ଡଳୀର, ପାଳକ ଥିଲେ, ଯାହାକି ସେମାନଙ୍କର ଜଣେ ବ୍ୟକ୍ତିଗତ ବନ୍ଧୁ ଥିଲେ। ଏବଂ ମୋତେ ତାଙ୍କୁ ସାହାଯ୍ୟ କରିବାକୁ ଅଛି, ସୋମବାର, ରେ, ମୁଁ ବିଶ୍ୱାସ କରେ ଏହା ଗୋଟିଏ-ତିରିଶ ଘଟିକାରେ, ଇଣ୍ଡିୟାନାର, ଚାର୍ଲ୍‌ସଟାଉନ୍‌ଠାରେ ଥିବା—ଠାରେ ଥିବା ସେହି ଗୀର୍ଜାଘରେ।

ଏବଂ ଆପଣ ସମସ୍ତେ କୋଲ୍‌ୱିନ ପରିବାରର ବନ୍ଧୁଗଣ କରିବେ, ମୁଁ ଜାଣେ, ବର୍ତ୍ତମାନ ଅଳ୍ପ ଟିକିଏ ସାହସ ବା…ଅଳ୍ପ ଟିକିଏ ହାତ ମିଶାଇବାକୁ ପ୍ରଶଂସା କରିବେ । କାରଣ ଆମେ ସମସ୍ତେ ଜାଣୁ ଯେ ତାହା କଅଣ ଅଟେ, ଆମେ ଯେଉଁମାନେକି ଉପତ୍ୟକାରେ, ସେହିଗୁଡିକୁ ଦେଇ ନିଜେ, ଗତି କରିଅଛୁ, ଏବଂ ଜାଣିଅଛୁ ଯେ ଏକ ବନ୍ଧୁକୁ ହରାଇବାର ଅର୍ଥ କଅଣ ଅଟେ । ଏବଂ ତେଣୁକରି ଆମେ…ସେ ବର୍ତ୍ତମାନ ଇଣ୍ଡିୟାନାର, ଚାର୍ଲ୍‌ସଟାଉନ୍‌ଠାରେ ସେହି—ସେହି ଗୀର୍ଜାଘରେ, ରଖା ଯାଇଛନ୍ତି । ଯଦି ଆପଣ ଆଜି ଅପରାହ୍ନରେ ଯାଆନ୍ତି, କାହିଁକି, ମୁଁ ସୁନିଶ୍ଚିତ ଅଟେ, ଏହା କୋଲ୍‌ୱିନ ପରିବାର ଦ୍ୱାରା ପ୍ରଶଂସିତ ହେବ । ସେମାନଙ୍କର ଅନେକ ଲୋକମାନେ ଏବେ ମଧ୍ୟ ଏହି ଆରାଧନାଳୟକୁ ଆସନ୍ତି । ମୁଁ ସେମାନଙ୍କର ପରିବାରକୁ, ପ୍ରାୟଃ, ସମଗ୍ରକୁ, ବିବାହ ଦେଇଛି, ସମାଧି ଦେଇଛି, ବାପ୍ତିସ୍ମ ଦେଇଛି । ଆଉ ତେଣୁକରି ଶ୍ରୀମାନ ଗ୍ରେସନ, ଯିଏକି ଠିକ ଏଠାରେ ଆମର ପଡ଼ୋଶୀ ଥିଲେ, ସେଠାରେ କବର କାର୍ଯ୍ୟକର୍ତ୍ତା ଅଟନ୍ତି ।

508 ଏବଂ ତାହାପରେ, ଆଜି ରାତିରେ, ପ୍ରଭୁ ଇଚ୍ଛା କଲେ, ଏହି ମହାନ ଅଧ୍ୟୟନରେ ଯାହାକି ଆମେମାନେ ବର୍ତ୍ତମାନ ଅଧ୍ୟୟନ କରୁଅଛୁ, ଯେଉଁଠାରେ ଆମେ ଆଜି ସକାଳେ ଛାଡିଥିବା, ସେହିଠାରୁ ଆମେ ତାହାକୁ ଆଜି ରାତିରେ ନେବାକୁ ଚେଷ୍ଟା କରିବା । ଆଉ ତାହାପରେ ମୁଁ ଭାବୁଛି ଯେ ତାହା ସେହି ଘୋଷଣାମାନ ଥିଲା, ଯେତେ ଦୂର ଯେପରି—ଯେପରି ମୁଁ—ମୁଁ ତାହା ବିଷୟରେ ଜାଣେ । ଆଉ ଏହି ଆସନ୍ତା ବୁଧବାର ରାତିରେ, ବର୍ତ୍ତମାନ, ଆମେ ସେହି ରାତି ବିଷୟରେ ଘୋଷଣା କରିବା ଯେବେ ଆମେ ଭାଇ ଗ୍ରାହାମ୍‌ଙ୍କ ସହିତ ରହିବାକୁ ଯାଉଅଛୁ ।

509 ଏବଂ ଆମେ ଆମର ଫାଟକରେ ସମସ୍ତ ଅପରିଚିତ ବ୍ୟକ୍ତିମାନଙ୍କୁ ସ୍ୱାଗତ କରୁଅଛୁ । ଆଉ ଆଜି ଏହି ସକାଳରେ ଆମେ ଆପଣମାନଙ୍କୁ ଏଠାରେ ପାଇ ଆନନ୍ଦିତ ଅଟୁ, ଏବଂ ପ୍ରାର୍ଥନା କରୁଛୁ ଯେ ପରମେଶ୍ୱର ଆଜି ଏହି ସମାବେଶ ପାଇଁ ଆପଣମାନଙ୍କୁ ବହୁଳ ଭାବରେ, ବହୁତ ଆଶୀର୍ବାଦ କରିବେ ।

510 ଭାଇ କକ୍ସ ମୋତେ ବର୍ତ୍ତମାନ ହିଁ କହିଲେ ଯେ ସର୍ବସାଧାରଣ-ସମ୍ବୋଧନ ଯାନ୍ତ୍ରିକ ବ୍ୟବସ୍ଥା ସେହି ସମୟରେ ବହୁତ ଭଲ କାମ କରୁ ନ ଥିଲା । ଏହା ବୋଧହୁଏ, ପାଣିପାଗ ଯୋଗୁଁ ହୋଇ ଥାଇପାରେ ଯେ, ସେଠାରେ ସ୍ପିକରଗୁଡିକ ମଧ୍ୟରେ ଅନେକ ଆର୍ଦ୍ରତା ହୋଇଯାଇଥିବ । ଏବଂ ଆରମ୍ଭରୁ ହିଁ, ସେଗୁଡିକ ଅତ୍ୟଧିକ ଭଲ ନ ଥିଲା, ତେଣୁ ହୁଏତ ତାହା ଏହାର କାରଣ ହୋଇଥାଇପାରେ ।

511 ଯେତେବେଳେକି ମୁଁ ଏଠାରେ ଜଣେ ଭଉଣୀକୁ ବସିଥିବାର ଦେଖୁଛି ଯାହାଙ୍କୁ ମୁଁ ଜାଣେ, ଭଉଣୀ ଆର୍ଗାନବ୍ରାଇଟ୍, ମୁଁ…ଏହା ସୁନ୍ଦର ନୁହେଁ ଏବଂ—ଏବଂ ଶିଷ୍ଟାଚାର ନୁହେଁ, ଏହାକୁ ପଚାରିବାଟା, ମାତ୍ର କଅଣ ଆପଣ ଭାଇ ଅର୍ଗାନବ୍ରାଇଟ୍ ଙ୍କ ଠାରୁ କିଛି ଖବର ପାଇଛନ୍ତି କି ଯେବେଠୁଁ ସେ ବିଦେଶ ଯାଇଛନ୍ତି? ମୁଁ ତାଙ୍କଠାରୁ ଯେତେ ଶୀଘ୍ର ସମ୍ଭବ ଶୁଣିବା ପାଇଁ ବହୁତ ଆଗ୍ରହୀ । ସେ ସ୍ୱିଜରଲ୍ୟାଣ୍ଡ ଏବଂ ଜର୍ମାନୀରେ, ସେଠାରେ ଭାଇ ଟମି ହିକ୍ସ ଏବଂ ପଲ୍ କେନ୍‌ଙ୍କ

ସହ ଏକ ସଭାରେ ଅଛନ୍ତି । ଭଉଣୀ ରୁଥ, ଯଦି ଆପଣ କେବେ ଖବର ପାଆନ୍ତି, ଆପଣ ମୋତେ ଠିକ ସେହି କ୍ଷଣି ହିଁ ଜଣାଇବେ, ଯେତେ ଶୀଘ୍ର ଆପଣ ପାରିବେ ।

512 ତେବେ, ଏହି ଛୋଟ ଆରାଧନାଳୟର କୌଣସି ସଦସ୍ୟତା ନାହିଁ, ମାତ୍ର ଆମର ସହଭାଗିତା ଅଛି । ଆମର କୌଣସି ଧର୍ମମତ ନାହିଁ ବରଂ ଖ୍ରୀଷ୍ଟଙ୍କ ଅଛନ୍ତି, କୌଣସି ନିୟମ ନାହିଁ ବରଂ ପ୍ରେମ ଅଛି, କୌଣସି ପୁସ୍ତକ ନାହିଁ ବରଂ ବାଇବଲ ଅଛି । ତାହା ହିଁ ହେଉଛି ଏକମାତ୍ର ପୁସ୍ତକ ଯାହା ବିଷୟରେ ଆମେ ଜାଣୁ, ଏବଂ ଆମର ଏକମାତ୍ର ଜିନିଷ ଅଟେ ଯାହା ଆମେ ଜାଣୁ, ଯାହାକି ଆମ ପାଖରେ ଅଛି । ଯେହେତୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମ ସମସ୍ତଙ୍କୁ ପାପରୁ ପରିଷ୍କାର କରେ, ଆମର ଜଣେ ଅନ୍ୟ ସହିତ, ସମସ୍ତଙ୍କ ସହିତ ସହଭାଗିତା ରହିଅଛି ।

513 ଆଜି ସକାଳେ, ମୁଁ ଧ୍ୟାନ ଦେଉଥିଲି, ଆପଣମାନଙ୍କ ମଧ୍ୟରୁ କେତେକ ହୁଏତ ଭାଇଙ୍କୁ ପ୍ରାର୍ଥନା କରୁଥିବାର ଶୁଣିଥିବେ । ତାହା ଜଣେ କ୍ୟାଥୋଲିକ୍ ଥିଲେ, କିମ୍ବା, ପୂର୍ବରୁ ଜଣେ କ୍ୟାଥୋଲିକ୍ ଥିଲେ । ଏବଂ ଆମ ପାଖରେ ଏଠାରେ ସମସ୍ତ ପ୍ରକାରର ଲୋକ ଆସୁଥିବାର ରହିଛନ୍ତି । କିଛି ସମୟ ପୂର୍ବେ, ଏଠାରେ ବସିଥିବା ଜଣେ ମେନୋନାଇଟ୍ ଭାଇଙ୍କ ସହ ହାତ ମିଶାଇବାର, ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଏବଂ ମେନୋନାଇଟ୍ ରୁ, ମେଥୋଡିଷ୍ଟରୁ, ବାପ୍‌ଟିଷ୍ଟରୁ, ଏବଂ କ୍ୟାଥୋଲିକ୍ ରୁ, କିମ୍ବା ଯିଏକେହି ବି ଚାହିଁବ, ସେମାନେ ଆସନ୍ତୁ । ଏବଂ ଆମେ ପରମେଶ୍ୱରଙ୍କ ବାକ୍ୟର ଆଶୀର୍ବାଦର ଚାରିଆଡେ ଏକତ୍ର ସହଭାଗିତା କରୁ । ଏଠାରେ ବର୍ତ୍ତମାନ ଯିହୋବା ୱିଟନେସ୍ ଏବଂ ବିଭିନ୍ନ ପ୍ରକାରର ଲୋକମାନେ, ଯେଣୁ, ବିଭିନ୍ନ ନାମଧାରୀ ସଂସ୍ଥାମାନଙ୍କରୁ ଲୋକମାନେ ବସିଛନ୍ତି ।

514 ମୁଁ ପାଶ୍ଚିମକୁ ଭଲ ପାଉଥିଲି (ତେବେ, ମୁଁ ଏବେ ମଧ୍ୟ ଭଲ ପାଏ) । ମୁଁ ଘୋଡା ଏବଂ ପଶୁପଲକୁ ଭଲ ପାଏ । ମୁଁ ତ ଏକ ପଶୁପାଳନ କ୍ଷେତ୍ରରେ ବଢିଛି, ଏବଂ ମୁଁ—ମୁଁ ଏହାକୁ ଭଲପାଏ । ଆଉ ଆମର ପଶୁପଲର ରକ୍ଷଣ ବେକ୍ଷଣ ନିମନ୍ତେ ପରିକ୍ରମା ହୋଇଥାଏ, ଆଉ ମୁଁ ସେମାନଙ୍କ ସହିତରେ ଯାଏ । ଏବଂ ଆମର ଏକ ଡ୍ରିଫ୍ଟ ବାଡ଼ ରହୁଥିଲା । ମୁଁ ଜାଣେ ନାହିଁ ଯେ ଆପଣ ପୂର୍ବାଞ୍ଚଳର ଲୋକମାନେ ତାହା ଜାଣିଛନ୍ତି କି ଯେ ଏକ ଡ୍ରିଫ୍ଟ ବାଡ କଅଣ ଅଟେ, ବା ନାହିଁ । ଏହା ସେତେବେଳେ ହୁଏ ଯେତେବେଳେ ଆପଣ ପଶୁପଲକୁ ସେହି—ସେହି ଜଙ୍ଗଲରେ ରଖିଥାଆନ୍ତି, ସେମାନଙ୍କର ଏକ ବାଡ଼ ରହିଥାଏ ଯେପରିକି ସେହି ପଶୁପଲମାନେ ଏଣେ ତେଣେ ପଳାଇ ନ ଯାଆନ୍ତି, ଯାହାକି ସେମାନେ ଏହାକୁ କୁହନ୍ତି, ତଳେ ସେହି ଚରାଭୂଇଁକୁ ଫେରି ନ ଆସନ୍ତି । ସେମାନେ ସେହି ଘାସ ଖାଇଯାଆନ୍ତି, ଯେଉଁଠାରେ ସେମାନେ ଶୀତକାଳୀନ ଭୋଜନ ନିମନ୍ତେ ସେହି ଘାସକୁ ବଢାଉଥାନ୍ତି । ଏବଂ ତାହାପରେ ପର୍ବତ ଉପରକୁ, ସେମାନଙ୍କର ମଧ୍ୟ ଡ୍ରିଫ୍ଟ ବାଡ଼ମାନ ରହିଥାଏ, ଯେଉଁଠାରେ ସେମାନେ ଏତେ ସଂଖ୍ୟକ ମାଈ ଓ ଅଣ୍ଡିରାକୁ ଅଲଗା ଅଲଗା କରନ୍ତି, ଓ ପ୍ରଭୃତି ଇତ୍ୟାଦି କରନ୍ତି । ଏହାକୁ ଏକ ଡ୍ରିଫ୍ଟ ବାଡ଼ କୁହାଯାଏ । ମାତ୍ର ମୁଖ୍ୟ ଡ୍ରିଫ୍ଟ ବାଡ଼ଟି ସେଇଟା ଅଟେ ଯେଉଁଠାରେକି ସେହି ପଶୁପଲ ଆରକ୍ଷୀ ଛିଡା ହୋଇଥାନ୍ତି ଯେତେବେଳେ ପଶୁପଲ ତାହା ଦେଇ ଗମନ କରନ୍ତି ।

515 ଆଉ ତେବେ ମୁଁ ସେଠାରେ, ଅନେକ ଦିନ ଯାଏଁ, ଘୋଡ଼ା ଉପରେ ମୋର ଆସନରେ ବସିଅଛି, ଏବଂ ସେହି ପଶୁପଲକୁ ସେହି ବାଟ ଦେଇ ଯାଉଥିବାର ଦେଖିଅଛି । ସେଠାରେ ସେହି ସମସ୍ତ ବିଭିନ୍ନ ପ୍ରକାରର ଛାପ ଓ ନାମ ପ୍ରବେଶ କରିଥିଲେ । ସେଠାରେ କେତେକଙ୍କୁ କୁହାଯାଉଥିଲା "ହୀରା ।" ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କୁ କୁହାଯାଉଥିଲା "ବାର୍ X ।" ଆଉ କେତେକ...ଆମର ଥିଲା "ଟ୍ରାଇପୋଡ଼୍," କିଛି ଗୋଟାଏ ପିଲାମାନଙ୍କର ସ୍କାଉଟ୍ ପ୍ରତୀକ ପରି । ଏହାର ତଳେ, ପରବର୍ତ୍ତୀ ଜଣକ, ଘୋଡା ଉପରେ ଗୋଟିଏ "ଟର୍କୀ ଟ୍ରାକ୍," ଛାପ ଥିଲା । ଏବଂ ଯେତେବେଳେ ସେମାନେ ପଶୁମାନଙ୍କୁ ବାହାର କରୁଥିଲେ ସେମାନଙ୍କର ପଶୁଗୁଡିକୁ ଜାଣିବା ନିମନ୍ତେ—ନିମନ୍ତେ, ସେମାନଙ୍କର ସମସ୍ତ ପ୍ରକାରର ଛାପ ଓ ନାମଗୁଡିକ ରହିଥିଲା ।

516 ତେବେ, ସେହି ପଶୁପଲ ଆରକ୍ଷୀ ସେଥିରେ ଏତେ ଆଗ୍ରହୀ ନ ଥିଲେ ଯେ ସେମାନଙ୍କର କେଉଁ ଛାପ ରହିଥିଲା, ମାତ୍ର ଏଠାରେ ତାହା ଅଟେ ଯେଉଁଥିରେକି, ସେହି ପଶୁପଲ ଆରକ୍ଷୀ ଆଗ୍ରହୀ ଥିଲେ ଯେ ସେମାନଙ୍କର କାନରେ ଏକ ସୁତା ଚିହ୍ନ ଦେଖିବା ନିମନ୍ତେ । ସେସମସ୍ତ କିଛି ଯାହା ସେଠାରେ ଭିତରକୁ ଯାଆନ୍ତି, ତାହା ଯେଉଁ ଛାପ ଓ ନାମ ହୋଇଥାଉ ନା କାହିଁକି, ଏକ ପୁଙ୍ଖାନୁପୁଙ୍ଖ ବିଶୁଦ୍ଧ ହେରଫୋର୍ଡ ପ୍ରଜାତିର ହେବା ଆବଶ୍ୟକ ଥିଲା । ଯଦି ଏହା ଏକ ବିଶୁଦ୍ଧ ହେରଫୋର୍ଡ ନ ହୁଏ ତେବେ ତାହା ସେଠାରେ ଭିତରକୁ ଯାଇପାରିବ ନାହିଁ । ତାହାକୁ ପଞ୍ଜୀକୃତ ପଲ ହେବା ଆବଶ୍ୟକ ଅନ୍ୟଥା ଏହା ତାହା ଦେଇ ଯାଇପାରିବ ନାହିଁ ।

517 ମୁଁ ଭାବୁଛି, ସେହି ଦିନ ଯେତେବେଳେ ପ୍ରଭୁ ଆସିବେ, ସେ ସେଥିପ୍ରତି ଧ୍ୟାନ ଦେବାକୁ ଯାଉ ନାହାଁନ୍ତି ଯେ ଆମେ କେଉଁ ଛାପ ବା ନାମ ଧାରଣ କରିଅଛୁ, ମାତ୍ର ଯଦି ଆମେ ସମସ୍ତେ ନୂତନ-ଜନ୍ମ ପାଇଥିବା ଖ୍ରୀଷ୍ଟିଆନ ଅଟୁ । ତାହା ଠିକ୍ ଅଟେ । ତାହାହିଁ ହେଉଛି ଖ୍ରୀଷ୍ଟଙ୍କର ପଲ । ରକ୍ତ ପରୀକ୍ଷା ହିଁ ଆମକୁ ପ୍ରମାଣ କରିବାକୁ ଯାଉଛି, ଯେ ଆମେ ସମସ୍ତେ ଖ୍ରୀଷ୍ଟିଆନ ଅଟୁ । ଏବଂ ଯଦି ଆମେ *ସେଠା*ରେ ସେହିପରି ଭାବରେ ହେବାକୁ ଯାଉଅଛୁ, ତାହାହେଲେ ଆମେ ଏଠାରେ ମଧ୍ୟ ସେହିପରି ଭାବରେ ହୋଇପାରିବା । କଅଣ ଆପଣ ସେପରି ଭାବୁ ନାହାଁନ୍ତି କି? ସେହି ଉପାୟରେ ହିଁ, ଆମେ ଭିନ୍ନ ଭିନ୍ନ ସବୁ ମଣ୍ଡଳୀରୁ ସମସ୍ତ ସହଭାଗିତାକୁ ପ୍ରଶଂସା କରୁଅଛୁ ।

518 ତେବେ ଆମେ ଏବ୍ରୀମାନଙ୍କର ଏହି ଆଶୀଷିତ ପୁସ୍ତକରେ ଅଧ୍ୟୟନ କରୁଅଛୁ । ଜଣେ ଭାଇ ଏହାକୁ ଏତେ ଉପଭୋଗ କରିଛନ୍ତି ଯେ ଏପରିକି ସେ ସେହି ଟେପ୍‌ଗୁଡିକୁ ନେଇଛନ୍ତି ଏବଂ ସେ ଏହା ଉପରେ ଏକ ବକ୍ତୃତା ପୁସ୍ତକ ପ୍ରସ୍ତୁତ କରୁଛନ୍ତି ।

519 ତେବେ ଆମେ, ଖୁବ୍ ଶୀଘ୍ର, 11ଶ ପର୍ବକୁ ଆସିବାକୁ ଯାଉଛୁ । ଆମେ ଶୀତକାଳଟି ତାହା ଉପରେ, ସେହି 11ଶ ପର୍ବ ଉପରେ ଅତିବାହିତ କରିବାକୁ ଆଶା କରୁଛୁ । ସେହି ପ୍ରତ୍ୟେକ ଚରିତ୍ରଗୁଡିକ ପାଇଁ, ଆମେ ଇଚ୍ଛା କରୁଛୁ ଯେ ସେହି ପୁସ୍ତକକୁ ଫେରି ସମ୍ପୂର୍ଣ୍ଣ ଶାସ୍ତ୍ରକୁ ଏକତ୍ର ଭାବରେ ଯୋଡି ରଖୁ । ମୁଁ ଏହା କରିବାକୁ ଯାଉଥିଲି । ମୁଁ ଏହାର ପୂର୍ବବର୍ତ୍ତୀ ପର୍ବଗୁଡିକର,

କେତେକ ଭାଗ ଉପରେ, ଅଂଶ ଅଂଶ କରି ପ୍ରଚାର କରେ, ଯେପରିକି ସେହି ସମଗ୍ର ପୁସ୍ତକକୁ ଏକତ୍ର ଯୋଡି ରଖେ । କାରଣ, ଆପଣ ଦେଖନ୍ତୁ, ଶାସ୍ତ୍ର ନିଶ୍ଚିତ ଭାବରେ ଶାସ୍ତ୍ରକୁ ପ୍ରମାଣ କରିବା ଉଚିତ୍ ।

520 ତେଣୁ, ଯଦି କୌଣସି ବିରୋଧାଭାସ ଅଛି, ଯେ କେହି ଭାବନ୍ତି ଯେ ଶାସ୍ତ୍ରଗୁଡ଼ିକ ପରସ୍ପରର ବିରୋଧ କରନ୍ତି, ତେବେ ତାହା ଏକ ତ୍ରୁଟି ଅଟେ। କୌଣସି ଶାସ୍ତ୍ର ଅନ୍ୟ ଏକ ଶାସ୍ତ୍ରର ବିରୋଧ କରେ ନାହିଁ। ସେହି—ସେହି ବିରୋଧାଭାସଟି ସେଠାରେ ଅଟେ ଯେଉଁଠାରେକି ଏହା ବୋଧହୁଏ ଆମର ଦେଖିବାର ଦୃଷ୍ଟି ଅନୁସାରେ ବିରୋଧ କରୁଥାଏ, ମାତ୍ର ଏହା ନିଜକୁ ବିରୋଧ କରେ ନାହିଁ । ମୁଁ ସେବାକାର୍ଯ୍ୟରେ ରହିଆସିଛି, ବର୍ତ୍ତମାନ ଛବି-ଶ ବର୍ଷ ଚାଲିଛି, ଆଉ ମୁଁ କେବେବି, ଥରୁଟିଏ ହେଲେ, ବାଇବଲରେ ଏପରି ଗୋଟିଏ ବିଷୟ ପାଇ ନାହିଁ ଯାହାକି ବାଇବଲରେ ଲେଖା ହୋଇଥିବା ଅନ୍ୟ କୌଣସି ବିଷୟର ବିରୋଧ କରୁଥାଏ । ଏବଂ ମୁଁ—ମୁଁ ଠିକ୍ ଜାଣେ ଯେ ଏହା ସେଠାରେ ନାହିଁ ।

521 ଏବଂ ଆଜି ଆମେ ଏବ୍ରୀର ସବୁଠାରୁ ଆଶୀଷିତ ପର୍ବମାନଙ୍କ ମଧ୍ୟରୁ ଗୋଟିଏରେ, ସେହି 7ମ ପର୍ବକୁ ଅଧ୍ୟୟନ କରୁଛୁ । ଏବଂ ସେଠାରେ କେହି ଅଛନ୍ତି ଯାହା ପାଖରେ ଏକ ବାଇବଲ ନାହିଁ, ଆଉ ଆମକୁ ପାଠ କରୁଥିବାବେଳେ ଅନୁସରଣ କରିବାକୁ ଚାହାଁନ୍ତି, ଯଦି ଆପଣ କେବଳ ନିଜର ହାତ ଉଠାଇବେ ତାହାହେଲେ ଆମେ ଆପଣଙ୍କ ପାଖକୁ ଏକ ବାଇବଲ ଆଣିବା ପାଇଁ ଖୁସି ହେବୁ । ମୁଁ ଚାହିଁବି ଯେ କିଛି ପ୍ରାଚୀନମାନେ ଆସନ୍ତୁ, କେହି ଜଣେ, ଏଠାକୁ ଆସନ୍ତୁ ଓ କେତେକ ନେଇଯାଆନ୍ତୁ । କେହି କେହି ସେଠାରେ ପଛରେ ସେମାନଙ୍କର ହାତ ଉଠାଇଛନ୍ତି । ଏବଂ ଭାଇ, ଆପଣଙ୍କର ଧନ୍ୟବାଦ । ଆଉ ଯଦି ଆପଣ ଏକ ବାଇବଲ ଚାହାଁନ୍ତି, କେବଳ ନିଜର ହାତ ଉଠାନ୍ତୁ, ଏବଂ ସେମାନେ ଆପଣଙ୍କ ପାଖକୁ ଏହାକୁ ଆଣିଦେବେ ।

522 ତେବେ, ସେହି ଏକମାତ୍ର ଉପାୟ ଯେ ଏକ ମଣ୍ଡଳୀ ନିର୍ମାଣ ହୋଇପାରିବ, ଏକମାତ୍ର ଉପାୟ ଯେ ଜଣେ ବ୍ୟକ୍ତିର ବିଶ୍ୱାସ ହୋଇପାରିବ, ତାହାର ନାମଧାରୀ ସଂସ୍ଥା ଦ୍ୱାରା ନୁହେଁ, ତାହାର ଅନୁବନ୍ଧନ ଦ୍ୱାରା ନୁହେଁ । ମାତ୍ର ତାହାର ବିଶ୍ୱାସ କୌଣସି ମନୁଷ୍ୟର ଚିନ୍ତାଧାରାର ଈଶ୍ୱରତତ୍ତ୍ୱଜ୍ଞାନ ଉପରେ ନିର୍ଭର କରେ ନାହିଁ, କାରଣ ଏହା, ଅଧିକନ୍ତୁ, ସଂପୂର୍ଣ୍ଣ ମନୁଷ୍ୟ ଅଟେ । ମାତ୍ର କେବଳ ଗୋଟିଏ ଉପାୟ ଯେ ବିଶ୍ୱାସ ତାହାର ପବିତ୍ର ବିଶ୍ରାମ ସ୍ଥାନକୁ ପାଇପାରେ, ତାହା ହେଲା ପରମେଶ୍ୱରଙ୍କ ଅଟଳ ଓ ଅପରିବର୍ତ୍ତନୀୟ ବାକ୍ୟ ଉପରେ । "ବିଶ୍ୱାସ ଶ୍ରବଣ ଦ୍ୱାରା, ବାକ୍ୟ ଶ୍ରବଣ ଦ୍ୱାରା ଆସେ ।" ଏହିପ୍ରକାରେ ହିଁ ତାହା ସାଧିତ ହୁଏ । ଏବଂ—ଏବଂ ଯେତେବେଳେ ବିଶ୍ୱାସ ଶ୍ରବଣ କରାଯାଏ ଏବଂ ଗ୍ରହଣ କରାଯାଏ, ଏହା ଚିରକାଳ ନିମନ୍ତେ ସ୍ଥିର ହୋଇଥାଏ । କୌଣସି ବିଷୟ ଆଉ କିଛି ହେଲେ ଏହାକୁ କଦାପି ଘୁଞ୍ଚାଇ ପାରିବ ନାହିଁ, ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ କଅଣ ଆସେ ବା ଯାଏ । କୌଣସି ବି ବିଷୟ କେବେ ସେହି ବିଶ୍ୱାସକୁ ପରିବର୍ତ୍ତନ କରିପାରିବ ନାହିଁ । ସେ ବିଷୟରେ ଚିନ୍ତା କରନ୍ତୁ । ଆପଣ ଲଙ୍ଗର ପକାଇ ଅଛନ୍ତି, ପୁଣି ସମୟ ଏବଂ ଅନନ୍ତତା ନିମନ୍ତେ, ଆପଣ ଆଉ ଅଧିକ ପରିବର୍ତ୍ତନ ହୁଅନ୍ତି

ନାହିଁ । ଆପଣ ଚିରକାଳ ନିମନ୍ତେ ଲଙ୍ଗର ପକାଇ ଅଛନ୍ତି, "କାରଣ ପରମେଶ୍ୱର, ଗୋଟିଏ ବଳିଦାନ ଦ୍ୱାରା, ସେମାନଙ୍କୁ ଚିରକାଳ ନିମନ୍ତେ ସିଦ୍ଧ କରିଅଛନ୍ତି ଯେଉଁମାନେକି ପବିତ୍ରୀକୃତ, ବା ଆହ୍ୱାନପ୍ରାପ୍ତ ଅଟନ୍ତି ।"

523 ଏବଂ ବିଶ୍ୱାସୀଙ୍କ, ଖ୍ରୀଷ୍ଟିଆନ ଜୀବନରେ ସେହି ବିଶ୍ୱାସର ଏପରି ଏକ ମହତ୍ ସ୍ଥାନ ଅଛି, ଯେ ଏହା ଏକ କାଦୁଅର କବର ପାଖରେ କିମ୍ବା ଏକ ଶବ ରଖିବାର କଫିନ୍ ଉପରେ ନିଜର ସ୍ଥାନକୁ ନେଇପାରେ, ଯେଉଁଠାରେକି ଏକ ମୂଲ୍ୟବାନ ଶିଶୁ କିମ୍ବା ଜଣେ ପ୍ରିୟତମା ଏହି ଜୀବନରୁ ଅନ୍ୟ ପାର୍ଶ୍ୱକୁ ଚାଲି ଯାଇଛନ୍ତି । ଏବଂ ଉକ୍ରୋଶ ଆଖିର ଏକ କଠୋର ଦୃଷ୍ଟି ସହିତ, ତାହାଙ୍କ ଆଡକୁ ଅନାଇପାରେ ଯିଏକି କହିଛନ୍ତି, "ମୁଁ ପୁନରୁତ୍ଥାନ ଏବଂ ଜୀବନ ଅଟେ ।" ଏବଂ ସେମାନେ ଅତୀତରେ ଥିବା ବିଷୟଗୁଡ଼ିକୁ ଭୁଲିଯାଆନ୍ତି । ସେମାନେ ସର୍ବୋଚ୍ଚ ଆହ୍ୱାନର ଚିହ୍ନ ଆଡକୁ ଦୌଡି ଯାଆନ୍ତି ।

524 ମୁଁ ଅତି ଆନନ୍ଦିତ ଯେ ପରମେଶ୍ୱର ଏପରି କିଛି ଯୋଗାଇ ଅଛନ୍ତି, ଏବଂ ଏହାକୁ ସମସ୍ତଙ୍କ ପାଇଁ ଏକ ମାଗଣା ଉପହାର କରିଅଛନ୍ତି । ତାହାହିଁ ଅଟେ ଯାହା ପାଇଁକି ମଣ୍ଡଳୀଗୁଡିକ ଅଛି । *ମଣ୍ଡଳୀଗୁଡ଼ିକର* ଅର୍ଥ ନାମଧାରୀ ସଂସ୍ଥା କିମ୍ବା ସଂଗଠନ ନୁହେଁ; ଏହାର ଅର୍ଥ, "ଲୋକମାନଙ୍କର, ବିଶ୍ୱାସୀମାନଙ୍କର ଗୋଷ୍ଠୀ, ଯେଉଁମାନେକି ବାକ୍ୟର ସହଭାଗୀତା ଅଧୀନରେ ଏକତ୍ରିତ ହୁଅନ୍ତି ।"

525 ଏବଂ ଏଠାରେ ସାଧୁ ପାଉଲଙ୍କ ଏହି ଅଦ୍ଭୁତ ଶିକ୍ଷାରେ, ପୃଷ୍ଠଭୂମିରେ, ପୂର୍ବବର୍ତ୍ତୀ ପର୍ବଗୁଡିକରେ, ସେ ବିଶେଷ କରି ପ୍ରଭୁ ଯୀଶୁଙ୍କ ସର୍ବୋଚ୍ଚ ପରମେଶ୍ୱରତ୍ୱ ବିଷୟରେ ଏବଂ ସେ କିଏ ଥିଲେ ତାହା ବିଷୟରେ ଆଲୋଚନା କରିଛନ୍ତି । ଖ୍ରୀଷ୍ଟ ପରମଶ୍ୱର ଥିଲେ, ଏପରି କରାଯାଇଥିଲେ ଯେପରିକି ମନୁଷ୍ୟମାନେ ତାହାଙ୍କୁ ଅନୁଭବ କରିପାରିବେ ଏବଂ ତାହାଙ୍କୁ ସ୍ପର୍ଶ କରିପାରିବେ, ଓ—ଓ ତାହାଙ୍କ ସହିତ ସହଭାଗିତା କରିପାରିବେ । ଖ୍ରୀଷ୍ଟ, ପ୍ରଭୁ ଯୀଶୁ, ସେହି ଶରୀର ଥିଲେ ଯେଉଁଥିରେ ପରମେଶ୍ୱର ବାସ କରୁଥିଲେ, "ପରମେଶ୍ୱର ଦେହବନ୍ତ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ ।" ପ୍ରଥମ ତୀମଥି 3:16, "ପରମେଶ୍ୱରପରାୟଣତାର ନିଗୁଢ଼ତତ୍ତ୍ୱ ଯେ ମହତ୍ ଏହା ସମସ୍ତେ ସ୍ୱୀକାର କରନ୍ତି, କାରଣ ପରମେଶ୍ୱର ଦେହବନ୍ତ ହୋଇ ପ୍ରକାଶିତ ହେଲେ ।"

526 ସେହି ମହାନ ଯିହୋବା ତଳକୁ ଓହ୍ଲାଇ ଆସିଲେ ଏବଂ ତାହାଙ୍କର ନିଜ ପୁତ୍ରଙ୍କର ଶରୀରରେ ବାସ କରିବା ଦ୍ୱାରା, ସ୍ପର୍ଶଯୋଗ୍ୟ ହୋଇଥିଲେ, ଏବଂ ଆପଣାଠାରେ ଜଗତକୁ ଘୋଷଣା କରି ପୁନର୍ମିଳନ କରାଉଥିଲେ । ପରମେଶ୍ୱର କୌଣସି ମତେ ନ ଥିଲେ… ଖ୍ରୀଷ୍ଟ ପରମେଶ୍ୱରଙ୍କଠାରୁ କୌଣସି ମତେ କମ ନ ଥିଲେ, ଏବଂ—ଏବଂ ପରମେଶ୍ୱର ଖ୍ରୀଷ୍ଟଙ୍କଠାରୁ କୌଣସି ମତେ କମ୍ ନ ଥିଲେ । ଦୁହେଁ ଏକାଠି ପରମେଶ୍ୱରତ୍ୱକୁ ଶାରୀରିକ ଭାବରେ ପ୍ରସ୍ତୁତ କରିଥିଲେ, ସ୍ୱର୍ଗଦୂତମାନଙ୍କଠାରୁ ଟିକେ କମ୍ କରାଯାଇଥିଲେ, ଯେପରିକି ସେ ଦୁଃଖଭୋଗ କରିପାରନ୍ତି । ସ୍ୱର୍ଗଦୂତମାନେ ଦୁଃଖଭୋଗ କରିପାରନ୍ତି ନାହିଁ । ଯୀଶୁ ସେହି

ତମ୍ବୁ ଥିଲେ ଯେଉଁଥିରେ ପରମେଶ୍ୱର ବାସ କରିଥିଲେ।

527 ବାଇବଲ କୁହେ, ପ୍ରେରିତ କ୍ରିୟାର 7ମ ପର୍ବରେ, ଯେ, "ତମ୍ବୁ, ଏବଂ ହୋମ-...ବଳିଦାନ ଓ ହୋମ-ବଳି ତୁମେ ଚାହୁଁ ନାହିଁ, କିନ୍ତୁ ଏକ ଶରୀର ତୁମେ ମୋ ପାଇଁ ପ୍ରସ୍ତୁତ କରିଅଛ। ତଥାପି ସର୍ବୋପରିସ୍ଥ ହସ୍ତ ନିର୍ମିତ ତମ୍ବୁରେ ବାସ କରନ୍ତି ନାହିଁ, କିନ୍ତୁ ଏକ ଶରୀର ତୁମେ ମୋ ପାଇଁ ପ୍ରସ୍ତୁତ କରିଅଛ," ଯେପରିକି ମନୁଷ୍ୟ ସଙ୍ଗେ ଏକ ସହଭାଗିତାରେ ବାସ କରନ୍ତି କିମ୍ୱା ତମ୍ବୁରେ ଆବାସ କରନ୍ତି।

528 ପରମେଶ୍ୱର ଅନୁମତି ଦିଅନ୍ତୁ, ଯେତେ ଶୀଘ୍ର ଆମେ ଏଠାରେ ଏହି ପର୍ବ ସାରି ଆଗକୁ ଯାଉ, କିମ୍ୱା ଏହି ପୁସ୍ତକ ସାରି ଆଗକୁ ଯାଉ, ଆମେ ଫେରି ଯାଇ ରୁଥଙ୍କ ପୁସ୍ତକକୁ ନେବାକୁ ଚାହୁଁ ଏବଂ ସେଠାରେ ଏହା ଦେଖାଇବାକୁ ଚାହୁଁ ଯେ ପରମେଶ୍ୱର କିପରି ଆମ ପାଇଁ ନିକଟତମ କୁଟୁମ୍ବୀ ହେଲେ, ଯେପରିକି ଆମମାନଙ୍କ ମଧ୍ୟରୁ ଜଣେ ହୋଇ ଆମ ସହିତ ସହଭାଗୀତା କରିବା ଦ୍ୱାରା ନଷ୍ଟକଳ୍ପ ବିଷୟବସ୍ତୁକୁ ଆପଣାଠାରେ ପୁନର୍ମିଳନ କରାଉଅଛନ୍ତି। ମୁକ୍ତିଦାତା ନିଶ୍ଚିତ ଭାବରେ ନିକଟତମ କୁଟୁମ୍ବୀ ହେବା ଉଚିତ୍, ଏବଂ ଗୋଟିଏ ମାତ୍ର ଉପାୟରେ ପରମେଶ୍ୱର ଆମମାନଙ୍କର ନିକଟତମ କୁଟୁମ୍ବୀ ହୋଇପାରନ୍ତି, ତାହା ହେଲା ଆମ ମଧ୍ୟରୁ ଜଣେ ହେବା। ତେଣୁ, ସେ ଜଣେ ସ୍ୱର୍ଗଦୂତ ହୋଇ ମନୁଷ୍ୟର ନିକଟତମ କୁଟୁମ୍ବୀ ହୋଇପାରନ୍ତି ନାହିଁ।

529 ଗତକାଲି ସନ୍ଧ୍ୟାରେ ଯେତେବେଳେ ମୁଁ ଭଗ୍ନଚୂର୍ଣ୍ଣ-ହୃଦୟ ସେହି ପୁଅ, ମୋର ସାଥୀ ସହିତ କଥାବାର୍ତ୍ତା କରୁଥିଲି, ଯାହାର ମାଆ ଈହ ଜଗତ ଛାଡ଼ି ଚାଲିଯାଇଥିଲେ, କହିଲା, "ଓଃ, ଭାଇ ବିଲ୍, ମୁଁ ଅନୁମାନ କରୁଛି ସେ ଆଜି ରାତିରେ ଜଣେ ସ୍ୱର୍ଗଦୂତ ଅଟନ୍ତି।"

530 ମୁଁ କହିଲି, "ନା, ଆର୍ଲ। ସେ କଦାପି ସ୍ୱର୍ଗଦୂତ ହେବେ ନାହିଁ। ସେ ଆଜି ରାତି, ଜଣେ ମହିଳା ହିଁ ଅଟନ୍ତି, ଠିକ ଯେପରି ପରମେଶ୍ୱର ତାଙ୍କୁ ସୃଷ୍ଟି କରିଥିଲେ, ଏବଂ ସର୍ବଦା ତାହାହିଁ ରହିବେ, କେବେ ବି ଜଣେ ସ୍ୱର୍ଗଦୂତ ହେବେ ନାହିଁ।" ପରମେଶ୍ୱର ଦୂତମାନଙ୍କୁ ସୃଷ୍ଟି କରିଥିଲେ। ସେ କଦାପି ପୁରୁଷମାନଙ୍କୁ ସ୍ୱର୍ଗଦୂତ ହେବା ପାଇଁ ସୃଷ୍ଟି କଲେ ନାହିଁ। ସେ ସ୍ୱର୍ଗଦୂତମାନଙ୍କୁ ଓ ପୁରୁଷମାନଙ୍କୁ ସୃଷ୍ଟି କରିଥିଲେ। ତେଣୁ ପୁରୁଷମାନେ କଦାପି ସ୍ୱର୍ଗଦୂତ ହେବେ ନାହିଁ, ଏବଂ ସ୍ୱର୍ଗଦୂତମାନେ କଦାପି ପୁରୁଷ ହେବେ ନାହିଁ। ପରମେଶ୍ୱର ସେମାନଙ୍କୁ ଭିନ୍ନ ସୃଷ୍ଟି କରିଥିଲେ।

531 ତେବେ, ଆଉ ଏଥିରେ ଯେ ଖ୍ରୀଷ୍ଟ ଦେହବନ୍ତ ହେଲେ ଯେପରିକି ସେ ମନୁଷ୍ୟକୁ ସେହି ବୃହତ ଆର ପାରିରୁ ଯେଉଁଠାରେ ସେ ପତିତ ହୋଇଯାଇଥିଲା ସେହି ସ୍ଥାନରୁ ମୁକ୍ତ କରନ୍ତି, ପୁଣି ଯେ ଅମରତା ପାପ ଦ୍ୱାରା ତଳକୁ ଆସିଥିଲା, ପରମେଶ୍ୱର ତଳକୁ ଓହ୍ଲାଇ ଆସି ଜଣେ ମନୁଷ୍ୟର ରୂପ ଧାରଣ କଲେ, ଓ ସେ ଆମ୍ଭମାନଙ୍କର ନିକଟତମ କୁଟୁମ୍ବୀ ହେଲେ, ଯେପରିକି ସେ ଆମ୍ଭମାନଙ୍କର ପାପ ଓ ମୃତ୍ୟୁକୁ ବହନ କରିପାରନ୍ତି।

532 ଏବଂ ପୂର୍ବ ଶିକ୍ଷାଗୁଡ଼ିକରେ, ଆମେ ଦେଇଥିବା ଏକ ଦୃଷ୍ଟାନ୍ତରେ, କେବଳ ଏକ

ଛୋଟ ପୃଷ୍ଠଭୂମି ଦେଉଅଛି ଯେପରିକି ନବାଗତ ବୁଝିବେ। ପରମେଶ୍ୱର, କାଲବରୀର ତାହାଙ୍କର ମାର୍ଗରେ, ଯେତେବେଳେ ମୃତ୍ୟୁର ନାହୂଡ ତାହାଙ୍କ ଉପରେ ଥିଲା, ଏବଂ ତାହାଙ୍କ ଚାରିପାଖରେ ଗୁଜବ କରୁଥିଲା, ଏବଂ ଅବଶେଷରେ ସେ ତାହାଙ୍କୁ ଦଂଶନ କଲା ଯେ ସେ ମୃତ୍ୟୁବରଣ କଲେ। ସେ ଏପରି ମୃତ୍ୟୁବରଣ କଲେ ଯେ ଏପରିକି ସୂର୍ଯ୍ୟ ପ୍ରକାଶ ଦେବା ଛାଡିଦେଲା। ସେ ଏପରି ମୃତ୍ୟୁବରଣ କଲେ ଯେ ଏପରିକି ଚନ୍ଦ୍ର ଏବଂ ନକ୍ଷତ୍ରଗଣ ସେମାନଙ୍କର ଆଲୋକ ଦେଲେ ନାହିଁ।

533 କାରଣ, ମୃତ୍ୟୁର ସେହି ନାହୂଡକୁ ନିଜ ଭିତରେ ନେବା ପାଇଁ, ତାହାଙ୍କୁ କିପରି ତାହା କରିବାକୁ ପଡିଥିଲା! ଯଦି ସେ ଜଣେ ଅମର ବ୍ୟକ୍ତି ହୋଇଥାନ୍ତେ, ଯଦି ସେ ଥିଓଫାନିରେ ଅର୍ଥାତ୍ ସ୍ୱର୍ଗୀୟ ଶରୀରରେ ଥାଆନ୍ତେ, କିମ୍ବା ଆତ୍ମାରେ ଥାଆନ୍ତେ, ମୃତ୍ୟୁର ତାହା ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଏହାକୁ ତ ଦେହବନ୍ତ ହେବାକୁ ପଡିଥିଲା, ଯେପରିକି ସେ ମୃତ୍ୟୁର ନାହୂଡକୁ ନେଇପାରନ୍ତି। କିନ୍ତୁ ଯେତେବେଳେ ଏକ ମହୁମାଛି କିମ୍ବା ଏକ ପୋକ ଯିଏକି ଦଂଶନ କରେ, ଥରେ ଗଭୀର ଭାବରେ ଦଂଶନ କଲା ଉତ୍ତାରେ, ସେ ଆଉ କଦାପି ଦଂଶନ କରିବ ନାହିଁ। ସେ ତାହାର ନାହୂଡକୁ ସେହି ଶରୀରରେ ଛାଡିଦିଏ। ଏବଂ ତାହାହିଁ ଖ୍ରୀଷ୍ଟ ହୋଇ-…ଅବା ପରମେଶ୍ୱର ହୋଇଥିଲେ। ଖ୍ରୀଷ୍ଟ ଶରୀରରେ ବାସ କଲେ, ଯେପରିକି ସେ ନିଜ ଶରୀରରେ ମୃତ୍ୟୁର ସେହି ନାହୂଡକୁ ନେଇପାରନ୍ତି। ଏବଂ ଯେତେବେଳେ କ୍ରୁଶରେ ମୃତ୍ୟୁ ତାହାଙ୍କଠାରୁ ଦୂରେଇ ଗଲା, ଏହା ତାହାର ନାହୂଡକୁ ଛାଡିଦେଲା, ଏହା ଆଉ ଅଧିକ ଜଣେ ବିଶ୍ୱାସୀଙ୍କୁ ଦଂଶନ କରିପାରିବ ନାହିଁ। ଏହା ଏକ ଗୁଣୁ ଗୁଣୁ ଶବ୍ଦ କରିପାରେ, ଏହା ଏକ ଗୁଜବ ଏବଂ ଏକ ଧମକ ଦେଇପାରେ, କିନ୍ତୁ ଏହା ଦଂଶନ କରିପାରେ ନାହିଁ। ଏହାର କୌଣସି ନାହୂଡ ନାହିଁ।

534 ମହାନ ସାଧୁ ପାଉଲ, ତାଙ୍କର ମୃତ୍ୟୁର ଚଲାପଥରେ, ଚିତ୍କାର କରି କହି ଉଠିଲେ, "ହେ ମୃତ୍ୟୁ, କାହିଁ ତୋର ନାହୂଡ? ଏବଂ କବର, କାହିଁ ତୋର ଜୟ? ମାତ୍ର ପରମେଶ୍ୱରଙ୍କର ଧନ୍ୟବାଦ ହେଉ ଯିଏକି ଆମମାନଙ୍କୁ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ବିଜୟ ପ୍ରଦାନ କରିଅଛନ୍ତି, କାରଣ ଉଭୟ ମୃତ୍ୟୁ ଏବଂ କବର ତାହାର ଶକ୍ତି ହରାଇଅଛି।"

535 ବର୍ତ୍ତମାନ, ତାହାହେଲେ, ଗତ ରବିବାର ଆମେ ନେଇଥିଲୁ, "ଖ୍ରୀଷ୍ଟଙ୍କ ପ୍ରାଥମିକ ଶିକ୍ଷାଗୁଡିକୁ ପରିତ୍ୟାଗ କରି," କ୍ଷେତ୍ର ପର୍ବରେ, ଆମେ ଏହାକୁ ପାଠ କରିଥିଲୁ, "ଆସନ୍ତୁ ସିଦ୍ଧତା ଆଡକୁ ଯାଉ।" ଏବଂ ଆମେ ଜାଣିବାକୁ ପାଇଲୁ ଯେ ଆଜି ଅନେକ ମଣ୍ଡଳୀଗୁଡିକରେ ଥିବା ଲୋକମାନେ, ବ୍ରାନହାମ୍ ଟ୍ୟାବର୍ନେକଲ୍ ସହିତରେ ଏବଂ ଭିନ୍ନ ଭିନ୍ନ ମଣ୍ଡଳୀଗୁଡିକରେ, ଆମେ ଖ୍ରୀଷ୍ଟଙ୍କ ପ୍ରାଥମିକ ଶିକ୍ଷାଗୁଡିକ ଉପରେ ଅଧ୍ୟୟନ କରିବାକୁ ଅଧିକ ସମୟ ଦେଇଥାଉ: ସେ ଅବ୍ରହାମଙ୍କ ପୁତ୍ର ଥିଲେ, ସେ *ଅମୁକ-ଓ-ଅମୁକ* ର—ର ପୁତ୍ର ଥିଲେ, ଏବଂ ସେହିପରି ଭାବରେ ପଛରେ, ବଂଶାନୁକ୍ରମିକ ରହିଛି। ମାତ୍ର ବାଇବଲ କୁହେ, "ଆସନ୍ତୁ ସେହି ବିଷୟଗୁଡ଼ିକୁ ପରିତ୍ୟାଗ କରି, ସିଦ୍ଧତା ଆଡ଼କୁ ଯାଉ।"

536 ପ୍ରଥମେ ଆପଣଙ୍କୁ ଶିକ୍ଷା ସିଦ୍ଧାନ୍ତ ଜାଣିବା ଉଚିତ, ଏବଂ ତାହାପରେ ଆପଣଙ୍କୁ ଏହି ସବୁ ବିଷୟ ଜାଣିବା ଉଚିତ୍; ତେବେ ଆସନ୍ତୁ ସେଗୁଡିକୁ ପୃଥକ ରଖି ଦେଇ, ସେ କହିଲେ, ମୃତମାନଙ୍କର ପୁନରୁତ୍ଥାନ, ହସ୍ତାର୍ପଣ କରିବା, ବାପ୍ତିସ୍ମ ବିଷୟ, ଏବଂ ପରମେଶ୍ୱରଙ୍କର ସେହି ସମସ୍ତ ମୃତ ପ୍ରବନ୍ଧଗୁଡ଼ିକ। ତଥାପି, ସେମାନଙ୍କ—ସେମାନଙ୍କ ଠାରେ କୌଣସି ଜୀବନ ନାହିଁ। ମାତ୍ର ମଣ୍ଡଳୀ ଆଜି କେବଳ ସେହି ବିଷୟଗୁଡିକ ପାଖକୁ ଯାଆନ୍ତି, "ଓଃ, ଆମେ ଖ୍ରୀଷ୍ଟଙ୍କ ପରମେଶ୍ୱରତ୍ୱ ଉପରେ ବିଶ୍ୱାସ କରୁ।" ହଁ। ନିଶ୍ଚିତରେ। "ଆମେ ଜଳ ବାପ୍ତିସ୍ମରେ ବିଶ୍ୱାସ କରୁ।" ହଁ। ନିଶ୍ଚିତରେ। "ହସ୍ତାର୍ପଣ କରିବାରେ।"

537 ପାଉଲ କହିଲେ, "ତେବେ ଆମେ ଏହାସବୁ କରିବା ଯଦି ପରମେଶ୍ୱର ଅନୁମତି ଦିଅନ୍ତି। ମାତ୍ର ସେହି ସବୁ ବିଷୟର ସମ୍ମୁଖରେ, ଆସନ୍ତୁ ବର୍ତ୍ତମାନ ଏହାକୁ ପୃଥକ ରଖିଦେବା, ଏବଂ ସିଦ୍ଧତା ଆଡ଼କୁ ଯିବା।"

538 ତେବେ, ମଣ୍ଡଳୀ ସଂଗଠନଗୁଡିକ ଦ୍ୱାରା ସିଦ୍ଧ କରାଯାଇପାରେ ନାହିଁ। ଏହା ତ ସବୁ ସମୟରେ, ପରମେଶ୍ୱରଙ୍କଠାରୁ ଅଧିକ ଦୂରରକୁ ଚାଲିଯାଏ, କିମ୍ବା ପରସ୍ପରଠାରୁ ଅଧିକ ଦୂରକୁ ଚାଲିଯାଏ। ଆମେ ପ୍ରତିବନ୍ଧକମାନ ଟାଣିଥାଉ, ବିଶ୍ୱାସ ନ ଥିବା ପରି, ଆମେ ନିଜକୁ ପୃଥକ କରି ଦେଇଥାଉ। ମାତ୍ର ତାହାପରେ ଯେତେବେଳେ ଆମେମାନେ ପ୍ରାଥମିକ ଶିକ୍ଷାଗୁଡିକୁ ପରିତ୍ୟାଗ କରି ଦେଇଥାଉ, ଯଦି ଆମେ ସିଦ୍ଧତା ଆଡ଼କୁ ଯାଉ, ତେବେ ସେହି ଛୋଟ ଛୋଟ ବିଷୟଗୁଡ଼ିକ ଆଉ ଅଧିକ ଲାଭପ୍ରଦ ହୋଇ ନ ଥାଏ।

539 ଆମେ ଏକ ସମ୍ପର୍କ ମଧ୍ୟକୁ ଯାଇଥାଉ, ଏବଂ ଆମେ ପାଉ ଯେ ଏକମାତ୍ର ଉପାୟ ଯାହା ଦ୍ୱାରା ଆମେ ସିଦ୍ଧ ହୋଇପାରୁ ତାହା ହେଲା ଖ୍ରୀଷ୍ଟଙ୍କଠାରେ ରହିବା। ଆଉ ବାଇବଲର ଶିକ୍ଷାଗୁଡିକ ଦ୍ୱାରା, ସେତେବେଳେ ଆମେ ପାଉ, ଯେ ଆମେ କିପରି ଖ୍ରୀଷ୍ଟଙ୍କଠାରେ ପ୍ରବେଶ କରିବା; ଜଳ ବାପ୍ତିସ୍ମ ଦ୍ୱାରା ନୁହେଁ, ହସ୍ତାର୍ପଣ କରିବା ଦ୍ୱାରା ନୁହେଁ, ଶିକ୍ଷାଦାନ ଦ୍ୱାରା ନୁହେଁ। "କିନ୍ତୁ ଏକ ଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଥାଉ ଏବଂ ତାହାଙ୍କର ଦୁଃଖଭୋଗ ଦ୍ୱାରା ସିଦ୍ଧ ହୋଇଥାଉ।" ତାହାପରେ, ଆମେ ଭିନ୍ନ ଦେଖାଯାଉ। ଆମେ ଭିନ୍ନ ଚିନ୍ତା କରିଥାଉ। ଆମେ ଭିନ୍ନ ଆଚରଣ କରିଥାଉ। ଆମେ ଭିନ୍ନ ଜୀବନ ଯାପନ କରିଥାଉ। ଏହା ଏଇଥି ପାଇଁ ନୁହେଁ ଯେ ଏହା ଏକ କର୍ତ୍ତବ୍ୟ ଅଟେ କିମ୍ବା ଆମେ ମଣ୍ଡଳୀରେ ସମ୍ପୃକ୍ତ ଅଟୁ, ମାତ୍ର କାରଣ ହେଲା "ପରମେଶ୍ୱରଙ୍କ ସେହି ପ୍ରେମ ଯାହା ସେ ପବିତ୍ରଆତ୍ମାଙ୍କ ଦ୍ୱାରା ଆମମାନଙ୍କ ହୃଦୟରେ ଢାଳି ଦେଇଅଛନ୍ତି," ଯାହାକି ଆମକୁ ପରମେଶ୍ୱରଙ୍କ ରାଜ୍ୟର ସହ ନାଗରିକ ଭାବରେ କରିଥାଏ, ତାହାପରେ ସେଥିରେ କୌଣସି ନାମଧାରୀ ସଂସ୍ଥା କିମ୍ବା ପ୍ରତିବନ୍ଧକ ରହେ ନାହିଁ। ଆମେ ସମସ୍ତେ ଏକ ମହାନ ଶରୀର ଅଟୁ।

540 ବର୍ତ୍ତମାନ ଆମେ ଅଳ୍ପ କିଛି କ୍ଷଣରେ, ସକାଳର ପାଠ୍ୟକ୍ରମରେ ପ୍ରବେଶ କରିବା ନିମନ୍ତେ ପ୍ରସ୍ତୁତ ଅଟୁ। ଆଉ ଗୋଟିଏ ବିଷୟ ଯାହା ମୁଁ ଏଠାରେ କହିବାକୁ ଚାହିଁବି, ତାହା ହେଲା, ଯେ, ପାଉଲ ସେହି ପୁସ୍ତକରେ, ସେହି 7ମ ରେ, କିମ୍ବା, ସେହି ୬ଷ୍ଠ ପର୍ବରେ କହୁଛନ୍ତି, ଆମେ

ଏଠାରେ ଜାଣିବାକୁ ପାଉ ଯେ ଆମେ ଖ୍ରୀଷ୍ଟଙ୍କଠାରେ ସିଦ୍ଧ କରାଯାଇଅଛୁ । ତାହାପରେ ସେହି ଷଷ୍ଠ ପର୍ବର 13ତମ ପଦରେ, ଅଳ୍ପ ଏକ ପୃଷ୍ଠଭୂମି ପାଇଁ ।

> *କାରଣ ପରମେଶ୍ୱର ଯେତେବେଳେ ଅବ୍ରହାମଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ, ସେତେବେଳେ ସେ ଆଉ କୌଣସି ମହତ୍ତର ନାମ ନ ପାଇବାରୁ, ଆପଣ ନାମରେ ଶପଥ କରି କହିଥିଲେ,*

ପରମେଶ୍ୱର ଆପଣା ନାମରେ ଶପଥ କରିଥିଲେ, କାରଣ ସେ ଆଉ କୌଣସି ମହତ୍ତର ନାମ ଦ୍ୱାରା ଶପଥ କରିପାରିଲେ ନାହିଁ ।

541 ତେବେ ଆମେ ଫେରିଯିବାକୁ ଚାହୁଁଛୁ । ଆସନ୍ତୁ କିଛି କ୍ଷଣ ଗାଲାତୀୟ ନିକଟକୁ ଯିବା । ଗାଲାତୀୟ ପୁସ୍ତକକୁ ଯାଆନ୍ତୁ, ଏବଂ ଗାଲାତୀୟ 3:16 କୁ ଦେଖନ୍ତୁ । ଏବଂ ଆମେ ଏଠାରେ ଅଳ୍ପ କିଛି କ୍ଷଣ ପାଠ କରିବା ଯେ, ସେ କାହିଁରେ ଶପଥ କରିଥିଲେ ।

> *ଅବ୍ରହାମ ଓ ତାହାଙ୍କ ସନ୍ତାନ ପ୍ରତି ପ୍ରତିଜ୍ଞା ଉକ୍ତ ହୋଇଥିଲା । ଅନେକଙ୍କୁ ଲକ୍ଷ୍ୟ କରି ସନ୍ତାନମାନଙ୍କୁ ବୋଲି କୁହାଯାଏ ନାହିଁ, କିନ୍ତୁ ଜଣଙ୍କୁ, ଅର୍ଥାତ ଖ୍ରୀଷ୍ଟଙ୍କୁ,... କରି ତୁମ୍ଭର ସନ୍ତାନ ବୋଲି କୁହାଯାଏ ।*

542 ବର୍ତ୍ତମାନ ଯଦି ଆପଣ ଧ୍ୟାନ ଦେବେ, ଯେତେବେଳେ ଆପଣ ପାଠ କରନ୍ତି, ତେବେ ଧ୍ୟାନ ସହକାରେ ପାଠ କରନ୍ତୁ ।

> *...ଅବ୍ରହାମ ଏବଂ ତାହାଙ୍କ ସନ୍ତାନ* (ଏକବଚନ) *ପ୍ରତି ପ୍ରତିଜ୍ଞାସମୂହ* (ବହୁବଚନ) *ଉକ୍ତ ହୋଇଥିଲା ।*

543 "ଅବ୍ରହାମ ଏବଂ ତାହାଙ୍କ ସନ୍ତାନ ।" ତେବେ, ଅବ୍ରହାମଙ୍କ ସନ୍ତାନ ତ ଏକ ହିଁ ଥିଲା, ଯାହାକି ଖ୍ରୀଷ୍ଟ ଥିଲେ; ପୂର୍ବ ପ୍ରତିରୂପକ ଭାବେ, ଇସ୍‌ହାକଠାରେ ।

କିନ୍ତୁ ଅବ୍ରହାମଙ୍କର ଅନେକ ସନ୍ତାନ ଥିଲେ । ଇସ୍‌ହାକ ଜନ୍ମ ହେବା ପୂର୍ବରୁ ତାଙ୍କର ଗୋଟିଏ ଥିଲା, ଯିଏକି ସେହି ସ୍ଖଳନକୁ ଦର୍ଶାଉଥିଲା ଯାହା ସାରାଙ୍କ ଅବିଶ୍ୱାସ ହେତୁ ହୋଇଥିଲା ଯିଏକି ଏହା ଭାବି ଯେ ସେ ଅତି ବୃଦ୍ଧ ଅଟନ୍ତି, ଚାହିଁଥିଲେ ଯେ ହାଗ୍ନା ସେହି ସନ୍ତାନଟିକୁ ଜନ୍ମ କରୁ, ଏବଂ ପରମେଶ୍ୱର ସେହି ମାର୍ଗକୁ ଅଣଦେଖା କରନ୍ତୁ ଓ ତାହା ସାଧନ କରିବା ନିମନ୍ତେ କରିଥିବା ପ୍ରତିଜ୍ଞା ଅପେକ୍ଷା ଅନ୍ୟ କୌଣସି ଉପାୟ କରନ୍ତୁ ବୋଲି ଚାହିଁଥିଲେ ।

544 କିନ୍ତୁ ପରମେଶ୍ୱର ତାହାଙ୍କର ପ୍ରତିଜ୍ଞାକୁ ରକ୍ଷା କରନ୍ତି । ଏହା ଯେତେ ଅଯୁକ୍ତିକର ମନେ ହେଉ ନା କାହିଁକି, ପରମେଶ୍ୱର ତାହାଙ୍କର ପ୍ରତିଜ୍ଞା ପ୍ରତି ବାଧ୍ୟ ଅଟନ୍ତି । ଏବଂ ସାରା ଭାବିଲେ ଯେ ବୋଧହୁଏ ସେ ହାଗ୍ନାକୁ ନେଇପାରନ୍ତି, କିମ୍ବା, ହାଗାରକୁ, ତାଙ୍କର ଦାସୀକୁ, ବରଂ, ଯେ ଅବ୍ରହାମଙ୍କ ଦ୍ୱାରା ଏକ ସନ୍ତାନକୁ ପ୍ରସବ କରିବ, ଆଉ ସେ ତାହାକୁ କୋଳ କରିବେ । ଆଉ ତାହା ଇଶ୍ମାଏଲ ହେଲା, ଯାହାକି ଦେହରେ ଏକ କଣ୍ଟା ସ୍ୱରୂପ ଥିଲା, ସେହି ଦିନଠାରୁ ବର୍ତ୍ତମାନ

ପର୍ଯ୍ୟନ୍ତ। ଆଜି ସୁଦ୍ଧା ଦେହରେ ଏକ କଣ୍ଟା ସ୍ୱରୂପ ଅଟନ୍ତି, କାରଣ ସେଥିରୁ ଆରବମାନେ ବାହାରିଲେ, ଏବଂ ସେମାନେ ସର୍ବଦା ସେହିପରି ହିଁ ରହି ଆସିଛନ୍ତି।

545 ତେବେ, ଯେକୌଣସି ସମୟରେ ଯେତେବେଳେ ଆପଣ ପରମେଶ୍ୱରଙ୍କ ସୀଧାସଳଖ ବାକ୍ୟକୁ ଅବିଶ୍ୱାସ କରନ୍ତି ଏବଂ ଅନ୍ୟ କୌଣସି ଉପାୟକୁ ଅବଲମ୍ବନ କରନ୍ତି, ସେହି ସମୟଠାରୁ ତାହା ଆପଣଙ୍କର ଦେହରେ ଏକ କଣ୍ଟା ସ୍ୱରୂପ ହୋଇଯିବ। ଆପଣ କେବଳ ତାହା ଗ୍ରହଣ କରନ୍ତୁ ଯାହା ପରମେଶ୍ୱର କହିଛନ୍ତି। ଯଦି ସେ ଏହା କହିଛନ୍ତି, ତେବେ ତାହାହିଁ କେବଳ ଏହାର ଅର୍ଥ ଅଟେ। ଓଃ, ତାହାଙ୍କର ନାମ ଧନ୍ୟ ହେଉ! କେବଳ ତାହାଙ୍କର ବାକ୍ୟକୁ ଗ୍ରହଣ କରନ୍ତୁ।

546 ଏଥିରେ କୌଣସି ଫରକ୍ ପଡ଼େ ନାହିଁ ଯେ କଅଣ କହି ଅଣଦେଖା କରିବାକୁ ଚେଷ୍ଟା କରେ, କୁହନ୍ତୁ, "ତେବେ, ଏହାର ଅର୍ଥ ପ୍ରକୃତରେ ତାହା ନୁହେଁ।" ଏହାର ଅର୍ଥ ଠିକ କେବଳ ତାହାହିଁ ଅଟେ ଯାହାକି ଏହା କୁହେ, ଯେତେବେଳେ ପରମେଶ୍ୱର ଏକ ପ୍ରତିଜ୍ଞାକୁ କରନ୍ତି।

547 ତେବେ ଯଦି ଆମେମାନେ ଧ୍ୟାନ ସହକାରେ ଦେଖିବା।

*...ଅବ୍ରହାମ ଓ ତାହାଙ୍କ ସନ୍ତାନ ପ୍ରତି ପ୍ରତିଜ୍ଞାସମୂହ...*

ଗୋଟିଏ ହେଲା ସନ୍ତାନ, ଏକବଚନ, ଏବଂ ଅନ୍ୟଟି ହେଲା ପ୍ରତିଜ୍ଞାମାନ। ସେଠାରେ ଏକରୁ ଅଧିକ ପ୍ରତିଜ୍ଞା ଅଛି, ଏବଂ ଏକରୁ ଅଧିକ ବ୍ୟକ୍ତି ଅଛନ୍ତି ଯାହାକି ଅବ୍ରହାମଙ୍କ ସନ୍ତାନରେ ଅନ୍ତର୍ଭୁକ୍ତ। ବୁଝିଲେ? ଗୋଟିଏ ସନ୍ତାନ ଅଛି, କିନ୍ତୁ ଏହି ସନ୍ତାନର ଅନେକ ଲୋକ ଅଛନ୍ତି। ବୁଝିଲେ? ସେମାନେ କେବଳ ଅବ୍ରହାମ କିମ୍ବା କେବଳ ଇସ୍‌ହାକ ହିଁ ନ ଥିଲେ। ମାତ୍ର ସେହି... ଏହା ଅବ୍ରହାମଙ୍କର ସମସ୍ତ ସନ୍ତାନ ପ୍ରତି ଥିଲା। ସେହି ପ୍ରତିଜ୍ଞାଗୁଡିକ ସେହି ସନ୍ତାନର ପ୍ରତ୍ୟେକ ଓ ସମସ୍ତ ବ୍ୟକ୍ତିଗତ ସନ୍ତାନକୁ କରାଯାଇଥିଲା। ଆପଣ ତାହା ବୁଝିଲେ କି?

548 ଅତଏବ, ଶାସ୍ତ୍ର ଅନୁଯାୟୀ, ଆମ୍ଭେମାନେ, ଖ୍ରୀଷ୍ଟଙ୍କଠାରେ ମୃତ ହୋଇ, ଆମେ ଅବ୍ରହାମଙ୍କ ସନ୍ତାନ ଭାବରେ ଗ୍ରହଣୀୟ ହେଉ ଏବଂ ପ୍ରତିଜ୍ଞା ଅନୁଯାୟୀ ଅଧିକାରୀ ଅଟୁ। ମଣ୍ଡଳୀରେ ଯୋଗ ଦେବା ଦ୍ୱାରା ନୁହେଁ, କିମ୍ବା ମୃତ ପ୍ରବନ୍ଧଗୁଡିକୁ ପାଳନ କରିବା ଦ୍ୱାରା ନୁହେଁ, କିମ୍ବା—କିମ୍ବା ଅନ୍ୟାନ୍ୟ ପ୍ରଭୃତି ଦ୍ୱାରା ନୁହେଁ। ମାତ୍ର ଖ୍ରୀଷ୍ଟଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇ, ଆମେ ଅବ୍ରହାମଙ୍କ ସନ୍ତାନ ଅଟୁ, ଏବଂ ତାହାଙ୍କ ସହିତ ରାଜ୍ୟରେ ସହ ଅଧିକାରୀ ଅଟୁ।

549 ତାହାପରେ ଆମେ ଆଗକୁ, ପାଠ କରିବାକୁ ଯାଉ, ତେବେ, ବର୍ତ୍ତମାନ ଅଳ୍ପ ଟିକିଏ ଆଗକୁ, "ପରମେଶ୍ୱର ଶପଥ କରୁଛନ୍ତି।" ବର୍ତ୍ତମାନ ସେହି ୧୭ ପର୍ବର 17ତମ ପଦ।

*ଏଣୁ ପରମେଶ୍ୱର, ପ୍ରତିଜ୍ଞାର ଅଧିକାରୀମାନଙ୍କ ନିକଟରେ...*

*...ପରମେଶ୍ୱର, ପ୍ରତିଜ୍ଞାର ଅଧିକାରୀମାନଙ୍କ ନିକଟରେ ଆପଣା, ସଂକଳ୍ପର ଅଟଳତା ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରିବାକୁ ଇଚ୍ଛା କରି ପ୍ରତିଜ୍ଞା ସହ ଶପଥ ମଧ୍ୟ କରିଥିଲେ:*

550 ଓଃ, ଆସନ୍ତୁ ତେବେ ଅଳ୍ପ କିଛି ମିନିଟ୍ ବିଶ୍ରାମ କରିବା। "ପରମେଶ୍ୱର ଅଧିକ ଇଚ୍ଛା କଲେ।" ଏହା ନୁହେଁ ଯେ ତାହାଙ୍କୁ କରିବାକୁ ପଡିଥିଲା, ମାତ୍ର ଏହାକୁ ଏକ ଦୃଢୀକୃତ ବିଷୟ କରିବା ନିମନ୍ତେ।

551 ତେବେ, ଆମେମାନେ ପାଇସାରିଛୁ ଯେ ପରମେଶ୍ୱର ଦେହବନ୍ତ ହେଲେ, ଆମ ମଧ୍ୟରେ ବାସ କଲେ, କିପରି ସେ ଆପଣାକୁ ଜଗତ ପ୍ରତି ପ୍ରକାଶିତ କଲେ। ଯେତେବେଳେ ସେ ସେହି ସ୍ତ୍ରୀଲୋକକୁ ବ୍ୟଭିଚାରରେ ପାଇଥିଲେ, କହିଲେ, "ମୁଁ ତୁମକୁ—ମୁଁ ତୁମକୁ ଦୋଷ ଦିଏ ନାହିଁ। ଯାଅ, ଆଉ କେବେ ପାପ କର ନାହିଁ।" ଯେତେବେଳେ ସେ ରୋଗୀମାନଙ୍କୁ ପାଇଥିଲେ, ସେ ଠିକ୍ ସେହିପରି ଭାବରେ କାର୍ଯ୍ୟ କଲେ ଯେପରି ତାହାଙ୍କୁ କରିବାର ଥିଲା, କାରଣ ସେ ପରମେଶ୍ୱର ଥିଲେ, ଏବଂ ସେ—ସେ ରୋଗୀମାନଙ୍କୁ ସୁସ୍ଥ କଲେ। ସେ ମୃତମାନଙ୍କୁ ଉଠାଇଲେ। ସେ ପାପଗୁଡ଼ିକୁ କ୍ଷମା କଲେ। ଏଥିରେ ଯାଏ ଆସେ ନାହିଁ ଯେ ସେମାନେ କିପରି ଥିଲେ, ଏବଂ କେତେ ଥିଲେ, ଆଉ କେତେ ପଶ୍ଚାତଗମନକାରୀ ଥିଲେ, ଯଦି ସେମାନେ ଆସି ଏହା ପଚାରିବାକୁ ଇଚ୍ଛୁକ ଥିଲେ, ସେ ସେମାନଙ୍କୁ, ଯେକୌଣସି ଉପାୟରେ ବି କ୍ଷମା କଲେ।

552 ତେବେ ଧ୍ୟାନ ଦିଅନ୍ତୁ। ଯଦି ପରମେଶ୍ୱର ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଏକ ପ୍ରକାରେ ଆଚରଣ କରିଥିଲେ, ଆଉ ଯଦି ସେହି ସମାନ ପରିସ୍ଥିତି ପୁନର୍ବାର ଉତ୍ପନ୍ନ ହୁଏ, ତାହାହେଲେ ଦ୍ୱିତୀୟ ଥର ମଧ୍ୟ ତାହାଙ୍କୁ ସେହିପରି ହିଁ ଆଚରଣ କରିବାକୁ ପଡିବ ଯେପରି ସେ ପ୍ରଥମ ଥର କରିଥିଲେ ଅନ୍ୟଥା ସେ ଅନ୍ୟାୟୀ ଅଟନ୍ତି। ବୁଝିଲେ? ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ ପାପରେ କେତେ ଖରାପ ଭାବରେ ପଡ଼ି ରହିଛନ୍ତି, ଆପଣ କେତେ ଅଧୋପତିତ ହୋଇପାରନ୍ତି, ତେବେ ତାହାଙ୍କୁ ତ ଆପଣଙ୍କ ପ୍ରତି ସେହିପରି ହିଁ ଆଚରଣ କରିବାକୁ ପଡିବ ଯେପରି ସେ ସେହି ପତିତ ସ୍ତ୍ରୀଲୋକ ସହିତ କରିଥିଲେ ଅନ୍ୟଥା ସେ ସେତେବେଳେ ଭୁଲ୍ ଆଚରଣ କରିଥିଲେ। ପରମେଶ୍ୱରଙ୍କ ଆଚରଣ ହିଁ ହେଉଛି ତାହାଙ୍କର ବ୍ୟକ୍ତିତ୍ୱ, ଏବଂ ଯାହା ସେ ତାହାଙ୍କର ଆଚରଣରେ ରହିଥାଆନ୍ତି ତାହାହିଁ ତାହାଙ୍କର ବ୍ୟକ୍ତିତ୍ୱକୁ ଘୋଷଣା କରେ।

553 ଏବଂ ଆପଣ ଠିକ ସେହିଭଳି ହିଁ ଅଟନ୍ତି, ଆପଣଙ୍କ ଜୀବନର ଆଚରଣରେ, ତାହା ଜଣାଇଥାଏ ଯେ ଆପଣ କଅଣ ଅଟନ୍ତି। ଯେପରିକି ଆମେ କରିଥିଲୁ ଏବଂ ତାହା ଦେଇ ଯାଇଥିଲୁ, ଏକ ଶିକ୍ଷା ବା ଦୁଇ ପୂର୍ବରୁ, ମେଥୋଡିଷ୍ଟ ଲୋକମାନେ ଘୋଷଣା କରିବାକୁ ଚାହୁଁଥିଲେ, "ଯେତେବେଳେ ଆପଣ ଚିତ୍କାର କଲେ, ଆପଣ ତାହା ପାଇଲେ।" ପେଣ୍ଟିକଷ୍ଟାଲ୍ କୁହନ୍ତି, "ଯେତେବେଳେ ଆପଣ ପରଭାଷାରେ କଥାବାର୍ତ୍ତା କଲେ, ଆପଣ ଏହା ପାଇଲେ।" କମ୍ପନ କରୁଥିବା ଦଳ କୁହନ୍ତି, "ଯେତେବେଳେ ଆପଣ କମ୍ପମାନ ହେଲେ, ଆପଣ ତାହା ପାଇଲେ," ପେନ୍‌ସିଲ୍‌ଭାନିଆ କମ୍ପନ ସମୂହ। ଏବଂ ଆମେ ପାଇଲୁ ଯେ ସେମାନେ ସମସ୍ତେ ଭୁଲ୍ ଅଟନ୍ତି। ଆପଣଙ୍କର ଜୀବନ ଏହା ଘୋଷଣା କରେ। ଆପଣଙ୍କର ବ୍ୟକ୍ତିତ୍ୱ ତାହା ଘୋଷଣା କରେ ଯେ ଆପଣ କଅଣ ଅଟନ୍ତି। ଜଣେ ବ୍ୟକ୍ତି ନିଜର କାର୍ଯ୍ୟ ଦ୍ୱାରା ଜଣାଯାଏ, ଏବଂ ଯାହାକିଛି ଆପଣଙ୍କର ଜୀବନ ଅଟେ।

554 ଆପଣ ସେହି ପୁରୁଣା କାହାଣୀ ଶୁଣିଥିବେ, "ଆପଣଙ୍କର ଜୀବନ ଏତେ ଉଚ୍ଚ ସ୍ୱରରେ ଚିତ୍କାର କରିଥାଏ ଯେ, ମୁଁ ଆପଣଙ୍କର ଶବ୍ଦ ଶୁଣିପାରେ ନାହିଁ।" ତେଣୁ ଆପଣ ଯାହାକିଛି ବି ଅଟନ୍ତି, ଆପଣ ଅଟନ୍ତି। ଆପଣ ଯେଉଁ ପ୍ରକାର ଜୀବନ ଯାପନ କରନ୍ତି ତାହାହିଁ ଏହା ଦର୍ଶାଏ ଯେ ଆପଣଙ୍କ ଭିତରେ କେଉଁ ପ୍ରକାରର ଏକ ଆତ୍ମା ଅଛି।

555 ଏବଂ ତାହାପରେ ଆପଣ ଭୁଲ୍ ବିଷୟକୁ ନକଲ କରିପାରନ୍ତି, କିମ୍ବା, ସଠିକ୍ ବିଷୟକୁ ନକଲ କରିପାରନ୍ତି, ଯଦି ମୁଁ ତାହା ସେପରି କହିପାରେ। ଆପଣ ଜଣେ ଖ୍ରୀଷ୍ଟିଆନର ନକଲ କରିପାରନ୍ତି। ମାତ୍ର ସେଠାରେ ହେବ, ଯାଉ-ଏବଂ-ଯାଉ, ଏପରି ଏକ ସମୟ ଆସିବ ଯେତେବେଳେକି ସେହି ଚାପ ପଡ଼ିବ, ତାହାପରେ ଏହା ଦେଖାଇବ ଯେ ଆପଣ କଅଣ ଅଟନ୍ତି। ଗୋଟିଏ ଶିଙ୍କୁଳୀ ତାର ସବୁଠୁଁ ଦୁର୍ବଳ କଡିରେ ସର୍ବାଧିକ ଶକ୍ତିଶାଳୀ ଥାଏ।

556 ଯେତେବେଳେ ପରମେଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟଙ୍କୁ ପରୀକ୍ଷାରେ ପକାଗଲା, ସେତେବେଳେ ତାହା ଦେଖାଇଲା ଯେ ସେ କିଏ ଥିଲେ। ନିଶ୍ଚିତରେ। ଯେତେବେଳେ ଆପଣ ପରୀକ୍ଷାରେ ପକାଯାଆନ୍ତି, ତାହା ପ୍ରମାଣ କରିବ ଯେ ଆପଣ କିଏ ଅଟନ୍ତି। ଆପଣଙ୍କର ଜୀବନ ସବୁବେଳେ ଏହା ପ୍ରତିଫଳିତ କରେ ଯେ ଆପଣଙ୍କ ଭିତରର କଅଣ ଅଛି। ଯାଉ-ଓ-ଯାଉ, ଏଥିରେ ସୁନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କର ପାପ ଆପଣଙ୍କୁ ଖୋଜି ବାହାର ନ କରେ। ଏବଂ ତାହା ହିଁ ଯାହା ଆମେ କହିବାକୁ ଚେଷ୍ଟା କରୁଅଛୁ।

557 ଯୀଶୁ କହିଥିଲେ, ସାଧୁ ଯୋହନ 5:24 ରେ, "ଯିଏ ଶୁଣେ," ସେ ନୁହେଁ ଯିଏକି କମ୍ପିତ ହୁଏ, ଯିଏ କୁହେ, ସେ ଯିଏକି..."ଯିଏ ମୋହର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଆଉ କଦାପି ବିଚାରକୁ ଆସିବ ନାହିଁ; ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି।"

558 ଏହା ଆପଣଙ୍କର ବିଶ୍ୱାସ ଅଟେ। ଏବଂ ଆପଣଙ୍କର ବିଶ୍ୱାସ, ଆପଣଙ୍କ ଓଠ ଦ୍ୱାରା ସ୍ୱୀକାର କରାଯାଇ, ସେହି ଲୋକମାନଙ୍କଠାରେ ପ୍ରକାଶିତ ହୁଏ ଯେଉଁମାନେକି ଶୁଣିପାରନ୍ତି, ମାତ୍ର ଆପଣଙ୍କର ଜୀବନ ସମସ୍ତଙ୍କ ଆଗରେ ଉନ୍ମୁକ୍ତ ଅଟେ। ତେଣୁ, ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଆପଣ କେତେ *ଏହା* ଆଚରଣ କରିବାକୁ ଏବଂ *ଏହା* କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତି, ଏହା କଦାପି କାମ କରିବ ନାହିଁ। ଏହାକୁ ତ ଆପଣଙ୍କ ଭିତରେ ରହିବାକୁ ଅଛି। ତାହା ହେଉଛି ସମଗ୍ର କାହାଣୀର ପ୍ରକୃତ ମୂଳ ବିଷୟ। ପୁନରୁତ୍ଥିତ ଖ୍ରୀଷ୍ଟଙ୍କ ଉପରେ ଆପଣଙ୍କର ବ୍ୟକ୍ତିଗତ ବିଶ୍ୱାସ, ନିଜର ତ୍ରାଣକର୍ତ୍ତା ଭାବରେ; ଯେ ସେ ପରମେଶ୍ୱରଙ୍କ ଡାହାଣ ପଟରେ ରହି, ଆଜି ସକାଳେ ଆପଣଙ୍କ ସ୍ଥାନରେ କାର୍ଯ୍ୟ କରୁଅଛନ୍ତି, ଯେପରିକି ଆପଣ ଏଠାରେ ତଳେ ଜଣେ ସାକ୍ଷୀ ଭାବରେ ରହି ତାହାଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ଜଣେ ସାକ୍ଷୀକୁ କାହାରି ବଦଳରେ କାର୍ଯ୍ୟ କରିବାକୁ ହୁଏ, ଆପଣଙ୍କ ନିମନ୍ତେ ଜଣେ ସାକ୍ଷୀ ଭାବରେ ଛିଡା ହେବାକୁ ହୁଏ। ଏବଂ ଯେପରିକି ଆପଣଙ୍କ ଜୀବନ ଏଠାରେ ତାହା ପ୍ରତିଫଳିତ କରେ ଯାହାକି ଖ୍ରୀଷ୍ଟଙ୍କଠାରେ ଆପଣଙ୍କର ସାକ୍ଷ୍ୟ ଅଟେ, ଏହା ସେଠାରେ ପ୍ରତିଫଳିତ ହୁଏ ଏବଂ ଏହା

ଏଠାରେ ପ୍ରତିଫଳିତ ହୁଏ । ଏବଂ ସେ ସେଠାରେ ଉପରେ ଅଛନ୍ତି, ସେହି ଭାବରେ ଯାହା ସେ ଆପଣଙ୍କ ପାଇଁ ଅଟନ୍ତି, ତାହା ଉଭୟ ସେଠାରେ ଏବଂ ଏଠାରେ ପ୍ରତିଫଳିତ ହୁଏ । ତେଣୁ ଆପଣ ଅଟନ୍ତି...ଆପଣଙ୍କ ବିଶ୍ୱାସ ଦ୍ୱାରା, ଆପଣ ପରିତ୍ରାଣ ପାଇଛନ୍ତି, ଏବଂ ଏକାକୀ ତାହା ଦ୍ୱାରା । ତେଣୁ, ସମ୍ବେଦନାମାନ, ଭାବନାମାନ, ଅନୁଭୁତିମାନ, ଯେକୌଣସି ବିଷୟର, ଏଥିରେ ଆଦୌ କୌଣସି ସ୍ଥାନ ନାହିଁ । ତେବେ, ନୁହେଁ...

559 ତେବେ, ଭୁଲ ଭାବନ୍ତୁ ନାହିଁ, ଯେ ମୁଁ ଏହି ଭାବନାଗୁଡିକରେ ବିଶ୍ୱାସ କରେ ନାହିଁ । ନିଶ୍ଚିତ ଭାବରେ । ମାତ୍ର ଆମେ ବର୍ତ୍ତମାନ ଯେଉଁ ବିଷୟରେ ଅଛୁ, ଏହି ଦିନର ଲୋକମାନଙ୍କ ଭିତରେ ଏହାକୁ ନିମଜ୍ଜିତ କରିବାକୁ ଚେଷ୍ଟା କରୁଅଛୁ, ତାହା ଭାବନାମାନ ନୁହେଁ । ଶୟତାନ ସେହି ବିଷୟଗୁଡ଼ିକୁ ନେଇ ଲୋକମାନଙ୍କୁ ପାଗଳ କରିଦେଇଛି, ସେମାନଙ୍କୁ ଏକ ଭାବନା ଉପରେ ସେମାନଙ୍କର ଅନନ୍ତ ଗନ୍ତବ୍ୟସ୍ଥଳକୁ ଆଧାର କରିବାକୁ ଦେଇଛି । ପାଟି କରିବା, ପରଭାଷାରେ କଥା କହିବା, ପ୍ରତି ରବିବାର ଦିନ ଗୀର୍ଜାକୁ ଯିବା, ଜଣେ ଖ୍ରୀଷ୍ଟିଆନ ପରି ଆଚରଣ କରିବା, ତାହା ସବୁ ସେହି ଦିନ କୌଣସି ପ୍ରଭାବ ପକାଇବ ନାହିଁ । "ଯେପର୍ଯ୍ୟନ୍ତକି ଜଣେ ମନୁଷ୍ୟ ନୂତନ ଭାବେ ଜନ୍ମ ନ ହୁଏ ।" ଏବଂ ଆପଣଙ୍କର ଜୀବନ ତାହା ପ୍ରତିଫଳିତ କରେ ଯାହା ଆପଣ ଭିତରେ ଅଟନ୍ତି, ଦେଖନ୍ତୁ, ଆପଣଙ୍କର ଭାବନାମାନ ନୁହେଁ ।

560 ଆପଣଙ୍କର ହାତରେ ରକ୍ତ ଆସିପାରେ, ଆପଣ ପରଭାଷାରେ କଥା କହିପାରନ୍ତି, ଆପଣ ରୋଗୀମାନଙ୍କୁ ସୁସ୍ଥ କରିପାରନ୍ତି, ଆପଣ ନିଜ ବିଶ୍ୱାସରେ ପର୍ବତଗୁଡ଼ିକୁ ଘୁଞ୍ଚାଇ ପାରନ୍ତି, ଏବଂ ତଥାପି ଆପଣ କିଛି ନୁହଁନ୍ତି । ପ୍ରଥମ କରିନ୍ଥୀୟ 13 । ବୁଝିଲେ? ଏହା ତ ଏକ ଜନ୍ମ ଦ୍ୱାରା ଏପରି କିଛି ଘଟିବାକୁ ଅଛି ଯାହାକି ପରମେଶ୍ୱରଙ୍କଠାରୁ ଆସିଥାଏ, ଏବଂ ପରମେଶ୍ୱର ଆପଣଙ୍କ ଭିତରେ ନୂତନ ଜନ୍ମକୁ ଆଣନ୍ତି, ଏବଂ ଆପଣଙ୍କୁ ନିଜର ଏକ ଅଂଶ ଦିଅନ୍ତି । ତାହାପରେ ସେହି ବିଷୟଗୁଡ଼ିକ ଅଟେ । ଆପଣ ଏକ ନୂତନ ସୃଷ୍ଟି ଅଟନ୍ତି । "ମୁଁ ସେମାନଙ୍କୁ ଅନନ୍ତ ଦିଏ ।"

561 ଆମେ ସେହି ଶବ୍ଦ "ଅନନ୍ତ" ଦେଇ ଗଲୁ । *ଚିରକାଳ* ହେଉଛି "ସମୟର ଏକ ଅନ୍ତରାଳ ।" *ଅନନ୍ତତା* ହେଉଛି ଚିରକାଳ, ଚିରକାଳ ଏବଂ ଚିରକାଳ, କିନ୍ତୁ ସେଠାରେ କେବଳ ଗୋଟିଏ ଅନନ୍ତତା ଅଛି । ଆଉ ଆମେ ପାଇଲୁ ଯେ ଆପଣ ଅନନ୍ତ ଜୀବନ ଗ୍ରହଣ କରନ୍ତି, ଏବଂ ଗ୍ରୀକ୍ ଭାଷାରେ ଶବ୍ଦଟି ହେଉଛି *ଜୋଇ*, ଯାହାର ଅର୍ଥ "ପରମେଶ୍ୱରଙ୍କ ଜୀବନ ।" ଏବଂ ଆପଣ ପରମେଶ୍ୱରଙ୍କ ଜୀବନର ଏକ ଅଂଶକୁ ଗ୍ରହଣ କରନ୍ତି, ଯାହାକି ଆପଣଙ୍କୁ ପରମେଶ୍ୱରଙ୍କ ଏକ ଆତ୍ମିକ ପୁତ୍ର କରି ଗଢିଥାଏ, ଆଉ ଆପଣ ସେତିକି ଚିରନ୍ତନ ହୋଇଯାଆନ୍ତି ଯେତିକି ଚିରନ୍ତନ ପରମେଶ୍ୱର ଅଟନ୍ତି । ଆପଣଙ୍କର କୌଣସି ଅନ୍ତ ନ ଥାଏ, ଶେଷ ହୋଇଯିବାର କୌଣସି ସ୍ଥାନ ନ ଥାଏ, କାରଣ ଆପଣଙ୍କର ଆରମ୍ଭ କରିବାର କୌଣସି ସ୍ଥାନ ନ ଥିଲା । ଯେକୌଣସି ବିଷୟ ଯାହାରକି ଆରମ୍ଭ ଅଛି ତାହାର ଏକ ଅନ୍ତ ଅଛି, ଏବଂ ଯାହାର ଏକ ଆରମ୍ଭ ନାହିଁ ତାହାର କୌଣସି ଅନ୍ତ ହିଁ ନାହିଁ ।

562 କିପରି ଆମେ ସେହି ମୂଲ୍ୟବାନ ବାକ୍ୟକୁ ପ୍ରେମ କରୁ! କିପରି ସେହି ଖ୍ରୀଷ୍ଟିଆନକୁ ସେହି ବିଶ୍ବାସରେ ପ୍ରତିଷ୍ଠିତ ହେବା ଉଚିତ ଯାହାକି ସାଧୁମାନଙ୍କ ନିକଟରେ ଏକା ଥରକେ ସମର୍ପିତ ହୋଇଥିଲା, ଏବଂ ବିଭିନ୍ନ ମଣ୍ଡଳୀରେ ଯୋଗଦେବା, ପୁଣି ଏହି ସ୍ଥାନରୁ ସେହି ସ୍ଥାନକୁ, ଇତସ୍ତତଃ ହେବାର ଉଚିତ୍ ନ ଥିଲା। ଯେକୌଣସି ମଣ୍ଡଳୀରେ ଆପଣ ରହିବାକୁ ଚାହୁଁଛନ୍ତି ତାହା ଠିକ୍ ଅଟେ, ଯେପର୍ଯ୍ୟନ୍ତକି ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି। କିନ୍ତୁ ପ୍ରଥମେ ପ୍ରଥମ ବିଷୟଟିକୁ ରଖନ୍ତୁ, ଯାହା ହେଉଛି ସେହି ଜନ୍ମ ଯାହାକି ଆପଣଙ୍କୁ ପରମେଶ୍ବରଙ୍କର ନିକଟତମ ସମ୍ପର୍କୀୟ କରି ଗଢିଥାଏ, ଯେପରିକି ପରମେଶ୍ବର ଆପଣଙ୍କ ସହିତ ନିକଟତମ ସମ୍ପର୍କୀୟ ହୋଇଥିଲେ।

563 ସେ ନିକଟତମ ସମ୍ପର୍କୀୟ ହେଲେ, ଯେପରିକି ସେ ଆପଣଙ୍କୁ ଉଠାଇ ପାରନ୍ତି। ଏହା ପୂର୍ବେକି ସେ ଆପଣଙ୍କୁ ଉଠାଇ ପାରନ୍ତି, ତାହାଙ୍କୁ ଆପଣଙ୍କ ପାଇଁ ଅନନ୍ତ ଜୀବନ ଦେବାକୁ ଅଛି। ତାହାପରେ ପରମେଶ୍ବରଙ୍କୁ ନିକଟତମ ସମ୍ପର୍କୀୟ ହେବାକୁ ଥିଲା, ଯେପରିକି ମୃତ୍ୟୁକୁ ନିଅନ୍ତି, ଓ ଆପଣଙ୍କୁ ଉଠାନ୍ତି। ତାହାପରେ ପୁନରୁତ୍ଥାନରେ ଯିବାକୁ ହେଲେ, ଆପଣଙ୍କୁ ତାହାଙ୍କର ନିକଟତମ ସମ୍ପର୍କୀୟ ହେବାକୁ ଆବଶ୍ୟକ ଅଟେ। ଆପଣ ଦେଖୁଛନ୍ତି ଏହା କଅଣ ଅଟେ? ଏହା କେବଳ ଏକ ଅଦଳବଦଳ ଅଟେ। ପରମେଶ୍ବର ଆପଣ ହୋଇଗଲେ, ଯେପରିକି ଆପଣ ପରମେଶ୍ବର ହୋଇପାରନ୍ତି। ବୁଝିଲେ? ପରମେଶ୍ବର ଆପଣଙ୍କର ଏକ ଅଂଶ ହୋଇଗଲେ, ମାଂସମୟ ଦେହରେ, ଯେପରିକି ଆପଣ ତାହାଙ୍କର ଅନୁଗ୍ରହ ଦ୍ବାରା ତାହାଙ୍କର ଏକ ଅଂଶ ହୋଇପାରନ୍ତି, ତାହାହିଁ ସମସ୍ତ କିଛି ଅଟେ, ଅନନ୍ତ ଜୀବନ ପାଇବା ନିମନ୍ତେ।

564 ଏକ ସୁନ୍ଦର ଚିତ୍ର କେବଳ, ଏବଂ, ଓଃ, ଆମେ ଏହାକୁ ଭଲପାଉ।

*ଏଣୁ, ପରମେଶ୍ବର, ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରିବାକୁ ଇଚ୍ଛା କରି…*

565 କରିବାକୁ ପଡିଲା ତାହା ନୁହେଁ, କିନ୍ତୁ ସେ ଇଚ୍ଛୁକ ହେଲେ। ମୁଁ ଏଥିପାଇଁ ବହୁତ ଆନନ୍ଦିତ, କଅଣ ଆପଣ ନୁହଁନ୍ତି କି, ଯେ ଆମର ପରମେଶ୍ବର ଇଚ୍ଛୁକ ଅଟନ୍ତି? ଦେଖନ୍ତୁ। କଅଣ ହୁଅନ୍ତା ଯଦି ସେ—କଅଣ ହୁଅନ୍ତା ଯଦି ସେ ଦୀର୍ଘସହିଷ୍ଣୁ ହୋଇ ନ ଥାଆନ୍ତେ? ଆତ୍ମାଙ୍କର ଫଳ କଅଣ ଅଟେ? ପ୍ରେମ, ଆନନ୍ଦ, ବିଶ୍ବାସ, ଶାନ୍ତି, ଦୀର୍ଘସହିଷ୍ଣୁତା। ତାହା ହେଉଛି ପରମେଶ୍ବରଙ୍କର ଏକ ଅଂଶ ଯାହାକି ଆପଣଙ୍କ ଭିତରେ ଅଛି। ଏବଂ ପରସ୍ପରର ଜଣେ ଅନ୍ୟର ଭାରକୁ ସହ୍ୟ କରିପାରନ୍ତି, ସହ୍ୟ କରିନିଅନ୍ତି। ପରସ୍ପରକୁ କ୍ଷମା କରନ୍ତି, ଯେପରିକି ପରମେଶ୍ବର ଖ୍ରୀଷ୍ଟଙ୍କ ନିମନ୍ତେ ଆପଣମାନଙ୍କୁ କ୍ଷମା କରିଛନ୍ତି। ଆପଣଙ୍କ ଭିତରେ ଥିବା ପରମେଶ୍ବରଙ୍କ ଆତ୍ମା ଆପଣଙ୍କୁ ସେହିପରି ଭାବରେ କାମ କରାଏ। ଏବଂ ତାହାପରେ ଯେତେବେଳେ ପରମେଶ୍ବର ଏଠାରେ ପୃଥିବୀରେ ଥିଲେ ଏବଂ ଆପଣ ହୋଇଗଲେ, ପାପ ହୋଇଗଲେ, ଯେପରିକି ସେ ଆପଣଙ୍କର ପାପକୁ ଗ୍ରହଣ କରିବା ଦ୍ବାରା, ତାହାକୁ ଆପଣଙ୍କ ନିମନ୍ତେ ବହନ କଲେ ଏବଂ ଏଥିପାଇଁ ଆପଣଙ୍କର ମୂଲ୍ୟ ପରିଶୋଧ କଲେ। ପରମେଶ୍ବର ଦୀର୍ଘସହିଷ୍ଣୁ ହୋଇ, ଆମର

ଭାରଗୁଡିକୁ ସହ୍ୟ କରୁଅଛନ୍ତି ।

566 ଏବଂ ତାହାପରେ ସେ ଜଣେ ଭଲ ପରମେଶ୍ୱର ଅଟନ୍ତି । ଯଦି ଆପଣ କେତେକ ବିଷୟଗୁଡିକୁ, ନିଜ ହିସାବରେ ଚାହୁଁଥାଆନ୍ତି, ଆପଣ ଜାଣନ୍ତି, ପରମେଶ୍ୱର ତାହା କରିବା ପାଇଁ ଯଥେଷ୍ଟ ଭଲ ଅଟନ୍ତି । ସେ ଆପଣଙ୍କୁ—ଙ୍କୁ ଖୁସି କରିବାକୁ ଭଲ ପାଆନ୍ତି । ସେ ଚାହାଁନ୍ତି…ସେ—ସେ ପ୍ରେମ ଅଟନ୍ତି, ଏବଂ ତାହାଙ୍କର ମହାନ ପ୍ରେମ ବେଳେ ବେଳେ ତାହାଙ୍କୁ ଏପରିକି ତଳକୁ ଓହ୍ଲାଇବାକୁ ମଧ୍ୟ ବାଧ୍ୟ କରେ, ଯେପରିକି ଆପଣ ଚାହୁଁଥିବା ବିଷୟଗୁଡିକ ଆପଣ ପାଇପାରନ୍ତି ।

567 ପୁନରୁତ୍‌ଥାନ ପରେ, ଥୋମାଙ୍କୁ ଦେଖନ୍ତୁ । ଥୋମା ବିଶ୍ୱାସ କରୁ ନ ଥିଲେ । ଓଃ, ଆଜି ତାଙ୍କର ଅନେକ ସନ୍ତାନମାନେ ରହିଛନ୍ତି । ମାତ୍ର ଥୋମା କହିଲେ, “ନା । ନା । ମୋର କିଛି ପ୍ରମାଣ ରହିବାକୁ ଅଛି । ମୋତେ ତାହାଙ୍କ ପାର୍ଶ୍ୱରେ ମୋର ହାତ ପୂରାଇବାକୁ ଅଛି, ଏବଂ ତାହାଙ୍କଠାରେ…ମୋର ଆଙ୍ଗୁଳିଗୁଡିକୁ ତାହାଙ୍କ ହାତରେ ପୂରାଇବାକୁ ଅଛି, ଏହା ପୂର୍ବେକି ମୁଁ ବିଶ୍ୱାସ କରିବି । ମୁଁ, ମୁଁ ଖାତିର କରେ ନାହିଁ ଯେ ତୁମେ କଅଣ କହୁଅଛ ।” ଦେଖନ୍ତୁ, ସେ ଠିକ ସେଠାରେ, ଶାସ୍ତ୍ରର ସମସ୍ତ କ୍ରମରୁ ବାହାରେ ଥିଲେ । ଆପଣଙ୍କୁ ତ ଏହାକୁ ବିଶ୍ୱାସ କରିବାକୁ ଅଛି । ତେଣୁ ସେ କହିଥିଲେ, “ଏହାକୁ ପ୍ରମାଣ କରିବା ପାଇଁ, ମୋ ପାଖରେ କୌଣସି କିଛି ପ୍ରକାରର ପ୍ରମାଣ ରହିବା ଆବଶ୍ୟକ ।”

568 ଆଉ ଯୀଶୁ ଦେଖାଦେଲେ, ସେ ଉତ୍ତମ ଅଟନ୍ତି, “ଆସ, ଥୋମା, ଯଦି ତୁମେ ତାହା ହିଁ ଚାହଁ, ତେବେ, ଏଠାରେ ତୁମେ ଅଟ । ତୁମେ ଏହା ପାଇପାର ।”

569 ଠିକ ସେହି ପ୍ରକାରେ ହେଉଛୁ ଆମେ । ଆମେ କହୁ, “ପ୍ରଭୁ, ମୋତେ ପରଭାଷାରେ କଥା କହିବାକୁ ଅଛି । ମୋତେ—ମୋତେ ଚିତ୍କାର କରିବାକୁ ଅଛି । ମୋତେ କରିବାକୁ…”

570 “ଓଃ, ତେବେ ଯାଅ, ମୁଁ ତୁମକୁ ତାହା କରିବାକୁ ଦିଏ ।” ସେ ଉତ୍ତମ ଅଟନ୍ତି ।

571 ତେଣୁ ସେ ନିଜର ହାତକୁ ତାହାଙ୍କ ପାର୍ଶ୍ୱରେ ପୂରାଇଲେ, ତାହାପରେ ସେ କହିଲେ, “ଓଃ, ଏହା ମୋର ପ୍ରଭୁ ଏବଂ ମୋର ପରମେଶ୍ୱର ଅଟନ୍ତି ।”

572 ସେ କହିଲେ, “ତେବେ, ଥୋମା, ଯେହେତୁ ତୁମେ ଦେଖିଲ ତୁମେ ବିଶ୍ୱାସ କରୁଅଛ । ମାତ୍ର ସେମାନଙ୍କର ପୁରସ୍କାର କେତେ ବଡ଼, ଯେଉଁମାନଙ୍କରକି କୌଣସି ପ୍ରମାଣ ନାହିଁ ଆଉ ତଥାପି ଏହାକୁ ବିଶ୍ୱାସ କରନ୍ତି!” ସେଠାରେ ଆପଣ ଅଛନ୍ତି । ସେହିଠାରେ ହିଁ ଆମକୁ ପହଞ୍ଚିବା ଆବଶ୍ୟକ । “ସେମାନଙ୍କର ପୁରସ୍କାର କେତେ ବଡ଼, ଯେଉଁମାନେକି କିଛି ଦେଖି ନାହାଁନ୍ତି କିନ୍ତୁ ତଥାପି ଏହାକୁ ବିଶ୍ୱାସ କରନ୍ତି ।” ଏହା ତ ଏକ ବିଶ୍ୱାସର ଏକ କାର୍ଯ୍ୟ ଅଟେ, ଯେ ଆମେ ତାହାକୁ ଗ୍ରହଣ କରୁ ।

573 ତେବେ, ମୁଁ ଚିହ୍ନଗୁଡିକୁ ବିଶ୍ୱାସୀମାନଙ୍କର ଅଣୁକାରୀ ହେବା ବିଷୟକୁ ବିଶ୍ୱାସ କରେ, ମାତ୍ର ଆସନ୍ତୁ ପ୍ରଥମେ ଆମେ ପ୍ରଥମ ବିଷୟଗୁଡ଼ିକୁ ରଖିବା । ଏହା ବିନା ମଧ୍ୟ, ଆପଣମାନେ ଚିହ୍ନଗୁଡିକୁ ପାଇପାରନ୍ତି । ପାଉଲ କହିଲେ ତୁମେମାନେ ପାଇ ପାର । ସେ କହିଲେ, “ମୁଁ

ଉଭୟ ପୁରୁଷ ଏବଂ ସ୍ୱର୍ଗଦୂତମାନଙ୍କ ପରି ପରଭାଷାରେ କଥା କହିପାରେ; ମୁଁ କିଛି ନୁହେଁ । ମୁଁ ମୋର ବିଶ୍ୱାସ ଦ୍ୱାରା ପର୍ବତଗୁଡ଼ିକୁ ଘୁଞ୍ଚାଇପାରେ; ମୁଁ କିଛି ନୁହେଁ । ମୁଁ ବାଇବଲକୁ ବୁଝିପାରେ, ଏହିପରି ଭାବରେ ଯେ ମୁଁ ପରମେଶ୍ୱରଙ୍କ ସମସ୍ତ ନିଗୂଢ ସଂକଳ୍ପକୁ ଜାଣିପାରେ; ମୁଁ କିଛି ନୁହେଁ ।" ଦେଖନ୍ତୁ, ତାହା ପବିତ୍ରଆତ୍ମା ବିନା, ପବିତ୍ରଆତ୍ମାର ଦାନଗୁଡିକ ଅଟେ ।

574 ପବିତ୍ରଆତ୍ମା ହେଉଛନ୍ତି ପରମେଶ୍ୱର । ପରମେଶ୍ୱର ହେଉଛନ୍ତି ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଭଦ୍ରତା, ଧୈର୍ଯ୍ୟ । ତାହା ହେଉଛି ପରମେଶ୍ୱରଙ୍କ ଆତ୍ମା । ତାହାହିଁ ହେଉଛି ଯାହାକି ଶେଷ ଦିନରେ ପରମେଶ୍ୱର, ସେହି ଆତ୍ମା ଦ୍ୱାରା ଉଠାନ୍ତି ।

575 ତେବେ, "ଇଚ୍ଛୁକ ନୁହଁନ୍ତି…"

> …*ପରମେଶ୍ୱର,* ପ୍ରତିଜ୍ଞାର *ଅଧିକାରୀମାନଙ୍କ ନିକଟରେ ଆପଣା ସଂକଳ୍ପର ଅଟଳତା* ଅଧିକ *ସ୍ପଷ୍ଟ ଭାବରେ* ପ୍ରକାଶ *କରିବାକୁ*ଇଚ୍ଛା *କରି…*

> …*ପରମେଶ୍ୱର,…ଅଧିକାରୀମାନଙ୍କ ନିକଟରେ* ଅଧିକ…ପ୍ରକାଶ *କରିବାକୁ* ଇଚ୍ଛା *କରି…*

ଅଧିକାରୀମାନେ କିଏ ଅଟନ୍ତି? "ଆମେ, ଖ୍ରୀଷ୍ଟଙ୍କଠାରେ ମୃତ ହୋଇ, ଅବ୍ରହାମଙ୍କ ସନ୍ତାନ ଭାବରେ ଗ୍ରହଣ କରାଯାଉ, ଏବଂ ଅଧିକାରୀ ଅଟୁ ।" ଓଃ, କଅଣ ତାହା ନିମଜ୍ଜିତ ହେଉଛି କି? ଆମେ ଶପଥ କରାଯାଇଥିବା ପ୍ରତିଜ୍ଞା ଜରିଆରେ, ପରମେଶ୍ୱରଙ୍କ ରାଜ୍ୟର ଅଧିକାରୀ ଅଟୁ । ପରମେଶ୍ୱରଙ୍କୁ ଶପଥ କରିବାକୁ ପଡିଲା ନାହିଁ । ତାହାଙ୍କର ବାକ୍ୟ ସିଦ୍ଧ ଅଟେ । ମାତ୍ର ସେ, ମଧ୍ୟ, ନିଜ ନାମରେ ଶପଥ କରିଥିଲେ, କାରଣ ଅନ୍ୟ କେହି ମହତ୍ତର ନ ଥିଲେ ।

576 ଯେତେବେଳେ ଆମେ ଆଗକୁ ପାଠ କରୁ, ଅଳ୍ପ କିଛି କ୍ଷଣ, ଶୁଣନ୍ତୁ ।

> …ଆପଣା *ସଂକଳ୍ପର ଅଟଳତା ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରିବାକୁ ଇଚ୍ଛା କରି, ପ୍ରତିଜ୍ଞା ସହ ଶପଥ ମଧ୍ୟ କରିଥିଲେ:*

577 "ଅଟଳତା," ସେହି ଅପରିବର୍ତ୍ତନୀୟ । ପରମେଶ୍ୱର ପରିବର୍ତ୍ତନ ହୋଇପାରନ୍ତି ନାହିଁ । ତାହାଙ୍କୁ ତ ସମାନ ରହିବାକୁ ଅଛି । ଏବଂ ପରମେଶ୍ୱର ଯଦି ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ସୁସ୍ଥ କରନ୍ତି, ତେବେ ସେ ତାହାଙ୍କର ମନୋଭାବକୁ ପରିବର୍ତ୍ତନ କରିପାରନ୍ତି ନାହିଁ । ପରମେଶ୍ୱର ଜଣେ ପାପୀକୁ, ଜଣେ ବେଶ୍ୟାକୁ କ୍ଷମା କରନ୍ତି, ସେ କେବେହେଲେ ତାହାଙ୍କର ମନୋଭାବକୁ ପରିବର୍ତ୍ତନ କରିପାରନ୍ତି ନାହିଁ । ସେହି ଅଟଳତା, ପରମେଶ୍ୱରଙ୍କ ବାକ୍ୟର ଅପରିବର୍ତ୍ତନୀୟତା । ପରମେଶ୍ୱର ଗୋଟିଏ ସ୍ଥାନରେ, କହିଲେ, "ମୁଁ ସେହି ପ୍ରଭୁ ଯିଏକି ତୁମର ସମସ୍ତ ରୋଗକୁ ସୁସ୍ଥ କରେ ।" ତାହାଙ୍କୁ ତ ତାହା ସହିତ ରହିବାକୁ ଅଛି, କାରଣ ସେ ଅସୀମ ଅଟନ୍ତି । ସେ ତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜାଣିଥିଲେ ।

578 ତେବେ, ମୁଁ କହିପାରେ, "ମୁଁ *ଏହା* କରିବି।" ଏବଂ ବାଇବଲ କୁହେ, ଆମେ କହିବା ଉଚିତ୍, "ଯଦି ପ୍ରଭୁଙ୍କର ଇଚ୍ଛା ହୁଏ।" କାରଣ, ମୁଁ ଜଣେ ମର୍ତ୍ତ୍ୟ ଅଟେ। ମୁଁ ଜାଣି ନାହିଁ। ବେଳେବେଳେ ମୋତେ ମୋର ଶବ୍ଦକୁ ଫେରାଇ ନେବାକୁ ପଡିଥାଏ, ମାତ୍ର ପରମେଶ୍ୱର ନିଜର ଫେରାଇ ନେଇପାରନ୍ତି ନାହିଁ। ସେ ପରମେଶ୍ୱର ଅଟନ୍ତି।

579 ଏବଂ ସେ କେବଳ ଗୋଟିଏ କଥା ଅନୁରୋଧ କଲେ, "ଯଦି ତୁମେ ବିଶ୍ୱାସ କରିପାରିବ।" ଓଃ ମୋର ପ୍ରଭୁ! "ଯଦି ତୁମେ ବିଶ୍ୱାସ କରିପାରିବ, ସବୁ ବିଷୟ ସମ୍ଭବ।" "ଯଦି ତୁମେ ବିଶ୍ୱାସ କରିପାରିବ," ଖାଲି ଏତିକି। "ତୁମେ, ଯଦି ତୁମେ," ସେଠାରେ ସେହି ପ୍ରଶ୍ନ ଅଛି। ମାତ୍ର ପ୍ରଶ୍ନଟି ପରମେଶ୍ୱରଙ୍କ ବାକ୍ୟ ଉପରେ ନୁହେଁ, କାରଣ, ତାହାଙ୍କର ଅଟଳତା, ସେ ପରିବର୍ତ୍ତନ ହୋଇପାରନ୍ତି ନାହିଁ। କେଡେ ଅଦ୍ଭୁତ!

580 ତେବେ ଶୁଣନ୍ତୁ, ଯେତେବେଳେ ଆମେ ତଳକୁ ପାଠ କରୁ।

> *ଯେପରି ଯେଉଁ ଦୁଇ ଅପରିବର୍ତ୍ତନୀୟ ବିଷୟରେ, ପରମେଶ୍ୱରଙ୍କ ମିଥ୍ୟା କହିବା ଅସମ୍ଭବ,...*

ଅସମ୍ଭବ! ଏକ ଅସମ୍ଭବତା ଏବଂ ଅପରିବର୍ତ୍ତନୀୟତା ପ୍ରାୟତଃ ସମାନ ଶବ୍ଦ ଅଟେ; ପରିବର୍ତ୍ତନ ହୋଇପାରେ ନାହିଁ, ଟଳିପାରେ ନାହିଁ। ଏହାକୁ ତ ଚିରଦିନ ପାଇଁ ସମାନ ରହିବାକୁ ହେବ। ପରିବର୍ତ୍ତନ ହୋଇପାରିବ ନାହିଁ, ସେହି ଅପରିବର୍ତ୍ତନୀୟତା ଏବଂ ଅସମ୍ଭବତା।

> ଯେପରି ଯେଉଁ ଦୁଇ, *ଅପରିବର୍ତ୍ତନୀୟ ବିଷୟରେ, ପରମେଶ୍ୱରଙ୍କ ମିଥ୍ୟା କହିବା ଅସମ୍ଭବ,...*

"ଆମର ଦୁଇଟି ବିଷୟ ଅଛି କି?" ହଁ। ପ୍ରଥମେ, ତାହାଙ୍କର ବାକ୍ୟ କହିଲା ଯେ ସେ ଏହା କରିବେ। ଦ୍ୱିତୀୟଟି ହେଲା ଏହା ଉପରେ ତାହାଙ୍କର ଶପଥ, ଯେ ସେ ତାହା କରିବେ। ଓଃ, ମୋର ପ୍ରଭୁ!

581 ଆମେ କେଉଁ ପ୍ରକାରର ଲୋକ ହେବା ଉଚିତ୍? ଆମେ କାହିଁକି ଇତସ୍ତତଃ ହୋଇ ଏଆଡେ ସେଆଡେ ଦୌଡିବା, ଏବଂ ଜଗତର ବିଷୟଗୁଡିକୁ ଗ୍ରହଣ କରିବା ଓ ଏହି 1957 ମସିହାର ଧାରାପ୍ରବାହ-ଖ୍ରୀଷ୍ଟିଆନ ଧର୍ମ ପରି ଆଚରଣ କରିବା? ଆମେ ତ ସେହି ପୁରୁଣା-କାଳିଆ ପ୍ରକାରର ହେବାକୁ ଚାହୁଁଅଛୁ ଯିଏକି ପରମେଶ୍ୱରଙ୍କୁ ତାହାଙ୍କର ବାକ୍ୟରେ ଗ୍ରହଣ କରେ, ଏବଂ ସେହି ବିଷୟଗୁଡ଼ିକୁ ଯାହାକି ନ ଥାଏ, ସେଗୁଡିକୁ ଥିଲା ପରି ଡାକିଥାଏ। "ଯଦି ପରମେଶ୍ୱର ଏହା କହିଛନ୍ତି, ଏହା ତାହାକୁ ସମାଧାନ କରେ।"

582 ଅବ୍ରହାମ, ଯାହାଙ୍କୁକି ପ୍ରତିଜ୍ଞା ଦିଆଯାଇଥିଲା, ତାହାଙ୍କୁ ଓ ତାହାଙ୍କର ସନ୍ତାନକୁ, ସେ ସେହି ବିଷୟଗୁଡ଼ିକୁ ଯାହାକି ନ ଥିଲା, ଏପରି ଡାକିଥିଲେ ଯେପରିକି ସେଗୁଡ଼ିକ ଥିଲା। କାରଣ, ଏହା ପରମେଶ୍ୱରଙ୍କ ପ୍ରତିଜ୍ଞା ଥିଲା, ଏହା ଜାଣି ଯେ ପରମେଶ୍ୱର ମିଛ କହିପାରନ୍ତି ନାହିଁ। ସେ ତାହାଙ୍କୁ ତାହା ପ୍ରତିଜ୍ଞା କରିଥିଲେ, ଏବଂ ସେ ଏହାକୁ ବିଶ୍ୱାସ କରିଥିଲେ। ଏବଂ

ଯେପରି ବର୍ଷ ଗଡ଼ି ଚାଲିଲା, ଆଉ ପ୍ରାକୃତିକ ଆଖିକୁ, ସେହି ପ୍ରତିଜ୍ଞାଟି ଆହୁରି ଦୂରେଇ ଯିବା ଭଳି ମନେ ହେଉଥିଲା, ମାତ୍ର ଏହା ଅବ୍ରହାମଙ୍କ ପାଇଁ ନିକଟତର ହେଉଥିଲା।

583 ଦୁର୍ବଳ ହେବା ପରିବର୍ତ୍ତେ, ଓ ଏହା କହିବା ପରିବର୍ତ୍ତେ, "ଠିକ୍, ବୋଧହୁଏ ଈଶ୍ୱରୀୟ ଆରୋଗ୍ୟତା ଭଳି କୌଣସି ବିଷୟ ନାହିଁ। ବୋଧହୁଏ ମୁଁ କେବଳ ଯାଉଛି-...ବୋଧହୁଏ ସେପରି ଏକ ବିଷୟ କିଛି ନାହିଁ। ହୋଇପାରେ ଯେ ମୁଁ ମୋର ସମସ୍ତ ଧାରଣାରେ ଭୁଲ୍ ଅଟେ।" ତେବେ, ତାହା ଗୋଟିଏ ବିଷୟ ଦର୍ଶାଏ, ଯେ ଆପଣ ନୂତନ ଭାବରେ ଜନ୍ମ ହୋଇ ନାହାଁନ୍ତି। "କାରଣ ଏହା..."

584 ଆମେ ଗତ ରବିବାର ତାହା ଦେଖିଥିଲୁ, ଏହି ପର୍ବର ଟିକିଏ ପଛକୁ। "କାରଣ ଯେଉଁମାନେ ଥରେ ଆଲୋକ ପ୍ରାପ୍ତ ହୋଇଅଛନ୍ତି, ସ୍ୱର୍ଗୀୟ ଦାନର ଆସ୍ୱାଦ ପାଇଅଛନ୍ତି ଏବଂ ବିଭିନ୍ନ ବିଷୟମାନ, ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ ମନଃପରିବର୍ତ୍ତନ ନିମନ୍ତେ ସେମାନଙ୍କୁ ପୁନର୍ବାର ନୂତନ କରାଇବା ଅସାଧ୍ୟ।" ନିଶ୍ଚିତରେ, ସମ୍ପୂର୍ଣ୍ଣ ଅସାଧ୍ୟ!

> ଯେକେହି *ପରମେଶ୍ୱରଙ୍କଠାରୁ ଜାତ* ସେ *ପାପ କରେ* ନାହିଁ ଓ କରିପାରେ *ନାହିଁ; କାରଣ* ପରମେଶ୍ୱରଙ୍କ *ବୀଜ ତାହାଠାରେ* ରହେ*: ଆଉ ସେ ପାପ କରିପାରେ ନାହିଁ,...*

ପରମେଶ୍ୱରଙ୍କ ବୀଜ ହେଉଛି ପରମେଶ୍ୱରଙ୍କ ବାକ୍ୟ। "ବିଶ୍ୱାସ ଶ୍ରବଣରୁ ଆସେ, ବାକ୍ୟ ଶ୍ରବଣ ଦ୍ୱାରା ଆସେ, 'ବଳିଦାନଟି କରାଯାଇଥିଲା। ଏହା ସବୁ ସମାପ୍ତ କଲା।'"

585 ବର୍ତ୍ତମାନ, ଯଦି ଆପଣ ଭୁଲ୍ କରନ୍ତି, ପରମେଶ୍ୱର ଆପଣଙ୍କୁ ଏଥିପାଇଁ ମୂଲ୍ୟ ପରିଶୋଧ କରାଇବେ। ମାତ୍ର ଯଦି ଆପଣ କରନ୍ତି, ଆପଣ ଭୁଲ୍ ଅଟନ୍ତି, ଆପଣ ତାହା ଜାଣିଶୁଣି କରନ୍ତି ନାହିଁ। 10ମ ପର୍ବ, 47ତମ ପଦ, ମୁଁ ବିଶ୍ୱାସ କରେ, "କାରଣ ସତ୍ୟ ଜ୍ଞାନ ଲାଭ କରିବା ପରେ ଯଦି ଆମ୍ଭେମାନେ ସ୍ୱେଚ୍ଛାପୂର୍ବକ ପାପ କରୁଥାଉ।" ମାତ୍ର ଆପଣ ଥରେ ଜନ୍ମ ହେବା ପରେ, ଆପଣଙ୍କ ପାଖରେ ସତ୍ୟ ରହିଥାଏ; ତାହା ବିଷୟକ ଜ୍ଞାନ ନୁହେଁ, ମାତ୍ର ଆପଣ ସତ୍ୟକୁ ଗ୍ରହଣ କରିଥାଆନ୍ତି ଏବଂ ଏହା ଏକ ବାସ୍ତବିକତା ହୋଇଥାଏ। ଏବଂ ଆପଣ ସମୟ ଓ ଅନନ୍ତକାଳ ପାଇଁ, ପରମେଶ୍ୱରଙ୍କ ଜଣେ ସନ୍ତାନ ଅଟନ୍ତି। ପରମେଶ୍ୱର ଶପଥ କରିଥିଲେ ଯେ ସେ ତାହା କରିବେ।

586 ଯୀଶୁ କହିଲେ, "ଯିଏ ମୋହର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଏବଂ ମୁଁ ତାକୁ ଶେଷ ଦିନରେ ପୁନରୁତ୍ଥିତ କରିବି। ସେ କଦାପି ବିଚାରକୁ ଆସିବ ନାହିଁ। ସେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି।" ତେବେ ସେହିଭଳି ଏକ ଶପଥ ସହିତ, "ପରମେଶ୍ୱର ଇଚ୍ଛା କରନ୍ତି ଯେ ଆମେ ଏହାକୁ ଗ୍ରହଣ କରୁ।"

587 ତେବେ ଦେଖନ୍ତୁ ଯେ ସେ ଏଠାରେ କଅଣ କହୁଛନ୍ତି, ପାଉଲ ଏଠାରେ ମଣ୍ଡଳୀ କୁ—କୁ କହୁଛନ୍ତି।

*...ପରମେଶ୍ୱରଙ୍କ ମିଥ୍ୟା କହିବା ଅସମ୍ଭବ, ଆମ୍ଭେମାନେ ଦୃଢ ଉତ୍ସାହ* ପ୍ରାପ୍ତ ହେଉ,...

ଏହା ନୁହେଁ ଯେ, "ତେବେ, ଯଦି ବାପ୍‌ଟିଷ୍ଟମାନେ ମୋ ସହିତ ଠିକ୍ ଭାବେ ବ୍ୟବହାର କରନ୍ତି ନାହିଁ, ମୁଁ ମେଥୋଡିଷ୍ଟମାନଙ୍କ ପାଖକୁ ଚାଲିଯିବି ।" ବୁଝିଲେ?

*...ତଦ୍ଦ୍ୱାରା ସମ୍ମୁଖସ୍ଥ ଭରସାକୁ ଧରିବା ନିମନ୍ତେ ଆଶ୍ରୟସ୍ଥଳକୁ ପଳାୟନ* କରିଅଛୁ *ଯେ ଆମ୍ଭେମାନେ, ଆମ୍ଭେମାନେ ଦୃଢ ଉତ୍ସାହ* ପ୍ରାପ୍ତ *ହେଉ:*

588 ବର୍ତ୍ତମାନ ଅନ୍ତିମ ପଦ ପଢ଼ିବାରେ ।

*ଯେଉଁ ଭରସା ଆମ୍ଭମାନଙ୍କ ଆତ୍ମାର ଲଙ୍ଗରସ୍ୱରୂପ,...*

ସେହି *ଭରସା,* ପରମେଶ୍ୱରଙ୍କ ପ୍ରତିଜ୍ଞାତ ଶପଥ, *ଆମ୍ଭମାନଙ୍କ ଆତ୍ମାର ଲଙ୍ଗରସ୍ୱରୂପ, ତାହା ବିଚ୍ଛେଦବସ୍ତ୍ରାବୃତ ସ୍ଥାନରେ ପ୍ରବେଶ କରି, ଉଭୟ ଦୃଢ଼ ଓ ଅଟଳ ହୋଇଅଛି;*

589 ଆସନ୍ତୁ ଏକ ମୁହୂର୍ତ୍ତକ ପାଇଁ "ବିଚ୍ଛେଦବସ୍ତ୍ର" ଉପରେ କହିବା । ଗତ ରବିବାର ରାତିରେ ଆମେ ଏହାକୁ ଅଧିକ ଭଲ ଭାବେ ଦେଖିପାରି ନ ଥିଲୁ ।

590 "ବିଚ୍ଛେଦବସ୍ତ୍ର ଭିତରେ ।" ବିଚ୍ଛେଦବସ୍ତ୍ର ହେଉଛି ସେହି ଶରୀର । ବିଚ୍ଛେଦବସ୍ତ୍ର ହିଁ ତାହା ଅଟେ ଯାହାକି ଆମକୁ ଏହି ମଣ୍ଡଳୀରେ, ପରମେଶ୍ୱରଙ୍କୁ, ମୁହାଁମୁହିଁ ଦେଖିବାରୁ ବଞ୍ଚିତ ରଖିଥାଏ । ବିଚ୍ଛେଦବସ୍ତ୍ର ହିଁ ତାହା ଅଟେ ଯାହାକି ଆମକୁ ଆଜି ସକାଳେ ଆସନଗୁଡିକ ପାଖରେ ଛିଡ଼ା ହୋଇଥିବା, ସେହି ସ୍ୱର୍ଗଦୂତମାନଙ୍କୁ ସେମାନଙ୍କର ଯଥା ସ୍ଥାନରେ ରହିଥିବା ବିଷୟକୁ ଦେଖିବାରୁ ବଞ୍ଚିତ କରେ । ବିଚ୍ଛେଦବସ୍ତ୍ର ହିଁ ତାହା ଅଟେ ଯାହାକି ଆମକୁ ତାହାଙ୍କୁ ଦେଖିବାରୁ ବଞ୍ଚିତ କରେ । ଆମେ ସେହି ବିଚ୍ଛେଦବସ୍ତ୍ର ପଛରେ ଲୁଚି ରହିଛୁ, ଏବଂ ସେହି ବିଚ୍ଛେଦବସ୍ତ୍ରଟି ହେଉଛି ମାଂସମୟ ଶରୀର । ଆମେ ପରମେଶ୍ୱରଙ୍କ ପୁତ୍ର ଓ ପୁତ୍ରୀଗଣ, ଆମେ ପରମେଶ୍ୱରଙ୍କ ଉପସ୍ଥିତିରେ ଅଛୁ, "ପରମେଶ୍ୱରଙ୍କ ଦୂତମାନେ ତାହାଙ୍କର ଭୟକାରୀମାନଙ୍କ ଚାରିପଟେ ଛାଉଣି କରନ୍ତି ।" ଆମେ ସବୁବେଳେ, ପରମେଶ୍ୱରଙ୍କ ଉପସ୍ଥିତିରେ ଅଛୁ । "ମୁଁ ତୁମକୁ କେବେ ଛାଡିବି ନାହିଁ, କିମ୍ବା ମୁଁ ତୁମକୁ କେବେ ପରିତ୍ୟାଗ କରିବି ନାହିଁ । ମୁଁ ସର୍ବଦା ତୁମ ସହିତ ରହିବି, ଏପରିକି ଶେଷ ପର୍ଯ୍ୟନ୍ତ ।" ମାତ୍ର ବିଚ୍ଛେଦବସ୍ତ୍ର ହେଉଛି ମାଂସମୟ ଶରୀର, ଯାହାକି ଆମକୁ ତାହାଙ୍କ ଉପସ୍ଥିତିରୁ ଦୂରେଇ ରଖେ । ମାତ୍ର ସେହି ପ୍ରାଣ, ସେହି ଆତ୍ମା, ଆମର ବିଶ୍ୱାସ ଦ୍ୱାରା ଆମେ ଜାଣୁ ଯେ ସେ ଆମକୁ ଦେଖୁଅଛନ୍ତି । ସେ ଆମ ପାଖରେ ଛିଡ଼ା ହୋଇଅଛନ୍ତି । ସେ ବର୍ତ୍ତମାନ ଏଠାରେ ଅଛନ୍ତି ।

591 ଦୋଥାନରେ, ଦିନେ ସକାଳେ, ଜଣେ ବୃଦ୍ଧ ଭବିଷ୍ୟଦ୍‌ବକ୍ତା ଏକ ସୈନ୍ୟବାହିନୀ ଦ୍ୱାରା ଚତୁର୍ପାର୍ଶ୍ୱରେ ଘେରା ଯାଇଥିଲେ ଏବଂ ତାଙ୍କର ସେବକ ବାହାରକୁ ଯାଇ କହିଲା, "ହେ ପିତା, ସମଗ୍ର ଦେଶ ପରଦେଶୀୟମାନଙ୍କ ଦ୍ୱାରା ଘେରା ଯାଇଅଛି ।"

592 ଏବଂ ଏଲିୟ ଉଠି, କହିଲେ, "କାହିଁକି, ପୁଅ, ସେମାନଙ୍କ ସହିତରେ ଯେତିକି ଅଛନ୍ତି ତାହା ଅପେକ୍ଷା ଅଧିକ ଆମ ସହିତରେ ଅଛନ୍ତି।"

593 ତେବେ, ସେ ନିଜର ଆଖି ଦଳିଲା ଓ ଚାରିଆଡ଼କୁ ଚାହିଁଲା। ସେ କିଛି ଦେଖିପାରିଲା ନାହିଁ।

594 ସେ କହିଲେ, "ପରମେଶ୍ୱର, ମୁଁ ଚାହେଁ ଯେ ତୁମେ ତାହାର ଆଖି ଖୋଲି ଦିଅ, ସେହି ବିଚ୍ଛେଦବସ୍ତ୍ରକୁ କାଢିଦିଅ।" ଏବଂ ଯେତେବେଳେ ତାହା ଆଖିରୁ ସେହି ବିଚ୍ଛେଦବସ୍ତ୍ରଟି ହଟିଗଲା, ସେହି ବୃଦ୍ଧ ଭବିଷ୍ୟଦ୍‌ବକ୍ତାଙ୍କ ଚାରିପାଖରେ ଅଗ୍ନିମୟ ରଥଗୁଡିକ ଥିଲା, ପର୍ବତଗଣ ସ୍ୱର୍ଗଦୂତ ଏବଂ ରଥଗୁଡିକ ସହିତରେ ଅଗ୍ନିମୟ ଥିଲା। ଆପଣ ସେଠାରେ ଅଛନ୍ତି।

595 ଓଃ, ତେବେ ଗେହେଜୀ କହିପାରିଲା, "ମୁଁ—ମୁଁ ବର୍ତ୍ତମାନ ବୁଝୁଅଛି।" ଦେଖନ୍ତୁ, ସେହି ବିଚ୍ଛେଦବସ୍ତ୍ର ହଟିଗଲା। ସେଠାରେ ହିଁ ଅଟେ ଯେଉଁଠାରେକି ସେହି ବାଧା ଅଛି।

596 ଏଠାରେ ତାହା ଅଛି। ଏହାକୁ ଭିଡିକି ଧରି ରଖନ୍ତୁ। ସେହି ବିଚ୍ଛେଦବସ୍ତ୍ର ହିଁ ଆମକୁ ସେହି ଜୀବନଯାପନରୁ ବଞ୍ଚିତ କରେ ଯେପରି ଭାବରେ ଆମେ କରିବା କଥା। ବିଚ୍ଛେଦବସ୍ତ୍ର ହିଁ ଆମକୁ ଏପରି କାର୍ଯ୍ୟ କରିବାରୁ ନିବୃତ୍ତ କରେ ଯାହାକି ଆମେ ପ୍ରକୃତରେ କରିବାକୁ ଚାହୁଁ। ଏବଂ ପରମେଶ୍ୱର ଶରୀରରେ ବିଚ୍ଛେଦବସ୍ତ୍ରାକୃତ ହେଲେ ଓ ସେହି ବିଚ୍ଛେଦବସ୍ତ୍ରଟି ଦୁଇଭାଗରେ ଚିରାଯାଇଥିଲା। ଆଉ, ପରମେଶ୍ୱର ପୁନର୍ବାର ପରମେଶ୍ୱର ହୋଇଗଲେ, ଏବଂ ସେ ସେହି ବିଚ୍ଛେଦବସ୍ତ୍ରକୁ କାଢି ପକାଇଲେ ଯେଉଁଥିରେ ସେ ଆପଣାକୁ ଲୁଚାଇ ରଖିଥିଲେ। ତାହାହିଁ ହେଉଛି ପ୍ରଭୁ ଯୀଶୁଙ୍କର ପୁନରୁତ୍‌ଥାନ। ଆମକୁ ପ୍ରମାଣ କରୁଅଛି ଯେ, ଏହି ବିଚ୍ଛେଦବସ୍ତ୍ରରେ ଯେଉଁଥିରେ ଆମେ ବର୍ତ୍ତମାନ ଲୁଚି ରହିଛୁ, ବିଶ୍ୱାସ ଦ୍ୱାରା ଆମେ ଏହାକୁ ପ୍ରତ୍ୟୟ କରୁ ଏବଂ ଏହାକୁ ଗ୍ରହଣ କରୁ। ଏବଂ ଯେତେବେଳେ ଏହି ବିଚ୍ଛେଦବସ୍ତ୍ରଟି ଦୁଇଭାଗରେ ଚିରି ହୋଇଯାଏ, ମୁଁ ଏହି ଆଶ୍ୱାସନା ସହିତ ତାହାଙ୍କ ଉପସ୍ଥିତିକୁ ଯିବି, ଏହା ଜାଣି ଯେ, "ମୁଁ ତାହାଙ୍କୁ ତାହାଙ୍କର ପୁନରୁତ୍‌ଥାନର ଶକ୍ତିରେ ଜାଣେ।" ପ୍ରଭୁ ଯୀଶୁଙ୍କ ଆଗମନ ସମୟରେ, ଏକ ସିଦ୍ଧ ଉପାୟରେ, ଏହି ବିଚ୍ଛେଦବସ୍ତ୍ରଟି ପୁନର୍ବାର ଉଠାଇ ଦିଆଯିବ, ଏପରିକି ମୁଁ ତାହାଙ୍କ ସହିତରେ ମୋର ତ୍ରାଣକର୍ତ୍ତା ଏବଂ ମୋର ପରମେଶ୍ୱର ଭାବରେ କଥାବାର୍ତ୍ତା କରିବି, ଯେତେବେଳେ ସେ ଦାଉଦଙ୍କର ସିଂହାସନକୁ ଗ୍ରହଣ କରିବେ। ଏବଂ ଏହା ସିଦ୍ଧ ହୋଇସାରିବା ପରେ ଆମେ ଚିରକାଳ ଏହି ବିଚ୍ଛେଦବସ୍ତ୍ରରେ ରହିବା, ମାତ୍ର ଏହି ବିଚ୍ଛେଦବସ୍ତ୍ରରେ ପାପ ରହିଛି। ସେଥିରେ କିଛି ଫରକ ପଡ଼େ ନାହିଁ ଯେ କିପରି…ଏହି ପୃଥିବୀର ସେହି ମହିମାମୟ ଶରୀର ବିଷୟରେ କଦାପି ଚିନ୍ତା କରନ୍ତୁ ନାହିଁ। ଏହାକୁ ତ ମରିବାକୁ ଅଛି, ଠିକ ଯେପରି ଆପଣଙ୍କର ପ୍ରାଣକୁ, ପୁନର୍ବାର ଜନ୍ମ ହେବା ପାଇଁ ମରିବାକୁ ପଡିଥାଏ।

597 ସିଦ୍ଧତାରେ, ମାଂସ ଖାଇବାରେ ନୁହେଁ, ଏବଂ *ଏହା* କରିବାରେ, ଏବଂ ଶରୀରକୁ ସିଦ୍ଧ କରିବାରେ, ଆପଣ ଏହାକୁ କେବେବି ପ୍ରାପ୍ତ କରିବେ ନାହିଁ। ଆଉ ଆପଣଙ୍କୁ ତ *ଏହା* ତ୍ୟାଗ

କରିବାକୁ ପଡିବ, ଓ *ଏହା* କରିବାକୁ ହେବ, ପୁଣି *ଏହା* କରିବାକୁ ପଡ଼ିବ, ଓ *ଏହା* କରିବାକୁ ହେବ, ତାହା ବ୍ୟବସ୍ଥା ଅଟେ। ତାହା ଆଇନ ଅନୁଗତକାରୀ ଅଟେ। ଆମେ ପରିତ୍ରାଣର ଆଇନଗତ ରୂପରେ ବିଶ୍ୱାସ କରୁନାହୁଁ। ଆମେ ଏହା ବିଶ୍ୱାସ କରୁ ଯେ ଅନୁଗ୍ରହ ଦ୍ୱାରା ଆମେ ଉଦ୍ଧାର ପାଇଅଛୁ। ଏବଂ ଏହା ଆପଣ ନୁହଁନ୍ତି। ଆପଣଙ୍କର ଏହା ସହିତ କୌଣସି ସମ୍ପର୍କ ନାହିଁ। ଏହା ତ ପରମେଶ୍ୱରଙ୍କ ନିର୍ବାଚନ ଅଟେ ଯାହାକି ତାହା କରିଥାଏ। "କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରେ ନାହିଁ ଯେପର୍ଯ୍ୟନ୍ତ ମୋ ପିତା ତାହାକୁ ଆକର୍ଷିତ କରନ୍ତି ନାହିଁ।" ତାହା ଠିକ୍। ଏବଂ ସେ...ସମସ୍ତ କିଛି ଯାହା ଯୀଶୁ କରିବା ପାଇଁ ଆସିଥିଲେ ତାହା ହେଲା ସେହି ମାନଙ୍କୁ ପ୍ରାପ୍ତ କରିବା ଯାହାଙ୍କୁ ପିତା ପୂର୍ବରୁ ଜାଣିଥିଲେ; ଓ ପରମେଶ୍ୱରଙ୍କ ପୁତ୍ର ଓ ପୁତ୍ରୀ ହେବା ନିମନ୍ତେ ଜଗତର ସୃଷ୍ଟି ପୂର୍ବରୁ ସେମାନଙ୍କୁ ପୂର୍ବନିରୂପିତ କରିଥିଲେ। ଆମେନ୍। "ଯିଏ ଦୌଡେ, କିମ୍ବା ଯିଏ ଇଚ୍ଛା କରେ ସେହି ବ୍ୟକ୍ତି ନୁହେଁ, ବରଂ ପରମେଶ୍ୱର ଯିଏକି ଦୟା ଦେଖାନ୍ତି।" ପରମେଶ୍ୱର ଯିଏକି ତାହା କରନ୍ତି। ଆପଣ ତିଳେ ମାତ୍ର, ଗର୍ବ କରିପାରନ୍ତି ନାହିଁ। ଏପରି କିଛି ଏକ ବିଷୟ ନାହିଁ ଯାହାକି ଆପଣ କଲେ। ପରମେଶ୍ୱର, ଅନୁଗ୍ରହ ଦ୍ୱାରା ଆପଣଙ୍କୁ ଉଦ୍ଧାର କଲେ; ଆପଣ ନିଜେ, ତାହା ନୁହଁନ୍ତି। ଯଦି ଆପଣ କରିଛନ୍ତି, ତାହାହେଲେ ଆପଣଙ୍କଠାରେ ଗର୍ବ କରିବା ହେତୁ କିଛି ଅଛି। ମାତ୍ର ଆପଣଙ୍କ ପାଖରେ ତ ଗର୍ବ କରିବା ପାଇଁ କିଛିହେଲେ ନାହିଁ। ସମସ୍ତ ପ୍ରଶଂସା ତାହାଙ୍କୁ ଯାଏ। ଏହା ତ ସେ ଅଟନ୍ତି। ତାହାପରେ ସେ ଆପଣଙ୍କୁ ସୁନିଶ୍ଚିତ ଭରସା ଦେଇଛନ୍ତି, "ପ୍ରତିଜ୍ଞା କରି ଶପଥ କଲେ, ଯେ ତାହାଙ୍କର ସନ୍ତାନମାନଙ୍କର କଦାପି ବିନଷ୍ଟ ହେବା ଅସମ୍ଭବ ଅଟେ।"

598 ତେବେ, ସେମାନେ ଭୁଲ୍ କରିବା ପାଇଁ ଶାସ୍ତି ପାଆନ୍ତି। ଆପଣ ଯାହା ବୁଣନ୍ତି, ତାହା ଅମଳ କରନ୍ତି। ଆପଣ ତାହା ବୁଝନ୍ତୁ। ତେବେ ଏହା ଭାବନ୍ତୁ ନାହିଁ ଯେ ଆପଣ କେବଳ ବାହାରକୁ ଯାଇ ପାପ କରିବେ, ଏହା ସହିତ ରକ୍ଷା ପାଇଯିବେ। ଯଦି ଆପଣ ତାହା କରନ୍ତି, ଏବଂ ସେହି ମନୋଭାବ ରଖନ୍ତି, ତେବେ ଏହା ଦର୍ଶାଏ ଯେ ଆପଣ ନୂତନ ଜନ୍ମ ପାଇନାହାଁନ୍ତି। ଆପଣ ତାହା ବୁଝିଲେ କି? ଯଦି ଆପଣଙ୍କ ଭିତରେ ଏବେ ବି, ସେହି ଭୁଲ୍ କରିବାର ଇଚ୍ଛା ରହିଛି, ତେବେ ଆପଣ ଏବେ ସୁଦ୍ଧା ଭୁଲ୍ ଅଟନ୍ତି। ବୁଝିଲେ? "କାରଣ ସେ ଚିରକାଳ ନିମନ୍ତେ, ସିଦ୍ଧ କରିଅଛନ୍ତି, ସେମାନଙ୍କୁ ଯେଉଁମାନେକି...ଏବଂ ସେହି ପଶୁମାନେ ଯେଉଁମାନେକି ପୁରାତନ ନିୟମ ଅଧିନରେ, ଆଇନ ଅନୁଗତ ଦିନରେ ରହିଥିଲେ, ବାର୍ଷିକ ଭାବରେ, ନିରନ୍ତର ଅର୍ପଣ କରାଯାଇଥିଲେ, ପାପକୁ କଦାପି ଦୂର କରିପାରି ନ ଥିଲେ।" ମାତ୍ର ଯେତେବେଳେ ଆମେ ତାହାଙ୍କର ମସ୍ତକ ଉପରେ ହାତ ରଖିଥାଉ, ଏବଂ ଆମର ପାପଗୁଡିକୁ ସ୍ୱୀକାର କରିଥାଉ ଏବଂ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ନୂତନ ଜନ୍ମ ହୋଇଥାଉ, ଆମଠାରେ ପାପର ଆଉ କୌଣସି ହେଲେ ଇଚ୍ଛା ରୁହେ ନାହିଁ। ପାପ ଆପଣଙ୍କଠାରୁ ଦୂର ହୋଇଯାଇଛି। ତାହା ସମୟ ଏବଂ ଅନନ୍ତତା ନିମନ୍ତେ ଅଟେ।

599 ଆପଣ ଭୁଲ୍ କରିବେ। ଆପଣ ସ୍ଖଳିତ ହେବେ। ଆପଣ ଜାଣିଶୁଣି ଭୁଲ୍ କରିବେ। ଆପଣ କୌଣସି ସମୟରେ ବାହାରକୁ ଯାଇ କିଛି ବିଷୟଗୁଡିକ କରିବେ। ତାହାର ଅର୍ଥ ଏହା ନୁହେଁ

ଯେ ଆପଣ ବିନଷ୍ଟ ହୋଇଯାଇଛନ୍ତି । ଏହାର ଅର୍ଥ ହେଉଛି ଆପଣ ସଂଶୋଧନ ପାଇବାକୁ ଯାଉଛନ୍ତି ।

600 ମୋର ସାନ ପୁଅ, ଅନେକ ଥର, ମୋ ପିଲାମାନେ, କିଛି ବିଷୟଗୁଡିକ କରିବେ। ଆପଣଙ୍କର ମଧ୍ୟ, କରନ୍ତି । ଯେ ଆପଣ…ସେମାନେ ଜାଣନ୍ତି ଯେ ତାହା ଆପଣଙ୍କର—ଆପଣଙ୍କର ନିୟମ ବିରୁଦ୍ଧରେ ଅଟେ । ଏବଂ ସେମାନେ ଜାଣନ୍ତି ଯେତେବେଳେ ସେମାନେ ତାହା କରନ୍ତି କଅଣ ଆଶା କରିବାକୁ ଅଛି । ସେମାନେ ତାହା ପାଇଁ ଏକ ଶାସ୍ତି ପାଇବାକୁ ଯାଉଛନ୍ତି, ବେଳେବେଳେ ଏକ ଭଲ ପାଇଁ । ମାତ୍ର ତଥାପି ତାହା ଆପଣଙ୍କର ପିଲା ଅଟେ। ନିଶ୍ଚିତରେ ।

601 ସେହି ମନୁଷ୍ୟ ପାଇଁ ଆଉ କେବେହେଲେ ବିନଷ୍ଟ ହେବା ଅସମ୍ଭବ ଅଟେ, ଯିଏକି ଥରେ ଅନନ୍ତ ଜୀବନରୁ ଜନ୍ମ ହୋଇଥାଏ । ପରମେଶ୍ୱର ଜଣେ ଭାରତୀୟ ଦାତା ନୁହଁନ୍ତି । "ଯିଏ ମୋର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି; ଏବଂ ସେ କଦାପି ବିଚାରକୁ ଆସିବ ନାହିଁ, ମାତ୍ର ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି । ମୁଁ ତାଙ୍କୁ ଶେଷ ଦିନରେ ଉତ୍ଥାପନ କରିବି ।" ତାହା ହେଉଛି ପରମେଶ୍ୱରଙ୍କ ପ୍ରତିଜ୍ଞା ।

602 ତେବେ ଯଦି ଆପଣ ଆଗକୁ ଯାଆନ୍ତି, କୁହନ୍ତି, "ଓଃ, ତେବେ, ତାହାହେଲେ ମୁଁ ଠିକ୍ କରିପାରେ…" ମୁଁ ସବୁବେଳେ ତାହାହିଁ କରେ ଯାହା ମୁଁ କରିବାକୁ ଚାହେଁ । ମାତ୍ର ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି, ତେବେ ଆପଣ ସେହି ବିଷୟ କରିବାକୁ ଚାହିଁବେ ନାହିଁ ଯାହାକି ଭୁଲ୍ ଅଟେ, କାରଣ ଆପଣଙ୍କ ଭିତରେ ଥିବା ଠିକ ସେହି ଜୀବନ, ସେହି ଭିତ୍ତିମୂଳ । ଯଦି ଆପଣ ଭୁଲ୍ କରିବାକୁ ଚାହାଁନ୍ତି, ଏହା ଦର୍ଶାଏ ଯେ ସେହି ଭୁଲ୍ ବିଷୟଟି *ଏଠାରେ* ଅଛି । "ସମାନ ନିର୍ଝରରୁ ତିକ୍ତ ଏବଂ ମଧୁର ଜଳ କିପରି ନିର୍ଗତ ହୋଇପାରେ?"

603 ତେଣୁ ଆପଣ ସମସ୍ତେ କୌଣସି ପ୍ରକାରର ଆବେଗ, କିମ୍ବା ଅଦ୍ଭୁତ *କିଛି-ଅନ୍ୟ* ଏକ ସମ୍ବେଦନା ଉପରେ ମିଶ୍ରିତ ହୋଇଅଛନ୍ତି: ତାହାକୁ ଭୁଲିଯାଆନ୍ତୁ! ବେଦୀକୁ ଫେରିଯାଆନ୍ତୁ ଓ କୁହନ୍ତୁ, "ପରମେଶ୍ୱର, ମୋର ପୁରୁଣା ପାପମୟ ଜୀବନକୁ ନେଇଯାଅ, ଏବଂ ମୋତେ ଏପରି ଏକ ସ୍ଥିତିରେ ରଖ ଯେ ମୋର ସମ୍ପୂର୍ଣ୍ଣ ଇଚ୍ଛା…"

"ଯିଏ ପରମେଶ୍ୱରଙ୍କଠାରୁ ଜାତ ହୋଇଅଛି, ସେ ପାପ କରେ ନାହିଁ ।" ତାହା ଠିକ୍ ଅଟେ । ତାହାଠାରେ ଏପରି କରିବାକୁ ଇଚ୍ଛା ନ ଥାଏ ।

604 ନିଶ୍ଚିତ ଭାବରେ, ଶୟତାନ ତାକୁ *ଏଠାରେ* ଏବଂ *ସେଠାରେ* ଫାନ୍ଦରେ ପକାଇବ, ମାତ୍ର ଜାଣିଶୁଣି ନୁହେଁ । ବାଇବଲ ସେହିପରି କୁହେ । ଶୟତାନ ତାକୁ, ଏବେ ଏବଂ ତେବେ ଫାନ୍ଦରେ ପକାଇବ । ନିଶ୍ଚିତ, ସେ କରିବ । ସେ ଆମର ପ୍ରଭୁ ଯୀଶୁଙ୍କ ପାଇଁ ଏକ ଫାନ୍ଦ ପକାଇବାକୁ ଚେଷ୍ଟା କରିଥିଲା । ସେ ମୋଶା ପ୍ରତି ତାହା କରିଥିଲା, ଏବଂ ତାହାଙ୍କୁ ଧରି ପକାଇଥିଲା । ସେ ପିତରଙ୍କ ପ୍ରତି ତାହା କରିଥିଲା, ଏବଂ ତାହାଙ୍କୁ ଧରି ପକାଇଥିଲା । ସେ ଅନେକଙ୍କ ପ୍ରତି ତାହା

କରିଥିଲା, କିନ୍ତୁ…ଏପରିକି ପିତର ପ୍ରଭୁଙ୍କୁ ଅସ୍ୱୀକାର କରି ଦେଇଥିଲେ, ମାତ୍ର ତାହାପରେ ସେ ଯାଇ ଅତିଶୟ କାନ୍ଦିଲେ। ତାଙ୍କ ଭିତରେ କିଛି ଗୋଟାଏ ଥିଲା।

605 ଯେତେବେଳେ କପୋତକୁ ଜାହାଜରୁ ବାହାରକୁ ଛଡା ଗଲା…କାଉଟି ବାହାରି ଗଲା, ସେ ଚାରିଆଡ଼େ କାଉଁ କାଉଁ କଲା। ସେ ଜାହାଜରେ ଠିକ୍ ଥିଲା, ମାତ୍ର ଯେତେବେଳେ ସେ ବାହାରକୁ ଗଲା, ତାର ସ୍ୱଭାବ ଅଲଗା ଥିଲା। ସେ ସମସ୍ତ ପୁରୁଣା ମୃତ ଶବଗୁଡିକୁ ଖାଇପାରିଥିଲା ଯାହା ସେ ଚାହିଁଥିଲା, ଏବଂ ସନ୍ତୁଷ୍ଟ ହୋଇପାରିଥିଲା। କାହିଁକି? ସେ ତ ଆରମ୍ଭରୁ ହିଁ, ଏକ କାଉ ଥିଲା। ସେ ଏକ ମୃତ ଶବ ଭକ୍ଷକ ଥିଲା। ସେ ଉତ୍ତମ ନ ଥିଲା। ସେ ତ ଏକ କପଟୀ ଥିଲା ଯିଏକି କପୋତ ସହିତ ଖୁଣ୍ଟ ଉପରେ ବସିଥିଲା, ଠିକ୍ ସେତିକି ବଡ଼ ଭାବରେ ଯେତିକି ବଡ଼ କପୋତ ଥିଲା। ସେ ଯେକୌଣସି ସ୍ଥାନରେ ବି ଉଡି ପାରୁଥିଲା ଯେଉଁ ସ୍ଥାନରେକି କପୋତ ଉଡିପାରିଥିଲା। ମାତ୍ର ସେ ଉତ୍ତମ ଖାଦ୍ୟ ଖାଇ ପାରୁଥିଲା ଠିକ ଯେପରି କପୋତ ଖାଉଥିଲା। ଆଉ ତାହାପରେ ସେ ପଚାଶଢା ଖାଦ୍ୟ ଖାଇପାରୁଥିଲା, ଯାହାକି କପୋତ ଖାଇପାରୁ ନ ଥିଲା। କାରଣ, କପୋତ ଏକ ଭିନ୍ନ ମିଶ୍ର-ଣ ଅଟେ। ସେ ଏକ ଭିନ୍ନ ପ୍ରକାରେ ନିର୍ମିତ ଅଟେ। ସେ କପୋତ ଅଟେ। ଏବଂ କପୋତ ପଚାଶଢା ଖାଦ୍ୟ ହଜମ କରିପାରେ ନାହିଁ, କାରଣ ତାହାଠାରେ କୌଣସି ପିତ୍ତ ନାହିଁ।

606 ଏବଂ ଜଣେ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଥାଏ ପରମେଶ୍ୱରଙ୍କ ଏକ କପୋତ ହୋଇଯାଏ, ତାର ସ୍ୱଭାବ, ତାର ପରିବର୍ତ୍ତନ, ତାର ଗଠନ। ହଁ, ଆଜ୍ଞା। ଆପଣ ସେହି—ସେହି କପୋତର ଆତ୍ମାକୁ କାଉ ଭିତରେ ରଖନ୍ତୁ, ସେ କେବେହେଲେ କୌଣସି ମୃତ ଶବ ଉପରେ ବସିବ ନାହିଁ। ଯଦି ସେ ଭୁଲରେ ଓହ୍ଲାଇ ବି ଯାଏ, ତେବେ ତତ୍‌କ୍ଷଣାତ ହିଁ ସେ ନିଶ୍ଚିତ ଦୂରେଇ ଯିବ। ସେ ଏହାକୁ ସହି ପାରିବ ନାହିଁ। ଏବଂ ଜଣେ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଥାଏ, ତାକୁ ସହ୍ୟ-କରେ ନାହିଁ। ସେ ହୁଏତ ଏକ ମଦଶାଳାରେ ଓହ୍ଲାଇ ଯାଇପାରେ, କିନ୍ତୁ ସେ ଶୀଘ୍ର ସେଠାରୁ ବାହାରିଯିବ। ଜଣେ ସ୍ତ୍ରୀ ହୁଏତ ତାକୁ ପ୍ରଲୋଭିତ କରିପାରେ, ତାକୁ ବିମୁଖ କରିଦେଇପାରେ, ମାତ୍ର ସେ ପୁଣି ତାର ମୁଣ୍ଡକୁ ବୁଲାଇ ନେବ। ସେ ଶୀଘ୍ର ସେଠାରୁ ଦୂରେଇ ଯିବ। କାହିଁକି? ସେ ଏକ କପୋତ। ତାହା ଠିକ୍। ଆପଣ ତାକୁ ବୋକା ବନାଇବାକୁ ଯାଉ ନାହାଁନ୍ତି, କାରଣ ସେ ଜାଣେ। "ମୋର ମେଷ ମୋ ରବକୁ ଜାଣନ୍ତି, ଏବଂ ଜଣେ ଅପରିଚିତକୁ ସେମାନେ ଅନୁସରଣ କରିବେ ନାହିଁ।" ସେ ଆରମ୍ଭରୁ ହିଁ, ଏକ କପୋତ ଅଟେ। ତାହାହିଁ ଅଟେ ଯାହା ବିଷୟରେ ମୁଁ କହୁଅଛି, ସେହି ପ୍ରକୃତ କିଛି ଗୋଟାଏ ଯାହା ସେଠାରେ ଲଙ୍ଗର ଦେଇଥାଏ।

607 ତେବେ ଧ୍ୟାନ ସହକାରେ ଦେଖନ୍ତୁ। "ପରମେଶ୍ୱର ଶପଥ କଲେ।" ଓଃ, ଏହା…

*ଯେଉଁ ଭରସା ଆମ୍ଭମାନଙ୍କ ଆତ୍ମାର ଲଙ୍ଗରସ୍ୱରୂପ, ତାହା ବିଚ୍ଛେଦବସ୍ତ୍ରାକୃତ ସ୍ଥାନରେ—ସ୍ଥାନରେ ପ୍ରବେଶ କରି, ଉଭୟ…ଅଟଳ ହୋଇଅଛି;*

608 "ବିଚ୍ଛେଦବସ୍ତ୍ର।" ପରମେଶ୍ୱର ଶରୀରରୂପ ବିଚ୍ଛେଦବସ୍ତ୍ରରେ ଆବୃତ ହୋଇ, ତଳକୁ

ଓହ୍ଲାଇ ଆସିଲେ । କଅଣ କରିବା ପାଇଁ? ଆପଣାକୁ ଦେଖାଇବା ନିମନ୍ତେ । ତାହାଙ୍କୁ ଲୁଚିବାକୁ ପଡିଥିଲା, କାରଣ ଆମେ ତାହାଙ୍କୁ ଦେଖିପାରିବା ନାହିଁ । ଏବଂ ସେ ବିଚ୍ଛେଦବସ୍ତ୍ର ପଛରେ ଲୁଚି ରହିଥିଲେ । ଆଉ ସେହି ବିଚ୍ଛେଦବସ୍ତ୍ର କିଏ ଥିଲା? ଯୀଶୁ । "ମୁଁ କାର୍ଯ୍ୟ କରେ ନାହିଁ, ବରଂ ମୋହର ପିତା," ଯୀଶୁ କହିଲେ । "ମୋହର ପିତା ମୋ ଠାରେ ବାସ କରନ୍ତି । ମୁ କାର୍ଯ୍ୟ କରେ । ପିତା କାର୍ଯ୍ୟ କରନ୍ତି, ଏବଂ ମୁଁ କାର୍ଯ୍ୟ କରିଥାଏ ।" ଏଠାରେ ସେ ବିଚ୍ଛେଦବସ୍ତ୍ରରେ ଆବୃତ ହୋଇଥିବା ପରି ଅଟନ୍ତି, ଶରୀରରେ ଚାଲୁଥିବା ପରି, ପରମେଶ୍ୱର, ଇମ୍ମାନୁଏଲ୍, ପରମେଶ୍ୱର ଆମ ସହିତ ରୂପରେ ଅଟନ୍ତି । "ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥିଲେ, ଜଗତକୁ ନିଜ ସହିତ ପୁନର୍ମିଳନ କରୁଥିଲେ ।" ଏଠାରେ ସେ, ଚଲାବୁଲା କରୁଛନ୍ତି ।

609 ତେବେ, ସେ ଓହ୍ଲାଇ ଆସି ଏକ ପବିତ୍ରୀକରଣ, କିମ୍ଵା ପ୍ରୟୋଜନ, କିଅବା ପ୍ରାୟଶ୍ଚିତକରଣ କଲେ, ଯେପରିକି ତାହାଙ୍କ ମୃତ୍ୟୁ ଦ୍ୱାରା ଅର୍ପଣ କଲେ, ପାପର ମୂଲ୍ୟକୁ ପରିଶୋଧ କଲେ, ଯେପରିକି ସେ ଫେରି ଆସି ଆମ ଭିତରେ ବାସ କରନ୍ତି । ତେବେ ସେହି ବିଶ୍ୱାସ ଯାହା ଆମର ରହିଥାଏ ତାହା ଏକ—ଏକ ଆଚ୍ଛାଦିତ ବିଶ୍ୱାସ ଅଟେ, କିମ୍ଵା ଏକ ଆଚ୍ଛାଦିତ ବ୍ୟକ୍ତି ଅଟନ୍ତି । ଅତଏବ ଆମେ ସେହି ବିଷୟଗୁଡ଼ିକୁ ଦେଖୁ ନାହୁଁ ଯାହାକି ଆମେ ଏହି ବିଚ୍ଛେଦବସ୍ତ୍ରରେ ଦେଖୁ । ଏହି ବିଚ୍ଛେଦବସ୍ତ୍ରରେ ଶିକ୍ଷା ଅଛି, ଏବଂ ଏହା ଏହିପରି ବିଷୟଗୁଡ଼ିକୁ କରିଥାଏ ଏବଂ କହିଥାଏ । ଏହା ଏକ ବୈଜ୍ଞାନିକ ବିଷୟ ଅଟେ । କିନ୍ତୁ ଜୀବନ୍ତ ପରମେଶ୍ୱରଙ୍କ ଆତ୍ମା ଯିଏକି ଏଠାରେ ବାସ କରନ୍ତି, ସେହି ବିଷୟଗୁଡ଼ିକୁ ଯାହାକି ନ ଥାଏ ଏହିପରି ଡାକିଥାଆନ୍ତି, ଯେପରିକି ସେଗୁଡିକ ଅଛି, ଯଦି ପରମେଶ୍ୱର ଏହା କହିଛନ୍ତି । ସେଠାରେ ଆପଣଙ୍କର ବିଚ୍ଛେଦବସ୍ତ୍ର ଅଟେ । ଆମେ ବିଚ୍ଛେଦବସ୍ତ୍ରରେ ଅଛୁ ।

610 ତେବେ, କୌଣସି ଦିନେ ସେ ଏହି ବିଚ୍ଛେଦବସ୍ତ୍ରକୁ କାଢିନେବେ, ପୁରୁଷ ଏବଂ ସ୍ତ୍ରୀର ଯୌନ ଇଚ୍ଛା ଦ୍ୱାରା ଜଣେ ସ୍ତ୍ରୀଙ୍କଠାରୁ ଜନ୍ମରେ ନୁହେଁ, ମାତ୍ର ପରମେଶ୍ୱରଙ୍କ ଇଚ୍ଛା ଦ୍ୱାରା ସେ କଥା କହିବେ ଏବଂ ସେହି ସ୍ତ୍ରୀ ସଫଳ ହେବେ । ତାହାପରେ ଆମେ ତାହାଙ୍କର ନିଜର ମହିମାମୟ ଶରୀର ସଦୃଶ ଏକ ଶରୀର ପ୍ରାପ୍ତ ହେବା । ଆମେମାନେ ଆଚ୍ଛାଦିତ ହେବା, ଯେପରିକି ଆମେ ପରସ୍ପର ସହିତ କଥା ହୋଇପାରିବା, ପରସ୍ପର ସହିତ ହାତ ମିଶାଇ ପାରିବା ।

611 ତେବେ, ଯେତେବେଳେ ଆମେ ଏଠାରୁ ଯିବା, ସେଠାରେ ଏକ ଆବାସ, ଏକ ଥିଓଫାନି, ଜଣେ ବ୍ୟକ୍ତିଙ୍କର କେବଳ ଏକ ପ୍ରତିମୂର୍ତ୍ତି ରହିବ, ଯାହାକି ଭୋଜନ କରେ ନାହିଁ, ପାନ କରେ ନାହିଁ, ନିଦ୍ରା ଯାଏ ନାହିଁ, ସବୁଦିନ ପାଇଁ ଜାଗ୍ରତ ରହିଥାଏ । ତାହା ହିଁ ଅଟେ ଯେଉଁଠାକୁ ଆମେମାନେ ଯିବା । ମାତ୍ର ସେମାନେ ବେଦୀ ତଳେ ଅପେକ୍ଷା କରି, ଚିତ୍କାର କରୁଛନ୍ତି, "ପ୍ରଭୁ, କେତେ କାଳ? କେତେ କାଳ?" ତଳକୁ ଓହ୍ଲାଇ ଫେରିଆସିବା ନିମନ୍ତେ । କାରଣ, ସେମାନେ ପରସ୍ପର ସହିତ ହାତ ମିଶାଇବାକୁ ଚାହାଁନ୍ତି । ସେମାନେ ବସି ଭୋଜନ କରିବାକୁ, ଏବଂ ପରସ୍ପର ସହିତ କଥା ହେବାକୁ ଚାହାଁନ୍ତି । ସେମାନେ ମନୁଷ୍ୟ ଅଟନ୍ତି । ପ୍ରଭୁଙ୍କର ନାମ ଧନ୍ୟ

ହେଉ!

612 ଯେତେବେଳେ ପରମେଶ୍ୱର ଆରମ୍ଭରେ ମନୁଷ୍ୟକୁ ନିଜର ପ୍ରତିମୂର୍ତ୍ତିରେ ନିର୍ମାଣ କଲେ, ସେତେବେଳେ ସେ ତାହାକୁ ସେହିପରି ହିଁ ନିର୍ମାଣ କରିଥିଲେ। ସେ ପରସ୍ପର ଜଣେ ଅନ୍ୟ ସହିତ ସହଭାଗୀତା କରୁଥିଲେ, କାରଣ ଆମେ ପରସ୍ପରକୁ ଜାଣିଥିଲୁ। ଆମେ ସେହି ବିଷୟଗୁଡିକୁ ପସନ୍ଦ କରୁଥିଲୁ ଯାହା ପରମେଶ୍ୱର ଆମ ପାଇଁ ନିର୍ମାଣ କରିଥିଲେ, କାରଣ ଆମେ ସେହିପରି ନିର୍ମାଣ କରାଯାଇଥିଲୁ। ତାହାଙ୍କର ମହାନ ଆଗମନରେ, ଯେଉଁମାନେ ପ୍ରସ୍ତୁତ ଥାଆନ୍ତି ଚିରକାଳ ପାଇଁ ସେହିପରି ହିଁ ରହିବେ। ଅମର, ଆମେମାନେ ତାହାଙ୍କର ସାଦୃଶ୍ୟତାରେ ଛିଡ଼ା ହେବା। ଓଃ, ଖ୍ରୀଷ୍ଟଙ୍କର ନାମ ଧନ୍ୟ ହେଉ!

613 ଆଉ ବର୍ତ୍ତମାନ ଆମ ପାଖରେ ଆମର ପରିତ୍ରାଣର ବଇନା ଅଛି, ଯେତେବେଳେ ଆମେ ତାହାଙ୍କୁ ଆମର ବ୍ୟକ୍ତିଗତ ତ୍ରାଣକର୍ତ୍ତା, ଆମର ଆରୋଗ୍ୟଦାତା ଭାବରେ ଗ୍ରହଣ କରୁ। ଏହି ସମସ୍ତ ହେଉଛି ପାରିଶ୍ରମିକ, କିମ୍ୱା, ଲାଭାଂଶ ଯାହା ବୀମା ପଲିସିରେ ପ୍ରଦାନ କରାଯାଏ। ଆମେନ୍। ଆପଣ ଜାଣିଛନ୍ତି ଯେ ଏକ ବୀମା ପଲିସି କଅଣ ଅଟେ। ଆପଣ ତାହା ଉପରେ ଲାଭାଂଶ ପ୍ରାପ୍ତ କରିପାରନ୍ତି ଯେପର୍ଯ୍ୟନ୍ତକି ସେହି ଅଙ୍କିତ ମୂଲ୍ୟ ଆସିଯାଏ ନାହିଁ। ନିଶ୍ଚିତ ଭାବରେ। ଆପଣ ଲାଭାଂଶ ପ୍ରାପ୍ତ କରିପାରନ୍ତି। ଆଉ ଆମେ ବର୍ତ୍ତମାନ ଲାଭାଂଶ ପ୍ରାପ୍ତ କରୁଅଛୁ। କେବଳ, ସେହି ବିଷୟ ଯେ, ଯେତେ ଶୀଘ୍ର ଆମେ ଲାଭାଂଶ ପ୍ରାପ୍ତ କରୁ, ପାରିଶ୍ରମିକ ପୁନର୍ବାର ଜମା ହୋଇଯାଏ।

614 ଜଣେ ବୀମା ଏଜେଣ୍ଟ, ଥରେ, ମୋତେ କହିଲେ, "ବିଲି, ମୁଁ ଆପଣଙ୍କୁ କିଛି ବୀମା ବିକ୍ରୟ କରିବାକୁ ଚାହେଁ।"

ମୁଁ କହିଲି, "ମୋର କିଛି ଅଛି।" ମୋର ପତ୍ନୀ ମୋ ଆଡକୁ ଚାହିଁଲେ।

615 ବର୍ତ୍ତମାନ, ବୀମା ବିରୁଦ୍ଧରେ କିଛି ନାହିଁ। ମାତ୍ର କେତେକ ଲୋକେ "ବୀମା ଦରିଦ୍ର" ଥାଆନ୍ତି। ତେଣୁ, ସେମାନେ ବୁଲି ପଡିଲେ। ସେ କହିଲେ...

616 ମୋ ପତ୍ନୀ ମୋତେ, ବିଚିତ୍ର ଭାବରେ ଦେଖିଲେ, "ତୁମର ବୀମା ଅଛି?"

617 ମୁଁ କହିଲି, "ନିଶ୍ଚିତରେ।" ସେ ଏହା ବିଷୟରେ କିଛି ଜାଣି ନ ଥିଲେ।

618 ସେ କହିଲେ, "ଆଚ୍ଛା, ବିଲି, ଆପଣଙ୍କ ପାଖରେ କେଉଁ ପ୍ରକାରରଏକ ବୀମା ଅଛି?"

619 ମୁଁ କହିଲି:

ଆଶୀଷିତ ଆଶ୍ୱାସନା, ଯୀଶୁ ମୋହର!
ଓଃ, କି ଏକ ପୂର୍ବସ୍ୱାଦ ଦିବ୍ୟ ଗୌରବର!
ପରିତ୍ରାଣର ଅଧିକାରୀ, ପରମେଶ୍ୱର କ୍ରୀତ,
ତାହାଙ୍କ ଆତ୍ମାରୁ ଜନ୍ମ, ତାହାଙ୍କ ରକ୍ତରେ ଧୌତ।

620 ସେ କହିଲେ, "ତାହା ବହୁତ ଭଲ ଅଟେ, ବିଲି," ସେ କହିଲେ, "କିନ୍ତୁ ଏହା ଆପଣଙ୍କୁ ଏଠାରେ କବରରେ ରଖିବ ନାହିଁ।"

621 ମୁଁ କହିଲି, "ମାତ୍ର ଏହା ମୋତେ ବାହାର କରି ଆଣିବ। ତାହାହିଁ ହେଉଛି ମୁଖ୍ୟ ବିଷୟ।" ମୁଁ ସେଠାରେ ପହଞ୍ଚିବା ପାଇଁ ଚିନ୍ତିତ ନୁହେଁ; ମୁଁ ବାହାରି ଆସିବା ନିମନ୍ତେ ଚିନ୍ତିତ ଅଟେ।

622 ଏବଂ ଯେହେତୁ ମୋ ପାଖରେ, ଅନନ୍ତକାଳୀନ ପରମେଶ୍ୱରଙ୍କ ଶପଥ ଦ୍ୱାରା ଆଶ୍ୱାସନା ଅଛି, ଯେ ସେ ମୋତେ ପୁନର୍ବାର ତାହାଙ୍କ ପୁତ୍ରଙ୍କର ସାଦୃଶ୍ୟତାରେ ପୁନରୁତ୍‌ଥିତ କରିନେବେ, ଶେଷ ଦିନରେ, ମୁଁ ସାହସର ସହିତ ଚାଲିବି ଏବଂ ଏକ ସାନ୍ତ୍ୱନା ଏବଂ ପ୍ରାଣର ଏକ ଲଙ୍ଗରକୁ ପ୍ରାପ୍ତ କରିବି, ଯେପରିକି, ଯେତେବେଳେ ମୁଁ ଏହି ବିଚ୍ଛେଦବସ୍ଥରେ ଥାଏ ସେତେବେଳେ ସେଠାରେ କିଛି ଗୋଟାଏ ଅଦୃଶ୍ୟ ବିଷୟ ଅଛି ଯାହାକି ମୋତେ ସେହି ଯୁଗମାନର ଶୈଳଠାରେ ଲଙ୍ଗର ପକା କରାଇଥାଏ। ଯେତେବେଳେ ଜଳରାଶି ଉଚ୍ଛୁଳି ପଡୁଥାଏ ଏବଂ ବିସ୍ଫୋରଣ କରୁଥାଏ, ତାହା ଏଥିରେ କୌଣସି ଫରକ୍ ଆଣେ ନାହିଁ। ଯଦି ମୃତ୍ୟୁ, ବିପଦ, କିମ୍ବା ଅନ୍ୟକିଛି, ଆମକୁ ପରମେଶ୍ୱରଙ୍କ ପ୍ରେମଠାରୁ ପୃଥକ କରେ ନାହିଁ। ମୋ ଲଙ୍ଗର ବିଚ୍ଛେଦବସ୍ଥ ଭିତରେ ଧରି ରହିଥାଏ। ବନ୍ୟା ଉଚ୍ଛୁଳି ଉଠୁ। ତାହା ଆଘାତ କରୁ। ଅବିଶ୍ୱାସୀମାନେ ଆସନ୍ତୁ। ସେହି ନୂତନ-ଜନ୍ମ ପାଇଥିବା ବିଶ୍ୱାସୀ ପାଖରେ ଏକ ଲଙ୍ଗର ଅଛି। ଆପଣ ଏପର୍ଯ୍ୟନ୍ତ ଏହି ବିଚ୍ଛେଦବସ୍ଥ ଦେଇ ଦେଖିପାରନ୍ତି ନାହିଁ। ମାତ୍ର ମୁଁ ଜାଣେ ଯେ ମୋର ଲଙ୍ଗର ସେଠାରେ ଯୁଗମାନର ଶୈଳଠାରେ ଧରି ରହିଛି, ଯିଏକି ଏକ ଶପଥ କରାଯାଇଥିବା ପ୍ରତିଜ୍ଞା ଅଟନ୍ତି ଯେ ଶେଷ ଦିନରେ ସେ ମୋତେ ପୁନରୁତ୍‌ଥିତ କରିବେ।

623 ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆପଣ ମୃତ୍ୟୁକୁ ମୁହଁରେ ଦେଖିପାରନ୍ତି, ଏବଂ କହିପାରନ୍ତି, "କାହିଁ ତୋର ନାହୁଡ? କବର, କାହିଁ ତୋର ଜୟ? ମାତ୍ର ପରମେଶ୍ୱରଙ୍କର ଧନ୍ୟବାଦ ହେଉ ଯିଏକି ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମକୁ ବିଜୟ ପ୍ରଦାନ କରନ୍ତି।"

*ଆଉ...ଅଗ୍ରଗାମୀ*

ଓଃ, ମୋର ପ୍ରଭୁ! ଆମେ ପାଠ୍ୟ ନିକଟକୁ ଯିବାକୁ ଯାଉନାହୁଁ।

*ଆଉ ଆମ୍ଭମାନଙ୍କର...ଅଗ୍ରଗାମୀ*

624 ଜଣେ ଅଗ୍ରଗାମୀ। କଅଣ ଆପଣ କେବେ ଲକ୍ଷ୍ୟ କଲେ ଯେ, ପୁରାତନ ପାଶ୍ଚାତ୍ୟ ଦିନମାନଙ୍କରେ (ଅନେକ ଥର ମୁଁ ସେହି ପୁରୁଣା ପଥଗୁଡିକ ଦେଇ ଯାଇଅଛି।), ଜଣେ ଅଗ୍ରଗାମୀ, କିମ୍ବା ରକ୍ଷୀ? ଯେତେବେଳେ ସେହି ୱାଗନ୍ ଟ୍ରେନ୍ ପାଣି ନ ପାଇ, ନଷ୍ଟ ହେଉଥିଲା, ସେହି ରକ୍ଷୀ ଆଗକୁ ଦୌଡିଥିଲା। ଏବଂ ସେ ଭାରତୀୟ ଜନଜାତିମାନଙ୍କୁ ଦେଖିଲା; ସେ ସେମାନଙ୍କୁ ଅତିକ୍ରମ କରି ଚାଲିଗଲା। ଏବଂ ସେ ଦେଖିଲା ଯେଉଁଠାରେ ଏକ ପାଣିର ନିର୍ଝର ଥିଲା। ସେ ୱାଗନ୍ ଟ୍ରେନ୍‌ର ମାଲିକଙ୍କୁ ଜଣାଇବା ପାଇଁ ଶୀଘ୍ର ଦୌଡ଼ିଗଲା, "ଘୋଡା ଚଞ୍ଚଳ କଷନ୍ତୁ, ସମସ୍ତେ ଉତ୍ତମ ସାହସ ଧରନ୍ତୁ, କାରଣ ପର୍ବତର ଠିକ ଆର ପାରି ସେଠାରେ ଏକ ବଡ଼ ପାଣିର ନିର୍ଝର ଅଛି।" ସେ ଜଣେ ଅଗ୍ରଗାମୀ ଅଟେ।

625 ଏବଂ ଏଠାରେ, ସେହି ଅଗ୍ରଗାମୀ। ମଣିଷ ଥରେ ଶୟତାନ ଦ୍ୱାରା ଦ୍ରୁତଗତିର ନିଆଁବର୍ଷାରେ, ଘେରା ଯାଇଥିଲା, ମାତ୍ର କେହି ଜଣେ ମେସିନ୍-ବନ୍ଧୁକ ଅସ୍ତ୍ର ନେଇଥିଲେ। ତାହା ଯୀଶୁ ଥିଲେ। ଅଗ୍ରଗାମୀ ଆମ ଆଗରେ ଯାଇଅଛନ୍ତି। ଆଉ ଶୟତାନ ସେଠାରେ ଏକ ମେସିନ୍ ବନ୍ଧୁକ ଧରି ଛିଡ଼ା ହୋଇ, ଆମକୁ ଘେରି ପକାଇଥିଲା, ସର୍ବଦା ଦାସତ୍ୱରେ ଏବଂ ମୃତ୍ୟୁର ଭୟରେ ଆକ୍ରାନ୍ତ। ସେ ସେହି ନିର୍ଝରକୁ ଜଗି ରହିଥିଲା। ନିଶ୍ଚିତରେ, ସେ ଥିଲା। ତାକୁ ଆଦେଶ ଦିଆଯାଇଥିଲା, କାରଣ ଆମେ ପାପ କରିଥିଲୁ ଏବଂ ଏଥିରୁ ଦୂରକୁ କରା ଯାଇଥିଲୁ। କିନ୍ତୁ ସେହି ଅଗ୍ରଗାମୀ, ଖ୍ରୀଷ୍ଟ, ଭିତରକୁ ଆସିଲେ ଓ ସେହି ଅସ୍ତ୍ରକୁ ଅଧିକାର କରିନେଲେ।

626 ଆପଣ ସେହି ପୁରୁଣା ଗୀତ ଶୁଣିଥିବେ, "ଦୁର୍ଗକୁ ଧରି ରଖିଥାଅ, କାରଣ ମୁଁ ଆସୁଅଛି।"? ଦୁର୍ଗକୁ ଧରି ରଖିଥାଅ, କିଛି ନୁହେଁ; ଆସନ୍ତୁ ଏହାକୁ ଅଧିକାର କରି ନେବା। ଆମେ ଏହାକୁ ଆଉ ଅଧିକ ଧରି ରଖିବାକୁ ଚାହୁଁନାହୁଁ। ଖ୍ରୀଷ୍ଟ ଦୁର୍ଗକୁ ଅଧିକାର କରି ନେଲେ। ହାଲ୍ଲେଲୁୟା! ଦ୍ୱାର ଉନ୍ମୁକ୍ତ ଅଟେ। "ଦାଉଦ ନଗରରେ, ପରମେଶ୍ୱରଙ୍କ ଘରେ ଧୌତ କରିବା ପାଇଁ, ଅଶୁଚିକୁ ପରିଷ୍କାର କରିବା ପାଇଁ, ଏକ ନିର୍ଝର ଉନ୍ମୁକ୍ତ ଅଛି।" ଆମର ଅଗ୍ରଗାମୀ ଆମ ପାଇଁ ପ୍ରବେଶ କରିଅଛନ୍ତି।

627 ସେହି ଅଗ୍ରଗାମୀ, ସେ ଆମକୁ କୁହନ୍ତି, "ସେଠାରେ ଏହାର ଆର ପାରିରେ, ଏକ ସ୍ଥାନ ଅଛି, ଯେଉଁଠାରେ ଆପଣ କେବେ ହେଲେ ବୃଦ୍ଧ ହେବେ ନାହିଁ।" ଯେଉଁଠାରେ କୌଣସି କୁଞ୍ଚନ ହେବ ନାହିଁ, ଯେଉଁଠାରେ ଆପଣଙ୍କୁ ନିଜର ସ୍ୱାମୀଙ୍କୁ ସୁନ୍ଦର ଦିଶିବା ପାଇଁ ଆପଣଙ୍କୁ ମ୍ୟାକ୍ସ ଫ୍ୟାକ୍ଟର୍ ସୌଦର୍ଯ୍ୟ ପ୍ରସାଧନ ବ୍ୟବହାର କରିବାକୁ ପଡିବ ନାହିଁ। ଅଗ୍ରଗାମୀ ଆଗକୁ ଯାଇଅଛନ୍ତି। ଏପରି ଏକ ସ୍ଥାନ ନାହିଁ ଯେଉଁଠାରେକି ଆପଣ କେବେ ବୃଦ୍ଧ ଏବଂ କ୍ଳାନ୍ତ ଓ କମ୍ପିତ ହୁଅନ୍ତି। ଏପରି ଏକ ସ୍ଥାନ ଅଛି ଯେଉଁଠାରେ ଆପଣ କେବେ ବି ଅସୁସ୍ଥ ହେବେ ନାହିଁ। ଯେଉଁଠାରେ ଶିଶୁ କଦାପି ରୋଗାଗ୍ରସ୍ତ ହେବ ନାହିଁ। ଯେଉଁଠାରେ ଆପଣ ଏକ କୃତ୍ରିମ ଦାନ୍ତ ଲଗାଇବା ନିମନ୍ତେ ଏକ କୃତ୍ରିମ, କିମ୍ବା, ଏକ ଦାନ୍ତ ପକାନ୍ତି ନାହିଁ। ହାଲ୍ଲେଲୁୟା! ଓଃ, ତାହାଙ୍କର ନାମ ଧନ୍ୟ ହେଉ! ସେ ଭିତରକୁ ପ୍ରବେଶ କରିଛନ୍ତି, ଏବଂ ଅମରତାରେ ଆମେ କୌଣସି ଦିନେ, ତାହାଙ୍କର ସାଦୃଶ୍ୟତାରେ ଛିଡ଼ା ହେବୁ। ସେମାନେ ନକ୍ଷତ୍ରଗଣ ଏବଂ ସୂର୍ଯ୍ୟ ଅପେକ୍ଷା ଅଧିକ ପ୍ରକାଶ ଦେବେ। ନିଶ୍ଚିତ ଭାବରେ। ଅଗ୍ରଗାମୀ ଆମ ଆଗରେ ଯାଇଅଛନ୍ତି।

> *ଆଉ ଯୀଶୁ,...ମଲ୍‌କୀଷେଦକଙ୍କ ସଦୃଶ, ଅନନ୍ତକାଳୀନ ମହାଯାଜକ ହୋଇ, ଆମ୍ଭମାନଙ୍କର ଅଗ୍ରଗାମୀରୂପେ ପ୍ରବେଶ କରିଅଛନ୍ତି।*

628 ଏହି ମହାନ ଅଗ୍ରଗାମୀ ଏକ ମାର୍ଗ ପ୍ରସ୍ତୁତ କରି, ଆମ ଆଗରେ ଯାଇଛନ୍ତି। ସେ ଆମ୍ଭଠାରୁ ହୋଇଥିଲେ, ପରମେଶ୍ୱରଙ୍କ ମେଘଧନୁର ମହାନ ନିର୍ଝରମାନଠାରୁ, ଯାହାର କୌଣସି ଆରମ୍ଭ କିମ୍ବା ଶେଷ ନ ଥିଲା। ସେ ତ ଚିରକାଳ, ପାଇଁ ପରମେଶ୍ୱର, ଥିଲେ।

ଆଲୋକର ଏହି କିରଣ ବାହାରିଲା। ଏହା ପ୍ରେମର ଏକ କିରଣ ଥିଲା, ଯାହାକି ମୁଖ୍ୟ ଥିଲା, ଲାଲ୍। ପରବର୍ତ୍ତୀ ରଙ୍ଗ ଯାହା ଆସିଲା, ଯାହାକି ନୀଳ ଥିଲା; ନୀଳ, ସତ୍ୟତା।

ପରବର୍ତ୍ତୀ, ତାହାପରେ ଆସିଲା ଅନ୍ୟ ରଙ୍ଗଗୁଡିକ, ସାତୋଟି ସିଦ୍ଧ ରଙ୍ଗ ଦ୍ୱାରା, ଯାହାକି ପରମେଶ୍ୱରଙ୍କ ସପ୍ତ ଆତ୍ମାମାନ ଅଟନ୍ତି, ଯାହାକି ସେହି ମହାନ ନିର୍ଝର କିମ୍ବା ସେହି ମହାନ ହୀରାରୁ ବାହାରିଥିଲା ଯାହା ବିଷୟରେ ଯୀଶୁ କହିଥିଲେ। ସେହି ମହାନ ହୀରାକୁ ଅଳ୍ପ ଅଳ୍ପ କରି କଟାଯାଇଥିଲା, ଯେପରିକି ଏହି ରଙ୍ଗଗୁଡିକୁ ପ୍ରତିଫଳିତ କରେ। ପରମେଶ୍ୱର ଦେହବନ୍ତ ହୋଇ ଆମ ମଧ୍ୟରେ ବାସ କଲେ, ଯେପରିକି ସେ ଦାନ ବରଦାନ ଏବଂ ଚିହ୍ନମାନ ଓ ଚମତ୍କାରଗୁଡିକ ଦ୍ୱାରା, ଆମ ମଧ୍ୟରେ ତାହାଙ୍କର ଉତ୍ତମତା ଏବଂ ଦୟାକୁ ପ୍ରତିଫଳିତ କରିପାରନ୍ତି। ସେହି ସମଗ୍ର ବଡ ମେଘଧନୁ ଏକ ଥିଓଫାନିରେ ପରିଣତ ହୋଇଥିଲା, ଯାହାକି, ମନୁଷ୍ୟ ପରି ପ୍ରତିମୂର୍ତ୍ତିରେ ନିର୍ମାଣ ହୋଇଥିଲା, ତଥାପି ସେ ଜଣେ ମନୁଷ୍ୟ ନ ଥିଲେ, ତାହାଙ୍କର ଏବେ ସୁଦ୍ଧା ଶରୀର ନ ଥିଲା, ସେ ଏକ ଥିଓଫାନି ଥିଲେ।

629 ମୋଶା କହିଲେ, "ମୁଁ ତୁମକୁ ଦେଖିବାକୁ ଚାହେଁ।" ପରମେଶ୍ୱର ତାହାଙ୍କୁ ପଥରରେ ଲୁଚାଇ ଦେଲେ।

630 ଏବଂ ଯେତେବେଳେ ସେ ଅତିକ୍ରମ କଲେ, ସେ ନିଜର ପିଠି ପଛକୁ କଲେ। ମୋଶା କହିଲେ, "ଏହା ଜଣେ ମନୁଷ୍ୟର ପିଠି ପରି ଦେଖାଯାଉଥିଲା।"

631 ତାହାପରେ କଅଣ ଘଟିଲା? ଦିନେ ସେଠାରେ ତଳେ, ଯେତେବେଳେ ଅବ୍ରହାମ ନିଜ ତମ୍ବୁରେ ବସିଥିଲେ। ଆଜି ରାତିରେ, ଆମେ ତାହା ଦେଖିବା। ଅବ୍ରହାମ ଯେତେବେଳେ ନିଜ ତମ୍ବୁରେ ବସିଥିଲେ, ପରମେଶ୍ୱର ତାଙ୍କ ପାଖକୁ, ଏକ ମାଂସମୟ ଶରୀରରେ ଆସିଲେ।

"ଓଃ," ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ସେ ଥିଲେ..."

632 ଆମେମାନେ ଠିକ ତାହାଙ୍କୁ ଏହା ପୂର୍ବରୁ ଏଠାରେ ଅବ୍ରହାମଙ୍କୁ ସାକ୍ଷାତ କରୁଥିବାର ପାଇବା, ମଲ୍କୀଷେଦକଙ୍କ ସଦୃଶରେ, ଏକ ମାଂସମୟ ଶରୀରରେ, ଯାହା ପରମେଶ୍ୱର ଥିଲେ। ନିଶ୍ଚିତରେ, ଏହା ଥିଲା। ସେ ଶରୀରରେ ପରମେଶ୍ୱର ଥିଲେ।

633 ଆପଣ କୁହନ୍ତି, "ତେବେ, ଭାଇ ବ୍ରାନହାମ୍, ତାହାଙ୍କୁ କାହିଁକି ପୁନର୍ବାର ଫେରି ଆସି ଜନ୍ମ ହେବାକୁ ପଡିବ?"

634 ସେ ସେତେବେଳେ ଜନ୍ମ ହୋଇ ନ ଥିଲେ। ସେ କେବଳ ସୃଷ୍ଟି ହୋଇଥିଲେ, ଏକ ଶରୀର ଯେଉଁଠାରେ ସେ ଆବାସ କରିଥିଲେ। ମଲ୍କୀଷେଦକ ଶାଲେମର ରାଜା ଥିଲେ, ଯିଏକି ଯିରୁଶାଲମର ରାଜା, ଯିଏକି ଶାନ୍ତିର ରାଜା ଅଟନ୍ତି; ଯାହାରକି କୌଣସି ପିତା କିମ୍ବା ମାତା ନ ଥିଲେ, ଦିନର ଆରମ୍ଭ କିମ୍ବା ଜୀବନର ସମାପ୍ତି ନ ଥିଲା।

ଯୀଶୁଙ୍କର ଉଭୟ ପିତା ଏବଂ ମାତା ଥିଲେ, ଓ ଦିନର ଏକ ଆରମ୍ଭ ଏବଂ ଜୀବନର ସମାପ୍ତି ଥିଲା। ମାତ୍ର ତାହାଙ୍କୁ ମଲ୍କୀଷେଦକର "ସାଦୃଶ୍ୟରେ" ସୃଷ୍ଟି କରାଯାଇଥିଲା, ଯାହାଙ୍କରକି ଦିନର କୌଣସି ଆରମ୍ଭ କିମ୍ବା ଜୀବନର ସମାପ୍ତି ନ ଥିଲା।

635 ମଲ୍‌କୀଷେଦକ ନିଜେ ପରମେଶ୍ୱର ଥିଲେ । ମଲ୍‌କୀଷେଦକ ଯିହୋବା ପରମେଶ୍ୱର ଥିଲେ, ସେହି ସମାନ ଜଣ ଯିଏକି ଅବ୍ରହାମଙ୍କୁ, ଅନେକ ବର୍ଷ ଉତ୍ତାରେ, ତାହାଙ୍କର ତମ୍ବୁ ସମ୍ମୁଖରେ, ସାକ୍ଷାତ କରିଥିଲେ । ସେ ନିଜର ପିଠିକୁ ତାଙ୍କର ପଛ ଆଡକୁ କରିଥିଲେ; ସେ କହିଥିଲେ, "ସାରା କାହିଁକି ହସିଲା?" ତାହା ଠିକ୍ । ସେ ସେହି ଜଣ କା ଥିଲେ ଯିଏକି ସେଠାରେ ଛିଡ଼ା ହୋଇ, ସଦୋମ ଆଡକୁ ଚାହିଁ ରହିଥିଲେ । ଅବ୍ରହାମ ତାହାଙ୍କୁ ଚିହ୍ନିଥିଲେ, କାରଣ ତାଙ୍କର ବିଚ୍ଛେଦବସ୍ତ୍ର ଭିତରେ ଏକ ଲଙ୍ଗର ସେହି ପ୍ରତିଜ୍ଞାକୁ ଧରି ରହିଥିଲା । ଏଇଥି ପାଇଁ ନୁହେଁ ଯେ ତାଙ୍କର କିଛି ସମ୍ବେଦନା ହୋଇଥିଲା, କିନ୍ତୁ ପରମେଶ୍ୱର ତାଙ୍କୁ ପ୍ରତିଜ୍ଞା କରିଥିଲେ । ଏବଂ ଯେତେବେଳେ ସେ ସେହି ମହାନ ଚୁମ୍ବକର ସଂସ୍ପର୍ଶରେ ଆସିଲେ, ସେ ଜାଣିଥିଲେ ଯେ ଏହା ସେହି ମାଂସମୟ ଶରୀରରେ ଥିଲା ।

636 ସେଠାରେ ସେ ଅବ୍ରହାମଙ୍କ ସହିତ, ଅଳ୍ପ ଏକ ବାଟ ଚାଲିକରି ଗଲେ । ସେ ଅବ୍ରହାମଙ୍କୁ କହିଲେ । କହିଲେ, "ଏହା ଦେଖି ଯେ, ଅବ୍ରହାମ ଜଗତର ଅଧିକାରୀ ଅଟନ୍ତି, କଅଣ ମୁଁ ଅବ୍ରହାମଙ୍କଠାରୁ ଏହି ବିଷୟଗୁଡିକ ଲୁଚାଇ ରଖିବି? ମୁଁ ତାହା କରିବି ନାହିଁ ।" ତେଣୁ, "ଅବ୍ରହାମ, ମୁଁ ତୁମକୁ କହିବି ଯେ ମୁଁ ମୋ ମାର୍ଗରେ କଅଣ କରିବାକୁ ଉଦ୍ୟତ ଅଟେ," ଆଜି ରାତିରେ ଆମେ ଏହାକୁ ଦେଖିବା, "ତଳେ ସେଠାରେ ସଦୋମରେ," ଏବଂ ସେମାନେ ସମସ୍ତେ କଅଣ କରିବାକୁ ଯାଉଥିଲେ । ଏବଂ ଅବ୍ରହାମଙ୍କୁ ଆଶୀର୍ବାଦ ଦେବା ମାତ୍ରକେ, ସେ ପୁନର୍ବାର ଶୁନ୍ୟମଣ୍ଡଳକୁ ଚାଲିଗଲେ । ଜଣେ ବ୍ୟକ୍ତି ଯିଏ ସେଠାରେ ଛିଡ଼ା ହୋଇଥିଲେ ଏବଂ ତାଙ୍କର ପୋଷାକରେ ଧୂଳି ଲାଗି ରହିଥିଲା, ଜଣେ ବ୍ୟକ୍ତି । ଆଉ କେବଳ ସେତିକି ନୁହେଁ, ମାତ୍ର ସେ ଏକ ବାଛୁରୀର ମାଂସ ଖାଇଥିଲେ ଯାହା ଅବ୍ରହାମ ବଧ କରିଥିଲେ, ଏବଂ ଗାଈ କ୍ଷୀର ପାନ କରିଥିଲେ, ଓ କିଛି ହୋ କେକ୍ (କିଛି ମକା ରୋଟି), ଲହୁଣୀ ଦେଇ ଖାଇଥିଲେ । ତାହା ଅବିକଳ ଠିକ୍ ଅଟେ । ଏବଂ ତାହାପରେ ପୁନର୍ବାର ଥିଓପାନିକୁ ଫେରିଗଲେ ।

637 ଏହା କଅଣ ଥିଲା? ସେ ସେତେବେଳେ କାହିଁକି ଗ୍ରହଣ କଲେ ନାହିଁ? ସେ କଦାପି ଆପଣ ଏବଂ ମୋ ପରି ଜନ୍ମ ହୋଇ ନ ଥିଲେ । କିନ୍ତୁ ତାହାଙ୍କୁ ଶରୀରରେ ଜନ୍ମ ହେବାକୁ ପଡିଥିଲା, ଯେପରିକି ସେ ସେହି ନାହୁଡକୁ ନେଇପାରନ୍ତି । ତାହା ଏକ ସୃଷ୍ଟ ଶରୀର ଥିଲା । ତାହା ଏକ ଶରୀର ଥିଲା ଯାହାକି ସେ ଠିକ୍ ପୃଥିବୀରୁ କ୍ୟାଲସିୟମ ଏବଂ ପୋଟାଶକୁ ନେଇଥିଲେ, ଏବଂ କହିଥିଲେ, "ହ୍ୟୁ," ଏବଂ ସେଥି ଭିତରେ ପ୍ରବେଶ କରିଥିଲେ । ତାହାହିଁ ଠିକ ସେହି ସମାନ ବିଷୟ ଥିଲା ଯାହାକି ମଲ୍‌କୀଷେଦକ ଥିଲେ । ସେ ତାହା ଭିତରେ, ଏକ ଶରୀରରେ ପାଦ ଦେଇଥିଲେ ଯେପରିକି ସେ ସେହି ବିଚ୍ଛେଦବସ୍ତ୍ର ତଳେ ରହି ତାଙ୍କ ଆଗରେ ଚଲାବୁଲା କରିପାରନ୍ତି, ତାହାଙ୍କ ନିଜର ସୃଷ୍ଟିର ଏକ ବିଚ୍ଛେଦବସ୍ତ୍ର; ଜଣେ ସ୍ତ୍ରୀର ସୃଷ୍ଟିର ଗୋଟିଏ ବିଚ୍ଛେଦବସ୍ତ୍ର ନୁହେଁ, ଜଣେ ସ୍ତ୍ରୀଙ୍କ ଗର୍ଭ ଜରିଆରେ, ଏକ—ଏକ କୋଷିକା ଦ୍ୱାରା, କେବେ ନୁହେଁ । ମାତ୍ର ସେ ଏହାକୁ ସୃଷ୍ଟି କଲେ ଏବଂ ସେଥି ଭିତରେ ପ୍ରବେଶ କରିଗଲେ, କଥାବାର୍ତ୍ତା କଲେ, ମଲ୍‌କୀଷେଦକଙ୍କ ସାଦୃଶ୍ୟରେ ।

638 ଏହି ମଲ୍‌କୀଷେଦକ କିଏ?

*ଏହି ମଲ୍‌କୀଷେଦକ, ଶାଲେମର ରାଜା* (ଯାହାକି ଯିରୁଶାଲମ ଅଟେ), *ପରାତ୍ପର ପରମେଶ୍ୱରଙ୍କ* ରାଜକୁମାର, (ନିଶ୍ଚିତରେ), *ସେ ଅବ୍ରହାମ ରାଜାମାନଙ୍କୁ ସଂହାର କରି ପ୍ରତ୍ୟାବର୍ତ୍ତନ କରିବା ସମୟରେ, ତାହାଙ୍କ ସଙ୍ଗେ ସାକ୍ଷାତ କରି ଆଶୀର୍ବାଦ କରିଥିଲେ;*

*ଅବ୍ରହାମ ମଧ୍ୟ ତାହାଙ୍କୁ ସମସ୍ତ ପଦାର୍ଥରୁ ଦଶମାଂଶ ଦେଇଥିଲେ; ଅନୁବାଦ କଲେ ଏହାଙ୍କ ନାମର ପ୍ରଥମ ଅର୍ଥ ଧର୍ମରାଜା*, (ସେହି ମହାନ ପ୍ରେମ, ଆରମ୍ଭରେ ସେହି ମହାନ ଆତ୍ମା)...*ଧର୍ମରାଜା,...ଦ୍ୱିତୀୟ...ଶାଲେମର ରାଜା,* ଅର୍ଥାତ୍ *ଶାନ୍ତିରାଜା;*

*ଏହାଙ୍କର ପିତା କି, ମାତା କି, ବଂଶାବଳୀ, କିଅବା ଆୟୁର ଆରମ୍ଭ, ଓ ଜୀବନର ଅନ୍ତ କିଛି ହିଁ ଜଣା ନାହିଁ;...*

639 ଏହା କିଏ ଥିଲେ? ସେ କଦାପି ଜନ୍ମ ହୋଇ ନ ଥିଲେ, ସେ କଦାପି ମରିବେ ନାହିଁ। ଏହା କିଏ ଅଟନ୍ତି? ଏହା ପରମେଶ୍ୱର ଥିଲେ, ନିଶ୍ଚିତରେ, ଏହା, ପ୍ରଭୁ ଯୀଶୁଙ୍କ ପ୍ରତିଛାୟାରେ ଥିଲେ। ନିଶ୍ଚିତ ଭାବରେ ଥିଲେ। ମାତ୍ର ତାହାଙ୍କୁ ଜଣେ ସ୍ତ୍ରୀଙ୍କ ମାଧ୍ୟମରେ ଆସିବାକୁ ପଡିଥିଲା, ଯେପରି ଭାବରେ ଆପଣ ଜଣେ ସ୍ତ୍ରୀଲୋକ ମାଧ୍ୟମରେ ଆସନ୍ତି। ଏବଂ ତାହାଙ୍କୁ ସେହି ଉପାୟରେ ଆସିବାକୁ ପଡିଥିଲା ଯେଉଁ ଉପାୟରେ ଆପଣ ଆସନ୍ତି, ଯେପରିକି ସେ ଆପଣଙ୍କୁ ନିଜ ପାଖକୁ ଫେରାଇ ଆଣିପାରନ୍ତି। ହାଲ୍ଲେଲୁୟା!

ଆଶ୍ଚର୍ଯ୍ୟଜନକ ଅନୁଗ୍ରହ! ଶବ୍ଦ କେତେ ମଧୁର,<br>
ଯାହା ମୋ ପରି ଏକ ଦରିଦ୍ର, ଅନ୍ଧ ଦୁଃଖିକୁ ରକ୍ଷା କଲା!<br>
ମୁଁ ଥରେ ହଜି ଯାଇଥିଲି, ମାତ୍ର ବର୍ତ୍ତମାନ ତାହାଙ୍କ ଅନୁଗ୍ରହରେ,<br>
  ଖୋଜା ଯାଇଅଛି,<br>
ମୁଁ ଅନ୍ଧ ଥିଲି, ମାତ୍ର ବର୍ତ୍ତମାନ ଦେଖୁଅଛି।

640 ମୁଁ ବୁଝୁଛି ଯେ ତାହାଙ୍କୁ କଅଣ କରିବାକୁ ପଡିଥିଲା। ପରମେଶ୍ୱର ମୁଁ ହୋଇଗଲେ, ଯେପରିକି ମୁଁ ଅନୁଗ୍ରହ ଦ୍ୱାରା ସେ ହୋଇପାରେ। ସେ ମୋର ପାପସବୁକୁ ନେଇ ଗଲେ, ଯେପରିକି ତାହାଙ୍କର ଧାର୍ମିକତା ଦ୍ୱାରା ମୁଁ ଅନନ୍ତ ଜୀବନ ପାଇପାରେ। ମୁଁ ନିଜକୁ ବାଛି ପାରିଲି ନାହିଁ। ମୋର ପ୍ରକୃତି ତ ଜଣେ ପାପୀ ଥିଲା। ମୋର ତାହା ସହିତ କୌଣସି ସମ୍ପର୍କ ନ ଥିଲା। ମୁଁ ତ "ଜଗତରେ ଜନ୍ମ ହୋଇଥିଲି, ଅଧର୍ମରେ ଗଢା ହୋଇଥିଲି, ଜଗତକୁ ମିଛ କହି କହି ଆସିଥିଲି।" ଏପରିକି ଆଦୌ, ଏକ ସୁଯୋଗ ସୁଦ୍ଧା ନୁହେଁ; କିଛି ନୁହେଁ, ଏକ ଇଚ୍ଛା ମଧ୍ୟ ନୁହେଁ।

641 ଗୋଟିଏ ଘୁଷୁରୀକୁ କୁହନ୍ତୁ ଯେ ସେ "ଅଳିଆ ଖାଇବା ଦ୍ୱାରା, ଭୁଲ୍ କରୁଛି," କଅଣ ଆପଣ କରିବେ କି? ଦେଖନ୍ତୁ ଯେ ସେ ଆପଣଙ୍କ କଥା କେତେ ଶୁଣିବେ। ଗୋଟିଏ କାଉକୁ କୁହନ୍ତୁ ଯେ ସେ "ଏକ ମୃତ ଶବ ଉପରେ ଖାଇବା ଦ୍ୱାରା, ଭୁଲ୍ କରୁଛି," ଏବଂ ଦେଖନ୍ତୁ ଯେ ସେ

ଆପଣଙ୍କୁ କଅଣ କହିବ । ଯଦି ସେ କଥା କହିପାରନ୍ତା, "ତୁମେ ତୁମର ନିଜ କାମ ସହିତ କାମ ରଖ ।" ନିଶ୍ଚିତରେ ।

642 ଓଃ, ମାତ୍ର ପରମେଶ୍ୱରଙ୍କ ଅନୁଗ୍ରହ ଯାହାକି ଏହି ପ୍ରକୃତିକୁ ବଦଳାଇ ଦେଲା, ଏବଂ ମୋତେ ଇଚ୍ଛା କରିବାକୁ, ଆକାଂକ୍ଷା କରିବାକୁ ଓ ତୃଷିତ ହେବାକୁ ସୁଯୋଗ ଦେଲା, "ହେ ପରମେଶ୍ୱର, ତୁମର ପ୍ରେମ-କରୁଣା ମୋ ପାଇଁ ଜୀବନ ଅପେକ୍ଷା ଉତ୍ତମ । ମୋର ହୃଦୟ ତୁମକୁ ଡାକ ଛାଡିବ ।"

643 ଦାଉଦ କହିଲେ, "ହରିଣୀ ଯେପରି ଜଳଧାରା ପାଇଁ ଧକାଏ, ମୋ ପ୍ରାଣ ସେହିପରି ତୁମ ପାଇଁ ତୃଷିତ, ହେ ପରମେଶ୍ୱର ।"

644 ପରମେଶ୍ୱର ମନୁଷ୍ୟଠାରେ ତାହାଙ୍କୁ ଉପାସନା କରିବା ପାଇଁ, ପ୍ରେମ କରିବା ପାଇଁ, ତାହାଙ୍କୁ ଅନ୍ୱେଷଣ କରିବା ପାଇଁ ସେହି ତୃଷାକୁ ଦେଇଥିଲେ । ମାତ୍ର ମନୁଷ୍ୟ ଏହାକୁ ଶୟତାନର ଡାକରା ଦ୍ୱାରା ବିକୃତ କରିଥାଏ, ଏବଂ ସେ ଯାଇ ସ୍ତ୍ରୀ ଓ ଭୋଗ ବିଳାସ ପୁଣି ଜଗତର ବିଷୟ ବସ୍ତୁ ପ୍ରତି ଲୋଭ କରିଥାଏ, ଆଉ ପରମେଶ୍ୱରଙ୍କୁ ପ୍ରେମ କରିବାର, ସେହି ପବିତ୍ର ସୃଷ୍ଟିକୁ ଯାହା ପରମେଶ୍ୱର ତାହା ଭିତରେ ରଖିଅଛନ୍ତି ତାହାକୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଥାଏ । ସେ ଏହାକୁ ଜଗତର ବିଷୟ ବସ୍ତୁ ଉପରେ ନିୟୋଜିତ କରିଥାଏ । ମାତ୍ର, ଭାଇ, ଯେତେବେଳେ ସେ ଥରେ ବଦଳି ଯାଏ, ଆଉ ସେହି ନିର୍ଝର ଯେଉଁଥିରେକି ସେହି ପୋକମାନେ ରହିଥାଆନ୍ତି, କୂପର ସମସ୍ତ ପ୍ରକାର—ପ୍ରକାର ବିଶୃଙ୍ଖଳା ରହିଥାଏ, ସଫା ହୋଇଯାଏ ଓ ପରିଷ୍କୃତ ହୋଇଯାଏ, ଏବଂ ପରମେଶ୍ୱରଙ୍କ ବିଶୁଦ୍ଧ ଜଳ ସେଠାରେ ରଖାଯାଇଥାଏ, ପାପ ଏହାକୁ କଦାପି ସ୍ପର୍ଶ କରିପାରେ ନାହିଁ । ଆମେନ୍ ।

ଓଃ ମୁଁ ତାହାଙ୍କୁ କିପରି ପ୍ରେମ କରେ! ମୁଁ ତାହାଙ୍କୁ କିପରି ପ୍ରଶଂସା କରେ!
ମୋ ଜୀବନ, ମୋର ସୂର୍ଯ୍ୟକିରଣ, ମୋର ସବୁରେ ସବୁକିଛି!
ସେହି ମହାନ ସୃଷ୍ଟିକର୍ତ୍ତା ମୋର ତ୍ରାଣକର୍ତ୍ତା ହୋଇଗଲେ,
ଏବଂ ପରମେଶ୍ୱରଙ୍କ ସମସ୍ତ ପରିପୂର୍ଣ୍ଣତା ତାହାଙ୍କଠାରେ ବାସ କରେ ।

ତାହାଙ୍କ ମହିମାରୁ, ସେହି ଚିର ଜୀବନ୍ତ କାହାଣୀ ଝରିଥାଏ,
ମୋର ପରମେଶ୍ୱର ଓ ତ୍ରାଣକର୍ତ୍ତା ଆସିଲେ, ଏବଂ ଯୀଶୁ ତାହାଙ୍କର ନାମ ଥିଲା ।
ଏକ ଗୁହାଳ କୁଣ୍ଡରେ ଜନ୍ମ ହୋଇଥିଲେ, ନିଜ ଲୋକମାନଙ୍କ ପ୍ରତି ଜଣେ ଅପରିଚିତ ଥିଲେ,
ଦୁଃଖ, ଅଶ୍ରୁ ଏବଂ ଯନ୍ତ୍ରଣାର ପରମେଶ୍ୱର ।

ଓଃ ମୁଁ ତାହାଙ୍କୁ କିପରି ପ୍ରେମ କରେ! ମୁଁ ତାହାଙ୍କୁ କିପରି ପ୍ରଶଂସା
କରେ!
ମୋ ଶ୍ୱାସ ବାୟୁ, ମୋର ସୂର୍ଯ୍ୟକିରଣ, ମୋର ସବୁରେ ସବୁକିଛି!

645 ହେ ପରମେଶ୍ୱର! ସେ ଏହା କିପରି କରିପାରନ୍ତି? ମନୁଷ୍ୟ ଏହାକୁ ଲେଖିବାକୁ ଚେଷ୍ଟା କରିଛି । ଜଣେ କହିଲେ:

ଯଦି ଶ୍ୟାହୀରେ ପରିପୂର୍ଣ୍ଣ ଆମର ସମୁଦ୍ର ହୁଏ,
ପୃଥିବୀରେ ଥିବା ପ୍ରତ୍ୟେକ ନଡ଼ା ଏକ ତୂଳୀ ହୁଏ;
ସମସ୍ତ ଆକାଶ ଚିତ୍ରକଳାର ପର୍ଦା ହୁଏ,
ଏବଂ ପ୍ରତ୍ୟେକ ବ୍ୟକ୍ତି ବ୍ୟବସାୟରେ ଜଣେ ଲିପିକ ହୁଏ;
ଊର୍ଦ୍ଧ୍ୱସ୍ଥ ପରମେଶ୍ୱରଙ୍କ ପ୍ରେମ ବିଷୟ ଲେଖିବା ନିମନ୍ତେ

କିପରି ସ୍ୱର୍ଗର ସେହି ମହାନ ପରମେଶ୍ୱର ଦେହ ଧାରଣ କଲେ ଏବଂ ମୋର ପାପସବୁକୁ ନେଇ ନେଲେ!

ଊର୍ଦ୍ଧ୍ୱସ୍ଥ ପରମେଶ୍ୱରଙ୍କ ପ୍ରେମ ବିଷୟ ଲେଖିବା ନିମନ୍ତେ
ସମୁଦ୍ରକୁ ଶୁଷ୍କ କରିଦେବ;
କିଅବା ଯେପରି ସେହି ନଳାକାର ପୁସ୍ତକ ସମଗ୍ର ବିଷୟକୁ ଧାରଣ
କରିଥିଲା,
ଯଦିଓ ଆକାଶରୁ ଆକାଶ ପର୍ଯ୍ୟନ୍ତ ବିସ୍ତାର ହୋଇଥିଲା ।

646 ଏବଂ ଏହି ପରିତ୍ରାଣର ଅଧିକାରୀମାନଙ୍କୁ ଏକ ସୁନିଶ୍ଚିତ ଭରସା କରିବା ପାଇଁ, ସେ ଆପଣାଠାରେ ଶପଥ କଲେ ଯେ ସେ ଶେଷ ଦିନରେ ଆମକୁ ଉଠାଇବେ, ଆମକୁ ଅନନ୍ତ ଜୀବନ ଦେବେ । "ଆଉ କୌଣସି ବ୍ୟକ୍ତି ସେମାନଙ୍କୁ ମୋ ହାତରୁ ଛଡ଼ାଇ ନେଇପାରିବେ ନାହିଁ ।" ଆମେନ୍ ।

ଆସନ୍ତୁ ପ୍ରାର୍ଥନା କରିବା ।

647 କଅଣ ଆପଣ ତାହାଙ୍କର ପ୍ରେମକୁ ପଦାଘାତ କରିବାର ଦୋଷୀ କି? କଅଣ ଆପଣ ତାହାଙ୍କର ଆଶୀଷିତ ଜନକୁ ପରିହାର କରିଛନ୍ତି କି, ଏହି ମହାନ ଜନକୁ ଯିଏକି ଆପଣଙ୍କୁ ତାହା କରିଛନ୍ତି ଯାହା ଆପଣ ଅଟନ୍ତି? ଏବଂ ବର୍ତ୍ତମାନ ଆପଣ ଏଠାରେ ଅଛନ୍ତି, ଆଜି ସକାଳେ, ଜୀବନରେ ଏତେ ଦୂର, ଆଉ ଏହା ଆପଣଙ୍କୁ ଏକ ସୁଯୋଗ ଦେଉଅଛି । ଆପଣ ବଞ୍ଚି ରହିବାକୁ ଚାହୁଁଛନ୍ତି କି? ବଞ୍ଚିବାର କେବଳ ଗୋଟିଏ ଉପାୟ ଅଛି, ଯାହା ହେଲା ପ୍ରଭୁ ଯୀଶୁଙ୍କ ଉପରେ ବିଶ୍ୱାସ କରିବା । ଯଦି ଆପଣ, ନିଜ ହୃଦୟରୁ, ଏହା ବିଶ୍ୱାସ କରନ୍ତି ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି ଏବଂ ତାହାଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତି, ଓ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କର ଧାର୍ମିକତା ନିମନ୍ତେ ତାହାଙ୍କୁ ଉଠାଇ ଅଛନ୍ତି, ଯଦି ଆପଣ ଏହାକୁ

ସେହି ଆଧାରରେ ଗ୍ରହଣ କରିବାକୁ ଚାହୁଁଛନ୍ତି, ତାହାହେଲେ ବର୍ତ୍ତମାନ ତାହା ଆପଣଙ୍କର ଅଟେ।

648 କଅଣ ଆପଣ ନିଜର ହାତ ଉଠାଇବେ କି? କୌଣସି ଅପ୍ରାୟଶ୍ଚିତ ପ୍ରାଣ, ଯିଏକି ଆଜି ସକାଳେ ଅନୁତାପ କରିବାକୁ ଚାହିଁବେ, କୁହନ୍ତୁ, "ଭାଇ, ପ୍ରଚାରକ, ଯେତେବେଳେ ଆମେ ପ୍ରାର୍ଥନା କରିବାକୁ ଯାଉ, ମୋତେ ସ୍ମରଣ ରଖିବେ। ମୁଁ ମଧ୍ୟ ବିଫଳ ହୋଇଛି। ମୁଁ ମଣ୍ଡଳୀରେ ଯୋଗ ଦେଇଛି, ମାତ୍ର ମୁଁ—ମୁଁ ଜାଣେ ଯେ ମୁଁ—ମୁଁ ତାହା କଦାପି ପାଇ ନାହିଁ ଯାହା ବିଷୟରେ ଆପଣ କହୁଛନ୍ତି। ମୁଁ ସେହି ଆତ୍ମା ଠାରୁ କେବେ ହେଲେ ଜନ୍ମ ହୋଇ ନାହିଁ, ଭାଇ ବ୍ରାନହାମ୍। ମୁଁ ତ—ମୁଁ ତ ତାହା ପାଇ ହିଁ ନାହିଁ, ତାହାହିଁ ସବୁକିଛି ଅଟେ। ମୁଁ ଚାହେଁ ଆପଣ ମୋ ପାଇଁ ପ୍ରାର୍ଥନା କରନ୍ତୁ, ଯେ ପରମେଶ୍ୱର ଆଜି ସକାଳେ ମୋତେ ତାହା ଦେବେ।" ମହାଶୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। କଅଣ ଆଉ କେହି ଅଛନ୍ତି କି? କୁହନ୍ତୁ, "ପରମେଶ୍ୱର, ତୁମେ ଯାହା ଚାହୁଁଛ ମୋତେ ସେହିପରି ତିଆରି କର। ମୁଁ ଚାହେଁ ଯେ ତୁମେ ହୁଅ...ମୁଁ ତାହା ହେବାକୁ ଚାହେଁ ଯାହା ତୁମେ ଚାହଁ ଯେ ମୁଁ ହୁଏ। ମୁଁ ତୁମର ପ୍ରେମକୁ ପଦାଘାତ କରିଅଛି।" ହେ ପୁଅ, ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ।

649 ତେବେ ଏକ ମୁହୂର୍ତ୍ତ।

> ଯଦି ଶ୍ୟାହୀରେ ପରିପୂର୍ଣ୍ଣ ଆମର ସମୁଦ୍ର ହୁଏ,
> ଏବଂ ଆକାଶଟି ଚିତ୍ରକଳାର ପର୍ଦ୍ଦା ହୁଏ;
> ପୃଥିବୀରେ ଥିବା ପ୍ରତ୍ୟେକ ନଡ଼ା ଏକ ତୂଳୀ ହୁଏ,
> ଏବଂ ପ୍ରତ୍ୟେକ ବ୍ୟକ୍ତି ବ୍ୟବସାୟରେ ଜଣେ ଲିପିକ ହୁଏ;
> ଉର୍ଦ୍ଧ୍ୱସ୍ଥ ପରମେଶ୍ୱରଙ୍କ ପ୍ରେମ ବିଷୟ ଲେଖିବା ନିମନ୍ତେ
> ସମୁଦ୍ରକୁ ଶୁଷ୍କ କରିଦେବ;
> କିମ୍ବା ନଳାକାର ପୁସ୍ତକ ସମଗ୍ର ବିଷୟକୁ ଧାରଣ କରିପାରେ,
> ଯଦିଓ ଆକାଶରୁ ଆକାଶ ପର୍ଯ୍ୟନ୍ତ ବିସ୍ତାର ହୋଇଥାଏ।
>
> ଓଃ, ପରମେଶ୍ୱରଙ୍କ ପ୍ରେମ, କେତେ ସମୃଦ୍ଧ ଏବଂ ବିଶୁଦ୍ଧ!
> କେତେ ଅଗାଧ ଏବଂ ଶକ୍ତିଶାଳୀ!
> ଏହା ଚିରଦିନ ପାଇଁ ରହିବ,
> ସାଧୁଗଣ ଏବଂ ଦୂତମାନେ ଗୀତ ଗାଆନ୍ତି।

650 ପ୍ରିୟ ପରମେଶ୍ୱର, ପ୍ରକୃତରେ ସେହି କବି ଯିଏକି ସେହି ଶବ୍ଦଗୁଡ଼ିକୁ ଲେଖିଲେ ତୁମର ଅନ୍ୟ କେତେକ ବିଶ୍ୱାସୀମାନଙ୍କ ପରି ଅଟନ୍ତି, ଯିଏକି ଏହାକୁ ପ୍ରକାଶ କରିବା ପାଇଁ ଶବ୍ଦଗୁଡିକୁ ଖୋଜିଥିଲେ, ପାଇବାକୁ ଚେଷ୍ଟା କରିଥିଲେ। ଏବଂ ବାଇବଲରେ ଲେଖା ହୁଏ, "ଅଧିକନ୍ତୁ, କାରଣ ପ୍ରଚାରକ ଜ୍ଞାନୀ ଥିବାରୁ, ସେ ଖୋଜିଲେ ଓ ଅନେକ ଶବ୍ଦଗୁଡିକୁ କ୍ରମରେ ସଜାଡିଲେ।" ଓଃ, ଆମେ କିପରି ସେହି ଭାଷା ଏବଂ ସେହି ଶବ୍ଦକୋଷ ପାଇବାକୁ ପସନ୍ଦ

କରିବୁ ଯାହାଦ୍ୱାରାକି ଆମେ ଲୋକମାନଙ୍କୁ ବୁଝାଇପାରିବା ଯେ ଏହା ପ୍ରକୃତରେ କଅଣ ଅଟେ, ମାତ୍ର ଏହା ମର୍ତ୍ତ୍ୟ ଓଠରେ ମିଳିପାରେ ନାହିଁ। ସମସ୍ତ ଅନନ୍ତତା, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା କେବେ ପ୍ରକାଶ କରିବ କି ନାହିଁ, କିପରି ଯେ ସ୍ୱର୍ଗର ପରମେଶ୍ୱର କେବେ ଦରିଦ୍ର, ବିନଷ୍ଟ, ଦୁଃଖୀ ପାପୀମାନଙ୍କୁ ଉଦ୍ଧାର କରିବା ନିମନ୍ତେ ପୃଥିବୀକୁ ଆସିଥିଲେ।

651 ପିତା, ମୁଁ ତୁମଠାରେ ପ୍ରାର୍ଥନା କରେ ଯେ ଆଜି ସକାଳେ ଏହି ଅଳ୍ପ କିଛି ଅବିଭକ୍ତ ଶବ୍ଦମାନ, କିମ୍ବା ଭଙ୍ଗା ଶବ୍ଦଗୁଡିକ ମାଧ୍ୟମରେ, ଯେପରି ମୋତେ କହିବା ଉଚିତ୍, ଯେ କେହି ଜଣେ ଶାନ୍ତି ଏବଂ ସନ୍ତୁଷ୍ଟି ଓ ଦୃଢ଼ ସାନ୍ତ୍ୱନା ପାଇଛନ୍ତି, ଯିଏକି ଆଶ୍ରୟ ନିମନ୍ତେ ପଳାୟନ କରିଛନ୍ତି। ଏବଂ ସେମାନଙ୍କର ପ୍ରାଣ ସେହି ପ୍ରତିଜ୍ଞା ପ୍ରତି ଲଙ୍ଗର ଦେଇଥାଉ ଯାହା ପରମେଶ୍ୱର ଶପଥ କରିଛନ୍ତି, ଯେ ସେ ସେମାନଙ୍କୁ ଶେଷ ଦିନରେ ଉଠାଇବେ। ଏହି ଭବନରେ, ଠିକ ଏହି ଆରାଧନାଳୟରେ, ଅନେକ ହାତମାନ ଉପରକୁ ଉଠିଥିଲା। ପରମେଶ୍ୱର, ଠିକ ବର୍ତ୍ତମାନ, ସେମାନଙ୍କୁ ସେହି ଦୃଢ଼ ଭରସା ଦିଅ। ସେମାନେ ଯୁଗମାନର ଶୈଳ ବିରୁଦ୍ଧରେ ଲଙ୍ଗର ଦିଅନ୍ତୁ। ଏଥିରେ କିଛି ଯାଏ ଆସେ ନାହିଁ ଯେ ସମୁଦ୍ର କେତେ ଇତସ୍ତତଃ ହୋଇପାରେ ଏବଂ ସେମାନଙ୍କର ଛୋଟ ଛୋଟ ଖଣ୍ଡମାନ ଡିଆଁ ମାରୁ ଥାଇପାରେ, ସେମାନଙ୍କର ଏକ ଲଙ୍ଗର ରହିଛି, ପରମେଶ୍ୱରଙ୍କ ପ୍ରତିଜ୍ଞା ରହିଛି। ସେଠାରେ ସେମାନେ ରହିଥାଆନ୍ତି, "ପରମେଶ୍ୱର ଏହା କହିଛନ୍ତି। ସେ ମିଛ କହିପାରନ୍ତି ନାହିଁ।"

652 "ଯିଏ ମୋର ବାକ୍ୟ ଶୁଣେ," ଯାହାକି ମୁଁ ଆଜି ସକାଳେ ପ୍ରଚାର କରିବାକୁ ଚେଷ୍ଟା କରିଛି, "ଏବଂ ମୋହର ପ୍ରେରଣକର୍ତ୍ତା, ଯିହୋବାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି; ଆଉ ସେ ବିଚାରକୁ ଆସିବେ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି।"

653 ହେ ଅନନ୍ତଜୀବୀ ଜଣ, ଆଜି ସେମାନଙ୍କୁ ଆଶୀର୍ବାଦ କର। ଏବଂ ଏହା ହେଉ ଯେ ଏଠାରେ ଥିବା ପ୍ରତ୍ୟେକ ସେହି ବ୍ୟକ୍ତି ଯିଏକି ରକ୍ତ ତଳେ ନାହାଁନ୍ତି, ଯେଉଁମାନଙ୍କର ପ୍ରାଣ କଦାପି ପରିବର୍ତ୍ତିତ ହୋଇନାହିଁ, ହେ ପ୍ରଭୁ, ତାହା ବର୍ତ୍ତମାନ ହିଁ ହୋଇଯାଉ। ତୁମେ ରହସ୍ୟମୟୀ ଭାବରେ କାର୍ଯ୍ୟ କର। ଏହା ସବୁ ତୁମର ଅଟେ। ଏହା ତୁମ ପ୍ରତି ସମର୍ପିତ ଅଟେ। ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କୁ, ଅନନ୍ତ ଜୀବନ ପ୍ରଦାନ କରିବ। ଏହା ହେଉ ଯେ, କୌଣସି ଏକ ଦିନେ, ଅନ୍ୟ କୂଳରେ, ଆମେ ଜଣେ ପରେ ଜଣେ ସେହି ଉପତ୍ୟକା ଦେଇ ଯିବା, ହେବାକୁ ଦିଅ ଯେ ଆମେ ସେଠାରେ ସେଠାରେ ସାକ୍ଷାତ କରୁ ଯେଉଁଠାରେ ସେମାନେ ଆଉ ଅଧିକ କଦାପି "ଶୁଭ-ବିଦାୟ" କହିବେ ନାହିଁ।

କୌଣସି ଏକ ଦିନେ ଆମେ ସମୟର ଶେଷରେ ନଦୀକୁ ଆସିବୁ,
ଯେତେବେଳେ ଦୁଃଖର ଶେଷ ଚିନ୍ତା ଚାଲି ଯାଇଥିବ;
ସେଠାରେ କେହି ଜଣେ ଅପେକ୍ଷା କରୁଥିବେ ଯିଏକି ଆମକୁ ବାଟ
  ଦେଖାଇବେ,

ମୋତେ ଏକାକୀ ଯର୍ଦ୍ଦନ ପାର ହେବାକୁ ପଡିବ ନାହିଁ ।

ସେଠାରେ ଜଣେ, କେହି ଜଣେ ଅପେକ୍ଷା କରୁଥିବେ ଯିଏକି ମୋତେ
ବାଟ ଦେଖାଇବେ,
ମୋତେ ଯର୍ଦ୍ଦନ ପାର ହେବାକୁ ପଡିବ ନାହିଁ...

654 ଆଉ ସେସମସ୍ତେ ଯେଉଁମାନଙ୍କର ସେହି ଆଶା ଅଛି, ବର୍ତ୍ତମାନ ନିଜର ହାତ ଉଠାନ୍ତୁ ଯେତେବେଳେ ଆପଣ ନିଜର ମୁଣ୍ଡ ଉଠାନ୍ତି ।

ମୋତେ ପଡ଼ିବ ନାହିଁ...

ତେବେ କେବଳ ତାହାଙ୍କୁ ଉପାସନା କରନ୍ତୁ । ବାର୍ତ୍ତା ସମାପ୍ତ ହୋଇଅଛି । କଅଣ ଆପଣ ଆନନ୍ଦିତ ନୁହଁନ୍ତି କି? ପରମେଶ୍ୱର ଶପଥ କଲେ ଯେ ସେ କରିବେ ନାହିଁ...ପରମେଶ୍ୱର ଶପଥ କଲେ ଯେ ସେ ଆପଣଙ୍କୁ ସେଠାରେ ସାକ୍ଷାତ କରିବେ ।

ଯୀଶୁ ମୋର ସମସ୍ତ ପାପର ପ୍ରାୟଶ୍ଚିତ ନିମନ୍ତେ ମଲେ;
ଯେତେବେଳେ ମୁଁ ଅନ୍ଧକାର...(ଆପଣ କଅଣ କୁହନ୍ତି? ନାହୁଡ
ଚାଲିଯାଇଛି ।) ସେ ମୋ ନିମନ୍ତେ ଅପେକ୍ଷା କରୁଥିବେ,
ମୋତେ ଏକାକୀ ଯର୍ଦ୍ଦନ ପାର ହେବାକୁ ପଡିବ ନାହିଁ ।

ପ୍ରାୟତଃ ମୁଁ ପରିତ୍ୟକ୍ତ ଥାଏ, ଏବଂ କ୍ଲାନ୍ତ ଥାଏ...

ବର୍ତ୍ତମାନ କେବଳ ତାହାଙ୍କୁ ଉପାସନା କରନ୍ତୁ ।

...ଏପରି ମନେହୁଏ ଯେପରିକି ମୋର ବନ୍ଧୁମାନେ ସମସ୍ତେ
ଚାଲିଯାଇଛନ୍ତି;

କଅଣ ଆପଣ କେବେ ସେହି ସ୍ଥାନକୁ ଯାଇଛନ୍ତି କି?

କିନ୍ତୁ ଗୋଟିଏ ଭାବନା ଅଛି ଯାହାକି ମୋତେ ପ୍ରଫୁଲ୍ଲିତ କରେ...
(ସେହି ପ୍ରତିଜ୍ଞା କଅଣ ଥିଲା?) ...ମୋର ହୃଦୟକୁ ଆନନ୍ଦିତ
କରେ,
ମୋତେ ଯର୍ଦ୍ଦନ ପାର ହେବାକୁ ପଡିବ ନାହିଁ...

655 ତେବେ, ପ୍ରତିଜ୍ଞାର ସନ୍ତାନମାନେ, ତାହା କରିଥିବା ପାଇଁ କେବଳ ତାହାଙ୍କୁ ଉପାସନା କରନ୍ତୁ ।

ମୋତେ ଏକାକୀ ଯର୍ଦ୍ଦନ ପାର ହେବାକୁ ପଡିବ ନାହିଁ,
ଯୀଶୁ ମୋର ସମସ୍ତ ପାପର ପ୍ରାୟଶ୍ଚିତ ନିମନ୍ତେ ମଲେ;

ବର୍ତ୍ତମାନ କଅଣ ହୁଏ?

ଯେତେବେଳେ ମୁଁ ଅନ୍ଧକାର ଦେଖେ, ସେ ମୋର ଅପେକ୍ଷା
  କରୁଥିବେ,
ମୋତେ ଏକାକୀ ଯର୍ଦନ ପାର ହେବାକୁ ପଡିବ ନାହିଁ ।

ଯେତେବେଳେ ମୁଁ ନଦୀକୁ ଆସେ...

ଆପଣମାନଙ୍କ ମଧ୍ୟରୁ ସମସ୍ତେ ଆସୁଛନ୍ତି । ସେଠାରେ ଆପଣଙ୍କ ଆଗରେ ଏକ ବଡ଼, ଅନ୍ଧକାର ଛାଇ ରହିଛି । ଏହା ଏକ ବଡ ଦ୍ୱାର ଅଟେ । ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନ, ଆପଣ ସେଠାକୁ ଯାଉଅଛନ୍ତି, ବୋଧହୁଏ ଏହି ଦିନ ଶେଷ ହେବା ପୂର୍ବରୁ, ବୋଧହୁଏ ଆଜି ସକାଳେ ଗୀର୍ଜା ବନ୍ଦ ହେବା ପୂର୍ବରୁ । ଆପଣ ସେଠାକୁ ଯାଉଅଛନ୍ତି । ପ୍ରତ୍ୟେକ ଥର ସେହି ହୃଦୟ ଧକ୍ ଧକ୍ କରେ, ଆପଣ ଗୋଟିଏ ପାଦ ନିକଟତର ହୋଇଥାନ୍ତି ।

କିନ୍ତୁ ଯେତେବେଳେ ମୁଁ ଅନ୍ଧକାର ଦେଖେ, ସେ ମୋର ଅପେକ୍ଷା
  କରୁଥିବେ,

ସେ କହିଛନ୍ତି ଯେ ସେ କରିବେ । ସେ ଶପଥ କରିଛନ୍ତି ଯେ ସେ କରିବେ ।

ତେବେ ମୋତେ ଏକାକୀ ଯର୍ଦନ ପାର ହେବାକୁ ପଡିବ ନାହିଁ ।

656 ହେ ଆଶୀଷିତ ପ୍ରଭୁ, ଆଜି ସକାଳେ, ଆମର ହୃଦୟଗୁଡିକ ପରିପୂର୍ଣ୍ଣ ହୋଇ, ଉଛୁଳି ପଡୁଛି ।

657 ସେହି ସମୟ ବିଷୟରେ ଚିନ୍ତା କରିବା ଯେତେବେଳେ ନାଡି ବନ୍ଦ ହୋଇଯାଏ, ଏବଂ ନର୍ସ ଆପଣଙ୍କ ମୁଣ୍ଡ ଚାରି ପାଖରେ ତକିଆ ଦବାନ୍ତି । ଏବଂ ଆପଣଙ୍କର ହାତ, ଆପଣ ଆଉ ଅଧିକ ହଲାଇ ପାରନ୍ତି ନାହିଁ । ଆପଣଙ୍କର ହାତ ବରଫ ପାଲଟି ଯାଇଥାଏ । ଆପଣଙ୍କର ସନ୍ତାନମାନେ, ଆପଣଙ୍କର ମାଆ, ଆପଣଙ୍କର ପ୍ରିୟ ଲୋକମାନେ ଚିତ୍କାର କରି କାନ୍ଦୁଥାନ୍ତି । ସେହି ବଡ କବାଟ, ସେଠାରେ ଖୋଲା ହୋଇଥାଏ । ସେ ଅପେକ୍ଷା କରୁଥିବେ ।

658 ଦାଉଦ କହିଲେ, "ଯଦି ମୁଁ ମୋର ବିଛଣା ନରକରେ ସୁଦ୍ଧା କରେ, ସେ ସେଠାରେ ରହିଥିବେ ।" ମୋତେ ଏକାକୀ ଅତିକ୍ରମ କରିବାକୁ ପଡିବ ନାହିଁ । ଯେତେବେଳେ ନଦୀର ଛିଞ୍ଚା ଆମ ମୁହଁରେ ଛିଟିକି ଉଠିବା ଆରମ୍ଭ କରେ, ପରମେଶ୍ୱର ଜୀବନନୌକାଟିକୁ ନେବେ, ଓ ଆମକୁ ଠିକ ଏହା ଦେଇ କଢାଇ ନେବେ । ସେ ପ୍ରତିଜ୍ଞା କରିଛନ୍ତି ଯେ ସେ କରିବେ । ଭବିଷ୍ୟଦ୍‌ବକ୍ତା ଦାଉଦ କହିଲେ, "ହଁ, ଯଦିଓ ମୁଁ ମୃତ୍ୟୁ ଛାୟାରୂପ ଉପତ୍ୟକା ଦେଇ ଗମନ କରେ, ମୁଁ କୌଣସି ମନ୍ଦକୁ ଭୟ କରିବି ନାହିଁ । ତୁମେ ମୋ ସହିତରେ ଅଛ । ତୁମ୍ଭର ଯଷ୍ଟି ଓ ତୁମ୍ଭର ପାଞ୍ଚଣ, ମୋତେ ସାନ୍ତ୍ୱନା ଦିଅନ୍ତି ।"

659 ପ୍ରଭୁ, ଆଜି ଆମେ ଏତେ ଆନନ୍ଦିତ, ଯେ ଆମକୁ ପ୍ରତିଜ୍ଞାର ଅଧିକାରୀ ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା । ଆଜି ଆମେ ଆମ ଭିତରେ ଅନନ୍ତ ଜୀବନକୁ ପାଇଅଛୁ, କାରଣ ଆମେ ପ୍ରଭୁ ଯୀଶୁଙ୍କୁ ପ୍ରେମ କରୁ ଏବଂ ତାହାଙ୍କଠାରେ ବିଶ୍ୱାସ କରିଅଛୁ, ଓ ତାହାଙ୍କର ବାକ୍ୟ ଏବଂ

ତାହାଙ୍କର ଶିକ୍ଷାକୁ ଗ୍ରହଣ କରିଅଛୁ । ଏବଂ ସେ ଆମକୁ, ଆମ ବିଶ୍ୱାସର ଏକ ମୁଦ୍ରାଙ୍କ ସ୍ୱରୂପେ, ପବିତ୍ରଆତ୍ମାଙ୍କୁ, ପବିତ୍ରଆତ୍ମାର ମୁଦ୍ରାଙ୍କକୁ ଆମକୁ ଦେଇଅଛନ୍ତି । ଆମ ଭିତରେ ଆମର ବିଶ୍ୱାସ ଲଙ୍ଗର ଦେଇଅଛି । ଏବଂ ଯଦିଓ ଆମେ ଅନେକ ଥର ଅନ୍ଧକାର ଛାୟାମାନ ଦେଇ ଗତି କରୁଅଛୁ, ଅନେକ ଥର ଆମେ ରାସ୍ତାରେ ଝୁଣ୍ଟି ପଡୁଅଛୁ, ମାତ୍ର ଆମର ଲଙ୍ଗର ଏଯାଏଁ ଧରିଅଛି । ସେଥିରେ ସୁଦୂରରେ, କିଛି ଗୋଟାଏ ଅଛି, ଯାହାକି ମାର୍ଗଦର୍ଶନ କରୁଥିବା ପରି ମନେହୁଏ, ଏହା କହୁଥାଏ, "ଆଗକୁ ବଢିଚାଲ । ଆମେମାନେ ଯାଉଅଛୁ ।"

660 ପରମେଶ୍ୱର, ଆମକୁ ଆଶୀର୍ବାଦ କର । ଆମେ ତୁମକୁ ଆବଶ୍ୟକ କରୁ । ଆମକୁ ସର୍ବଦା ବିଶ୍ୱସ୍ତ ଏବଂ ସଚ୍ଚୋଟ କରି ରଖ ଯେପର୍ଯ୍ୟନ୍ତକି ତୁମେ ଆମ ପାଇଁ ନ ଆସିଯାଅ, ଆମେ ତୁମକୁ ଅସରନ୍ତି ଯୁଗମାନ ଦେଇ ପ୍ରଶଂସା କରି ରହିବୁ । ଏବଂ ସେହି ଦିନ ଯେତେବେଳେ ଆମେ ପୃଥିବୀରେ ଛିଡ଼ା ହେବୁ...ତାହାଙ୍କର ଆଶୀଷିତ ପାଦ ଏପର୍ଯ୍ୟନ୍ତ ପୃଥିବୀକୁ ଛୁଇଁ ନାହିଁ । ସେଠାରେ ସେ ମଧ୍ୟ ଆକାଶରେ, ଛିଡ଼ା ହେବେ; ଏବଂ ସାଧୁମାନେ ଓ ସମସ୍ତ ଯୁଗରୁ ମୁକ୍ତିପ୍ରାପ୍ତ ଲୋକମାନେ, ପ୍ରତ୍ୟେକ ପହର ଦେଇ, ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ଏବଂ ସପ୍ତମ, ସମସ୍ତେ ସେଠାରେ ଧାର୍ମିକତାର ବସ୍ତ୍ର ପିନ୍ଧି ଛିଡ଼ା ହେବୁ; ଆମେ ତାହାଙ୍କୁ ରାଜାମାନଙ୍କର ରାଜା ଏବଂ ପ୍ରଭୁମାନଙ୍କର ପ୍ରଭୁ କରି ମୁକୁଟ ପିନ୍ଧାଇବୁ, ଆଉ ସେହି ମୁକ୍ତିର କାହାଣୀଗୁଡିକ ଗାନ କରିବୁ । ଆମର ଦୁର୍ବଳ ହୃଦୟଗୁଡିକ ସେତେବେଳେ କମ୍ପିତ ହେବ ଯେତେବେଳେ ଆମେ ତାହାଙ୍କୁ ଦେଖିବା ଯିଏ ଆମକୁ ପ୍ରେମ କରିଥିଲେ ଏବଂ ଆମ ପାଇଁ ନିଜକୁ ବଳିଦାନ କରି ଦେଇଥିଲେ । ଯେତେବେଳେକି ଆମେ ପ୍ରେମଯୋଗ୍ୟ ନ ଥିଲୁ ଏବଂ ପାପୀ ହିଁ ଥିଲୁ, ଖ୍ରୀଷ୍ଟ ମୃତ୍ୟୁବରଣ କଲେ ଯେପରିକି ଆମେ ଉଦ୍ଧାର ପାଇପାରୁ । ପିତା, ଖ୍ରୀଷ୍ଟଙ୍କ ନାମରେ, ଆମେ ଏଥିପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ । ଆମେନ୍ ।

661 କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? ଓଃ, ସେ କେତେ ବାସ୍ତବ ଅଟନ୍ତି । କଅଣ ଆପଣ ଠିକ ଏହିପରି ଅନୁଭବ କରୁନାହାଁନ୍ତି କି ଯେ ଆପଣ ଯେକୌଣସି ପ୍ରକାରେ ବି କେବଳ ତାହାଙ୍କ ଚାରିପାଖରେ ନିଜର ବାହୁ ରଖିବାକୁ ଚାହାଁନ୍ତି? କଅଣ ଆପଣ କେବଳ ଗୁରୁଣ୍ଡି ଗୁରୁଣ୍ଡି କରି ତାହାଙ୍କର ପାଦକୁ ଛୁଇଁବାକୁ ଭଲ ପାଇବେ ନାହିଁ କି, ଆପଣ ଜାଣନ୍ତି?

662 ଆପଣ ଜାଣନ୍ତି, ଫିନିକ୍ସ, ଆରିଜୋନାରେ କିଛି ଲୋକ ମୋ ସେବାକୁ ଆସୁଥିଲେ, କହୁଥିଲେ, "ମୁଁ ତାହାଙ୍କ ସହିତ ଏହି ବିଷୟରେ କଥା ହେବାକୁ ଚାହେଁ । ମୁଁ କହିବାକୁ ଚାହେଁ, 'ପ୍ରଭୁ, ତୁମେ ମୋତେ ପ୍ରେମ କରିଥିଲ ଯେତେବେଳେ ମୋର ପଥ ଅତ୍ୟଧିକ ଅନ୍ଧକାରମୟ ହୋଇଯାଇଥିଲା ।'" ଏହା ପୂର୍ବେକି ଆମେ ପାର ହୋଇ ଚାଲିଯାଉ ମୁଁ ତାହାଙ୍କ ସହିତ କଥାବାର୍ତ୍ତା କରିବାକୁ ଭଲ ପାଇବି । ମୁଁ—ମୁଁ ତାହାଙ୍କୁ ଦେଖିବାକୁ ଚାହେଁ । ମୁଁ—ମୁଁ—ମୁଁ କେବଳ ତାହାଙ୍କୁ ଦେଖିବାକୁ ଚାହେଁ । ଏହା ଚିନ୍ତା କରିବା ଯେ ମୁଁ କିପରି ଅନୁଭବ କରିବି, ଯେତେବେଳେ ମୁଁ ତାହାଙ୍କୁ ସେଠାରେ ଛିଡ଼ା ହୋଇଥିବାର ଦେଖେ ମୋର ଦୁର୍ବଳ ହୃଦୟ କିପରି ଭାବରେ କମ୍ପମାନ ହେଉଥିବ ।

663 ମୁଁ ଅନେକ ଥର ଆଶ୍ଚର୍ଯ୍ୟ କରିଅଛି, "ମୋର ଇଚ୍ଛା ଯେ ମୁଁ ସେହି ରବକୁ ଏହା କହୁଥିବାର ଶୁଣନ୍ତି, 'ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ସମସ୍ତେ, ମୋ ନିକଟକୁ ଆସ । ମୁଁ ତୁମକୁ ବିଶ୍ରାମ ଦେବି ।'"

664 ମୁଁ ବୋଧହୁଏ ତାହା ଆକ୍ଷରିକ ଭାବେ କେବେବି ଶୁଣିବି ନାହିଁ ଯେପରି ସେ ସେତେବେଳେ କହିଥିଲେ, ମାତ୍ର ମୁଁ ତାହାଙ୍କୁ ଏହି କଥା କହୁଥିବାର ଶୁଣିବାକୁ ଚାହେଁ, "ଏହା ହେଉଛି ସେହି ଶେଷ ଦିନ । ମୋର ଉତ୍ତମ ଓ ବିଶ୍ୱସ୍ତ ଦାସ, ଏହା ବହୁତ ଭଲ ହୋଇଛି, ବର୍ତ୍ତମାନ ପ୍ରଭୁଙ୍କ ଆନନ୍ଦରେ ପ୍ରବେଶ କର ଯାହା ତୁମ ପାଇଁ ପ୍ରସ୍ତୁତ କରାଯାଇଅଛି ।" କେତେ ଦିନରୁ?

665 "ଯେଉଁଦିନଠାରୁ ତୁମେ ଉଦ୍ଧାର ପାଇଲ?" ନା, ଭାଇ ।

666 "ଜଗତର ଭିତ୍ତିମୂଳ ସ୍ଥାପନଠାରୁ, ଯେତେବେଳେ ମୁଁ ତୁମକୁ ଦେଖିଥିଲି ଏବଂ ତୁମକୁ ପୂର୍ବରୁ ଜାଣିଥିଲି, ଓ ତୁମକୁ ଅନନ୍ତ ଜୀବନ ପାଇଁ ନିଯୁକ୍ତ କରିଥିଲି," ତୁମେ ସେତେବେଳେଠୁଁ ଆଶୀର୍ବାଦ ପ୍ରାପ୍ତ ହୋଇଥିଲ । "ଯେସମସ୍ତଙ୍କୁ ସେ ପୂର୍ବରୁ ଜାଣିଥିଲେ, ସେ ଡାକିଛନ୍ତି ।" କଅଣ ଏହା ଠିକ୍ କି? "ଯେସମସ୍ତଙ୍କୁ ସେ ଡାକିଛନ୍ତି, ସେ ଧାର୍ମିକ ଗଣନା କରିଛନ୍ତି । ଯେଉଁମାନଙ୍କୁ ସେ ଧାର୍ମିକ ଗଣନା କରିଥିଲେ, ସେ ଗୌରବାନ୍ୱିତ କରିସାରିଛନ୍ତି ।" ଆପଣ ସେଠାରେ ଅଛନ୍ତି । ସେ ଆମକୁ ପୂର୍ବରୁ ଜାଣିଥିଲେ, ଆମକୁ ଡାକିଲେ, ଆମକୁ ଧାର୍ମିକ ଗଣନା କଲେ, ଏବଂ ଆମେ ତାହାଙ୍କ ସହିତ ଗୌରବାନ୍ୱିତ ହୋଇସାରିଅଛୁ, ଜଗତର ଶେଷରେ, ଆମର ପୁରସ୍କାର ନିକଟକୁ ଯାଉଅଛୁ । କଅଣ ଆପଣ ଆନନ୍ଦିତ ନୁହଁନ୍ତି କି? ନିଶ୍ଚିତରେ, ଏହା ଆପଣଙ୍କୁ ତାହାଙ୍କ ସହିତ ପ୍ରେମ କରିବାକୁ ବାଧ୍ୟ କରିଦେବ । ଯେତେବେଳେ ଆପଣ ନିଜର ସାହାଯ୍ୟ କରିପାରି ନ ଥିଲେ, ଆଉ ସେତେବେଳେ ସେ ଏଠାରେ ଆସିଲେ ଓ ଆପଣଙ୍କ ପାଇଁ ତାହା କଲେ ।

667 *ଧନ୍ୟ ସେହି ବନ୍ଧନ ଯାହା ବାନ୍ଧେ,* ଭଉଣୀ ଗର୍ଟି । "ଖ୍ରୀଷ୍ଟିଆନ ପ୍ରେମରେ ଆମର ହୃଦୟଗୁଡ଼ିକୁ," ଯେତେବେଳେକି ଆମର ଏଠାରେ ବର୍ତ୍ତମାନ ଆରାଧନାର ଏହି ଛୋଟ ସହଭାଗୀତା ଅଛି, ତାହାପରେ ଆମେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଛୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଆପଣମାନେ ଯେଉଁମାନେକି ଆଜି ସକାଳେ ଖ୍ରୀଷ୍ଟଙ୍କ ନିମନ୍ତେ ନିଜର ହାତକୁ ଉଠାଇ ଅଛନ୍ତି, ଆପଣମାନେ ଉପାସନା କରିବା ନିମନ୍ତେ, ସେବା କରିବା ନିମନ୍ତେ ଏକ ସ୍ଥାନ ପାଆନ୍ତୁ ।

668 ତେବେ, ଆସନ୍ତୁ ବର୍ତ୍ତମାନ ତାହାଙ୍କୁ ଉପାସନା କରିବା, ଏକ ମଣ୍ଡଳୀ ଭାବରେ, ଆପଣ ସମସ୍ତ ମେଥୋଡିଷ୍ଟ, ଚର୍ଚ୍ଚ ଅଫ୍ ଗଡ, ଆସେମ୍ବଲିଜ ଅଫ୍ ଗଡ, ପ୍ରେସ୍‌ବିଟେରିଆନ୍, ଲୁଥରାନ୍, କ୍ୟାଥୋଲିକ୍ । ବର୍ତ୍ତମାନ ସମସ୍ତେ ଏକାଠି, ଆସନ୍ତୁ ବର୍ତ୍ତମାନ ଗୀତ ଗାଇବା ।

ଧନ୍ୟ ସେହି ବନ୍ଧନ ଯାହା ବାନ୍ଧେ
ଖ୍ରୀଷ୍ଟିଆନ ପ୍ରେମରେ ଆମର ହୃଦୟଗୁଡ଼ିକୁ;
ସମ୍ପର୍କୀୟ ମନର ସହଭାଗିତା
ଯାହାକି ଉପରିସ୍ଥ ପରି ଅଟେ ।

ଆମ ପିତାଙ୍କ ସିଂହାସନ ସମ୍ମୁଖରେ,
ଆମେ ଆମର ଆନ୍ତରିକ ପ୍ରାର୍ଥନାକୁ ଢାଳୁ;
ଆମର ଭୟ, ଆମର ଭରସା, ଆମର ଲକ୍ଷ୍ୟଗୁଡିକ ଏକ ଅଟେ,
ଆମର ଆରାମ ଏବଂ ଆମର ଯତ୍ନ ।

ଯେତେବେଳେ ଆମେ ଭିନ୍ନ ହୋଇ ଅଲଗା ହେଉ,
ଏହା ଆମକୁ ଆନ୍ତରିକ ଯନ୍ତ୍ରଣା ଦିଏ;
କିନ୍ତୁ ଆମେ ତଥାପି ଏଥିରେ ଜଡ଼ିତ ହୋଇଥିବା...(କେତେ ଜଣ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ଏବଂ ସମସ୍ତେ?)
ପୁଣିଥରେ ସାକ୍ଷାତ କରିବାକୁ ଆଶା କରୁ ।

669 କଅଣ ତାହା ଆପଣଙ୍କୁ ଭଲ ଅନୁଭବ କରାଏ ନାହିଁ କି? ଆସନ୍ତୁ ବୁଲି ପଡିବା ଏବଂ ବର୍ତ୍ତମାନ ପରସ୍ପର ସହିତ ହାତ ମିଶାଇବା, ଯେତେବେଳେକି ଆମେ ଏହାକୁ ପୁଣିଥରେ ଗାଇବା ।

ସମ୍ମୁଖରେ...

ହାତ ମିଶାନ୍ତୁ, କେହି ଜଣେ ଆପଣଙ୍କ ପଛରେ, ଆପଣଙ୍କ ସମ୍ମୁଖରେ, ଉଭୟ ପାର୍ଶ୍ୱରେ ।

...ସିଂହାସନର,
ଆମେ ଆମର ଆନ୍ତରିକ ପ୍ରାର୍ଥନା ଢାଳୁ;
ଆମର ଆରାମ ଏବଂ ଆମର ଯତ୍ନ ।

ବର୍ତ୍ତମାନ ଯେତେବେଳେ ଆମେ ଭିନ୍ନ ହୋଇ ଅଲଗା ହେଉ,

ଆମେ ପରସ୍ପରକୁ ପ୍ରେମ କରିବା ।

ଏହା ଦିଏ...

ଆଶା କରେ ଯେ ସେବାଟି ଚାଲିଥିବ? ବୁଝିଲେ? ସେହିପରି ଭାବରେ ହିଁ ଆମେ ଚିନ୍ତା କରୁ ।

...ଆନ୍ତରିକ ଯନ୍ତ୍ରଣା;
କିନ୍ତୁ ଆମେ ତଥାପି ହୃଦୟରେ ଜଡ଼ିତ ହୋଇଥିବା, (ଏକ ଭାବରେ)
ପୁଣିଥରେ ସାକ୍ଷାତ କରିବାକୁ ଆଶା କରୁ ।

ଯଦି ଏଠାରେ ଆଉ ନାହିଁ, ତେବେ ସେହି ମହାନ ଦିନରେ ଆମେ ସାକ୍ଷାତ କରିବା ।

670 ବର୍ତ୍ତମାନ, ହେ ପିତା, ଆଜି ସକାଳେ ଆମର ଉପାସନା ଗ୍ରହଣ କର । ବାକ୍ୟ ନିଅ ଏବଂ ଏହାକୁ ବିଶ୍ୱାସୀମାନଙ୍କ ହୃଦୟରେ ରୋପଣ କର । ଏହା ହେଉ ଯେ ସେମାନେ ଆଉ କେବଳ ଏଆଡେ ସେଆଡେ, ଏବଂ ଆଜି ଉପର ଏବଂ ଆସନ୍ତାକାଲି ତଳ ହୋଇ ଇତସ୍ତତଃ ନ ହୁଅନ୍ତୁ, ବରଂ ଏହି ବାକ୍ୟଗୁଡ଼ିକ ପ୍ରତ୍ୟେକ ବିଶ୍ୱାସୀଙ୍କ ହୃଦୟରେ ସେମାନଙ୍କର ବିଶ୍ରାମ ସ୍ଥାନ ଖୋଜି

ପାଉ । ଏହା ଜାଣିବା ପାଇଁ, ଯେ, "ପରମେଶ୍ୱର ଏକ ଶପଥ କରି ପ୍ରତିଜ୍ଞା କରିଛନ୍ତି, ଏବଂ ଦୁଇଟି ଅଟଳ ବିଷୟମାନ ରହିଅଛି । ପରମେଶ୍ୱରଙ୍କ ଅଟଳତା, ଅର୍ଥାତ୍, ଏହା ତାହାଙ୍କ ପକ୍ଷେ ମିଛ କହିବା ଅସମ୍ଭବ ଅଟେ, ଯେପରିକି ଏହି ପରିତ୍ରାଣର ଅଧିକାରୀମାନେ ଏହି ଦୃଢ଼ ଭରସା ପାଇପାରନ୍ତି, ଯାହାକି ସ୍ଥିର ଏବଂ ଅଟଳ, ପ୍ରାଣରେ ଏକ ଲଙ୍ଗର ଅଟେ ।" ଏହା ଜାଣିବା ପାଇଁ, ଯେ, "ପରମେଶ୍ୱର ଆମକୁ ଶପଥ କରି, ପ୍ରତିଜ୍ଞା କରିଛନ୍ତି । ଗୋଟିଏ ହେଲା, ଯେ ସେ ମିଛ କହିପାରିବେ ନାହିଁ; ଅନ୍ୟଟି ହେଲା, ସେ ଏହା ଉପରେ ଏକ ଶପଥ କଲେ, ଯେ ଶେଷ ଦିନରେ ସେ ଆମକୁ ପୁନରୁତ୍‌ଥିତ କରିବେ ଏବଂ ଆମକୁ ଅନନ୍ତ ଜୀବନ ଦେବେ ।" ଏହା ଜାଣି, ଯେ, "ଆମେ ଡକା ଯାଇସାରିବା ପରେ, ସେ କହିଥିଲେ ଯେ ଜଗତ ପତ୍ତନାବଧି ପୂର୍ବରୁ ସେ ଆମକୁ ଜାଣିଥିଲେ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଦେଇ ଆମମାନଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ନିମନ୍ତେ ପୂର୍ବରୁ ନିରୂପଣ କରିଥିଲେ । ଏବଂ ସେ ଆମକୁ ପୂର୍ବରୁ ଜାଣିଥିଲେ । ସେ ଆମକୁ ଡାକିଥିଲେ । ଆଉ ଯେତେବେଳେ ସେ ଆମକୁ ଡାକିଲେ, ସେ ଆମକୁ ଧାର୍ମିକ ଗଣନା କଲେ ।" ଆମେ ନିଜେ ନିଜକୁ ଧାର୍ମିକ ଗଣନା କରିପାରିବା ନାହିଁ, ତେଣୁ ସେ ତାହାଙ୍କର ନିଜ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ଆମକୁ ଧାର୍ମିକ ଗଣନା କଲେ । "ଯେଉଁମାନଙ୍କୁ ସେ ଧାର୍ମିକ ଗଣନା କରିଛନ୍ତି, ସେ ଗୌରବାନ୍ୱିତ କରିସାରିଛନ୍ତି ।" ବାକ୍ୟ ପୂର୍ବରୁ କୁହାଯାଇଅଛି । ଏବଂ ଆମେ କେବଳ ଆମର ମାର୍ଗରେ ଅଛୁ, ମହିମାର ଆମର ମାର୍ଗରେ ଆନନ୍ଦ କରି, ବଢି ଚାଲିଛୁ ।

671 ଲୋକମାନଙ୍କୁ ବିଶ୍ୱାସ ଦିଅ, ଏବଂ ସେହି ଛୋଟ ଅଭ୍ୟାସମାନ ଏବଂ ବିଷୟଗୁଡିକ ଯାହାକି ଲୋକମାନଙ୍କ ସଙ୍ଗରେ ଲାଗି ରହିଛି, ଏହା ହେଉ ଯେ ଆଜି ସକାଳେ, ତାହା ସେମାନଙ୍କଠାରୁ ହୁଗୁଳା ହୋଇ ଝଡି ଯାଉ, ଆଉ ପରମେଶ୍ୱରଙ୍କ ଏହି ବାକ୍ୟ ସହିତରେ ଯାହାକି ପ୍ରାଣର ଲଙ୍ଗର ଅଟେ, ଦୃଢ଼ ଏବଂ ଅଟଳ ଲାଗି ରହିଥାଉ । ଏହା ହେଉ ଯେ ସେମାନେ ସେମାନଙ୍କର ଅଭ୍ୟାସଗୁଡିକ, ସେମାନଙ୍କର ଛୋଟ କ୍ରୋଧଗୁଡିକରୁ ଦୂରେଇ ଯାଆନ୍ତୁ । ଏବଂ ସେହି ବିଷୟଗୁଡିକ ଯାହାକି ରହିଅଛି…ଯେପରି ପାଉଲ କୁହନ୍ତି, କିଛି ଦିନ ମଧ୍ୟରେ ବାର୍ତ୍ତାର ପରବର୍ତ୍ତୀ ଭାଗରେ, "ଆସ ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି, ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି; ଧୈର୍ଯ୍ୟ ସହକାରେ, ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ, ଯିଏକି ଆମ୍ଭମାନଙ୍କ ପରି ସମସ୍ତ ପ୍ରକାରର ପ୍ରଲୋଭନରେ ପରୀକ୍ଷିତ ହୋଇଥିଲେ, ତଥାପି ପାପ କଲେ ନାହିଁ ।" ତାହାଙ୍କୁ ପ୍ରଲୋଭିତ ହେବା ନିମନ୍ତେ ଅନୁମତି ଦିଆଯାଇଥିଲା, ମାତ୍ର ସେ ପ୍ରଲୋଭନକୁ ଧ୍ୟାନ ଦେଲେ ନାହିଁ । ଏବଂ ଆମ୍ଭମାନଙ୍କୁ ପାପରେ ପ୍ରଲୋଭିତ କରାଯାଏ, ମାତ୍ର କଦାପି ଧ୍ୟାନ ଦେବା ପାଇଁ ନୁହେଁ । କାରଣ ଆମ ଭିତରେ ଥିବା ସେହି ଜୀବନ ହେଉଛି ଆମର ଅନନ୍ତ ଗନ୍ତବ୍ୟସ୍ଥଳର ଲଙ୍ଗର, ଏବଂ ଆମେ ତାହାକୁ ପବିତ୍ର ଭାବରେ ନିଜ ହୃଦୟରେ ଧରି ରଖୁ ।

672 ବର୍ତ୍ତମାନ, ସେଠାରେ ଅନେକେ ଅଛନ୍ତି ଯାହାକୁ ଶୟତାନ ଦୁଃଖ ପୀଡାରେ ଗ୍ରସିତ କରିଛି । ପିତା, ଆମେ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ସ୍ଥିର କରୁଛୁ । ହେବାକୁ ଦିଅ ଯେ ସେମାନେ, ଯେତେବେଳେ ସେମାନେ ଆଜି ପରମେଶ୍ୱରଙ୍କ ବାକ୍ୟ ତଳ ଦେଇ ଗମନ

କରନ୍ତି…ସେହି ବହୁମୂଲ୍ୟ ବାକ୍ୟ ଯାହା ପ୍ରଚାର କରାଯାଇଅଛି, ବାଇବଲ ଯାହାର ସାକ୍ଷ୍ୟ ଦିଏ, ପରମେଶ୍ୱରଙ୍କ ଦୂତମାନେ ନିକଟରେ ଛିଡ଼ା ହୋଇଥାନ୍ତି, ଏବଂ ସର୍ବୋପରି, ସେହି ମହାନ ପବିତ୍ରଆତ୍ମା, ବାକ୍ୟର ସାକ୍ଷ୍ୟ ଦେବା ପାଇଁ ଏଠାରେ ଛିଡ଼ା ହୋଇଅଛନ୍ତି । ତେବେ, ହେ ପିତା, ଯେତେବେଳେ ସେମାନେ ଆଜି ସକାଳେ, ପ୍ରତିଜ୍ଞାର ବାକ୍ୟ ତଳ ଦେଇ ଗମନ କରନ୍ତି, ଏହା ହେଉ ଯେ ସେମାନେ ଏଠାରୁ ଭଲ ହୋଇଯାଆନ୍ତୁ । ସେମାନଙ୍କର ସାହାରା ବନ୍ଧନୀଗୁଡିକ ହଟିଯାଉ, ଚୌକୀ ଏବଂ—ଏବଂ ସେହି ଖଟଗୁଡିକ ଛାଡି ଦେଉନ୍ତୁ ଯାହା ଉପରେ ସେମାନେ ପଡ଼ି ରହିଥିଲେ, ଆଉ କେବଳ ଭଲ ହୋଇଯାଆନ୍ତୁ । ହେ ପ୍ରଭୁ, ଏହା ପ୍ରଦାନ କର । ହେବାକୁ ଦିଅ ଯେ ସେମାନେ ପରବର୍ତ୍ତୀ ସେବାକୁ ଫେରିଆସନ୍ତୁ ଯାହା ସେମାନଙ୍କୁ ଆସିବା ନିମନ୍ତେ ଅନୁମତି ଦିଆଯାଏ, କିମ୍ବା ସେମାନଙ୍କର ନିଜର ମଣ୍ଡଳୀକୁ ଫେରିଯାଆନ୍ତୁ, ଆନନ୍ଦ ସହକାରେ, ଏହା ଦେଖାଇ ଯେ ଖ୍ରୀଷ୍ଟ କି କି ମହତ୍ କାର୍ଯ୍ୟ କରିଅଛନ୍ତି । ଏହା ଆମେ ଯୀଶୁଙ୍କ ନାମରେ, ତୁମର ଗୌରବ ପାଇଁ ସେବା କରୁଅଛୁ । ଆମେନ୍ ।

673 ମୋତେ ଏକ ପ୍ରତିଶୃତି ପାଇଁ ଯାହା ମୁଁ ଦେଇଥିଲି କ୍ଷମା ମାଗିବାକୁ ଅଛି, ଯେ ଆଜି ସକାଳେ ଆମେ 7ମ ଅଧ୍ୟାୟ ନେବା, ମାତ୍ର ମୁଁ ତାହା ପାଖକୁ ଗଲି ନାହିଁ । ଏବଂ ଆମକୁ ଏଠାରେ ଅଳ୍ପ ସମୟ, ପ୍ରାର୍ଥନା ଧାଡି ପାଇଁ—ଏଥି ପାଇଁ ଅନୁମତି ଦେବାକୁ ଅଛି । ଏବଂ ବର୍ତ୍ତମାନ, ଆଜି ରାତିରେ, ପ୍ରଭୁ ଇଚ୍ଛା କଲେ, ଆମେ 7ମ ଅଧ୍ୟାୟକୁ ନେବା ଏବଂ ଜାଣିବା ଯେ ଏହି ମଲ୍‌କୀଷେଦକ କିଏ ଅଟନ୍ତି । କେତେ ଜଣ ଜାଣିବାକୁ ଚାହାଁନ୍ତି? ଓଃ, ଆମେ ଠିକ କେବଳ ତାହାଙ୍କ ପାଖକୁ ହିଁ ଯାଉଅଛୁ, ଅବିକଳ ଠିକ ଏହା ଖୋଜିବା ପାଇଁ ଯେ ସେ କିଏ ଅଟନ୍ତି । ଏବଂ ଶାସ୍ତ୍ର କୁହେ ଯେ ସେ କିଏ ଅଟନ୍ତି । ବୁଝିଲେ?

674 ଆଉ ସ୍କୋଫିଲ୍ଡ କୁହେ ଯେ ଏହା "ଏକ ଯାଜକତ୍ୱ" ଥିଲା । ଆରମ୍ଭ କିମ୍ବା ଶେଷ ବିନା ଏହା କିପରି ଏକ ଯାଜକତ୍ୱ ହୋଇପାରେ? ଆପଣ ଦେଖନ୍ତୁ, ଏହା ଏକ ଯାଜକତ୍ୱ ନୁହେଁ । ଏହା ଜଣେ ବ୍ୟକ୍ତି ଥିଲେ, ମଲ୍‌କୀଷେଦକ (ଏକ ନାମ), ଜଣେ ବ୍ୟକ୍ତି ।

675 ଯେପରିକି, ଅବମାନନା କରୁ ନାହିଁ, ମାତ୍ର ଖ୍ରୀଷ୍ଟିଆନ ବିଜ୍ଞାନ କୁହେ ଯେ ପବିତ୍ରଆତ୍ମା ହେଉଛି "ଏକ ବିଚାର ।" ଆଉ ବାଇବଲ କୁହେ, "ସେ, ଅର୍ଥାତ ପବିତ୍ରଆତ୍ମା ।" ଏବଂ ସେ ହେଉଛି ଏକ ବ୍ୟକ୍ତିଗତ ସର୍ବନାମ । ଏହା ଜଣେ ବ୍ୟକ୍ତି ଅଟନ୍ତି; ଏକ ବିଚାର ନୁହେଁ । ଏହା ଜଣେ ବ୍ୟକ୍ତି ଅଟନ୍ତି । ନିଖୁନ୍ତ ଭାବରେ ।

676 ଏବଂ ମଲ୍‌କୀଷେଦକ ଜଣେ ବ୍ୟକ୍ତି ଅଟନ୍ତି, ଜଣେ ବ୍ୟକ୍ତି ଯାହାଙ୍କର କୌଣସି ଆୟୁର ଆରମ୍ଭ କିମ୍ବା ବର୍ଷର ସମାପ୍ତି ନ ଥିଲା । ତାହାଙ୍କର ପିତା କିମ୍ବା ମାତା, କିଅବା ବଂଶାବଳୀ ନ ଥିଲା । ଏବଂ ପ୍ରଭୁ ଇଚ୍ଛା କଲେ, ଆଜି ରାତିରେ, ବାକ୍ୟ ଦ୍ୱାରା, ଆମେ ଜାଣିବା ଯେ ସେ କିଏ ଅଟନ୍ତି । କଅଣ ଆପଣ ଏହାକୁ ପ୍ରେମ କରନ୍ତି କି? ଓଃ! "ତୁମ୍ଭର ବାକ୍ୟ ମୋ ଚଲାପଥ ଓ ପାଦ ନିମନ୍ତେ ପ୍ରଦୀପ ଅଟେ ।" ଓଃ!

677 ତେବେ, ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ଏହା ସବୁ ବୁଝିପାରୁ ନାହିଁ ।" ମୁଁ ବି ନୁହେଁ ।

678 କିନ୍ତୁ, ଥରେ, ମୁଁ କେଣ୍ଟକିରେ ପ୍ରଚାର କରୁଥିଲି । ଏବଂ କେତେକ ନବାଗତମାନଙ୍କୁ, ଓ କ୍ୟାଥୋଲିକ୍ ଆଉ ଭିନ୍ନ ଭିନ୍ନ ଲୋକମାନଙ୍କୁ, ଯେଉଁମାନେକି ଏହା ବୁଝିପାରି ନ ଥିଲେ ଯେ ଶାସ୍ତ୍ରର ଏହି ବିଷୟଗୁଡିକ କେତେ ଗଭୀର, ସମୃଦ୍ଧ ଅଟେ । ମୁଁ ଈଶ୍ୱରୀୟ ଆରୋଗ୍ୟତା ବିଷୟରେ ପ୍ରଚାର କରି ଆସୁଥିଲି । ଜଣେ ଖାଲି-ପାଦରେ ଥିବା ସାନ ଝିଅଟି ନେଇ ଆସିଲା… ସେ ପନ୍ଦର ବର୍ଷ ବୟସ ବି ହୋଇ ନ ଥିବ, ଏକ ଛୋଟ ଶିଶୁ ଧରିଥିଲା, ଏବଂ ତାହାକୁ ପକ୍ଷାଘାତ ହୋଇଥିଲା । ମୁଁ କହିଲି, "ଭଉଣୀ, ତୁମର ଶିଶୁ ସହିତ, କଅଣ ହୋଇଛି?"

679 କହିଲା, "ଏହା ଝଟକା ଦେଉଅଛି ।" ସେ ଜାଣି ନ ଥିଲା ଯେ କଅଣ କୁହାଯାଏ, ପକ୍ଷାଘାତକୁ । ଏହାକୁ କଅଣ କୁହାଯିବ ସେ ଜାଣି ନ ଥିଲା ।

680 ସେହି ସାନ ଝିଅ ବୋଧହୁଏ ତାହାର ଜୀବନରେ କେବେବି, ହଳେ ଜୋତା ପିନ୍ଧି ନ ଥିଲା । କୌଣସି ପୁରୁଷଙ୍କର ପ୍ରିୟତମା ହୋଇଥିବ, ଲମ୍ବା କେଶ ତଳକୁ ଝୁଲି ରହିଥିଲା । ମୁଁ କହିଲି, "କଅଣ ତୁମେ ବିଶ୍ୱାସ କର କି?"

681 ଆଉ ସେହି ଛୋଟ ଛୋଟ, ଇସ୍ପାତ-ଧୂସର ଆଖିଗୁଡିକ ମୋ ଆଡକୁ ଚାହିଁଲା । ସେ କହିଲା, "ହଁ, ମହାଶୟ । ମୁଁ ନିଶ୍ଚିତ ବିଶ୍ୱାସ କରେ ।"

682 ମୁଁ ସେହି ସାନ ଶିଶୁଟିକୁ ନେଲି । ଏବଂ ଯେତେବେଳେ ମୁଁ ତାହା ପାଇଁ ପ୍ରାର୍ଥନା କରୁଥିଲି, ତାହା ଝଟକା ଦେବା ବନ୍ଦ କରିଦେଲା । ଉ-ହୁଁ । ଏବଂ ଏହା ବାହାରି ଗଲା, ବାହାରି ଗଲା ।

683 ପରଦିନ, ମୁଁ ଏକ ପର୍ବତ ପାର୍ଶ୍ୱରେ, ଗୁଣ୍ଡୁଚି ମୂଷା ଶିକାର କରୁଥିଲି । ମୁଁ କୌଣସି ବ୍ୟକ୍ତିଙ୍କୁ ସେଠାରେ କଥାବାର୍ତ୍ତା କରୁଥିବାର ଶୁଣିଲି, ବୃଦ୍ଧମାନେ ବସି ଗପସପ କରୁଥିଲେ । ଏବଂ ମୁଁ ଚୁପ୍ କରି ତଳକୁ ଗଲି । ମୁଁ ଗୁଣ୍ଡୁଚି ମୂଷା ଶିକାର କରୁଥିଲି । ସେମାନେ ମୋ ବିଷୟରେ କଥାବାର୍ତ୍ତା କରୁଥିଲେ, ସେଠାରେ ବସି, ତମାଖୁ ଚୋବାଉଥିଲେ ଏବଂ ଛେପ ପକାଉଥିଲେ, ସେହି ପତ୍ରଗୁଡ଼ିକ, *ସେପରି* ଭାବେ ହଲୁଥିଲା । ଏବଂ ସେମାନେ ସେଠାରେ ତାହା ବିଷୟରେ କଥାବାର୍ତ୍ତା ହେଉଥିଲେ, ତେବେ, ପୂର୍ବରାତିର ସଭା ବିଷୟରେ କଥାବାର୍ତ୍ତା ହେଉଥିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, "ମୁଁ ସେହି ଶିଶୁଟିକୁ ଦେଖିଲି । ଆଜି ସକାଳେ, ମୁଁ ସେଠାକୁ ଯାଇଥିଲି । ଏହା ଝଟକା ଦେଉ ନାହିଁ, ତଥାପି ଆଜି ସକାଳେ ।" ବୁଝିଲେ? କହିଲା, "ତାହା ବାସ୍ତବ ଥିଲା ।" ଏବଂ ସେ ଛେପ ପକାଉଥିଲା ।

684 ଏବଂ ସେମାନଙ୍କର ରାଇଫଲ ବନ୍ଧୁକଗୁଡାକ ଗଛ କଡରେ ରଖା ହୋଇଥିଲା, ତେଣୁ ମୁଁ ଭାବିଲି ଯେ ମୁଁ ନିଜକୁ ଜଣାଇଦେବାଟା ଉତ୍ତମ ହେବ । ଆପଣ ଜାଣନ୍ତି, ସେଠାରେ ମଧ୍ୟ, ସେମାନଙ୍କର ଛୋଟ ଛୋଟ ଝଗଡାମାନ ରହିଥିଲା । ତେଣୁ, ମୁଁ ସେଠାକୁ ଗଲି । ମୁଁ କହିଲି, "ଶୁଭ ସକାଳ, ଭାଇମାନେ!"

685 ସେହି ବିରାଟ ବଡ ବ୍ୟକ୍ତିଜଣକ, କହୁଥିବା ପରି ମନେ ହେଉଥିଲା, ତାଙ୍କ ପାଟିରେ ତମାଖୁ ଚୋବାଉଥିଲେ, *ସେହି* ପରି, ସେହି କଡରେ *ସେହିପରି* ଭାବରେ ଏବଂ ବଡ, ଲମ୍ବା ବେକ ଥିଲା । ଏବଂ ସେ ଏକ ବଡ ବୃହତ୍ ପୁରୁଣା ଟୋପି ପିନ୍ଧିଥିଲେ, ତାଙ୍କ ମୁହଁ ଉପରକୁ ଟଣା

ହୋଇଥିଲା । ସେ ଚାରିଆଡେ ଅନାଇଲେ ଓ ମୋତେ ଦେଖିଲେ । ସେ ଉଠି ପଡିଲେ ଓ ସେହି ଟୋପିଟିକୁ, ଝଟକି ଦେଲେ, ଏବଂ *ଗିଳି* ପକାଇଲେ, ସେହି ଚୋବାଉଥିବା ତମାଖୁଟିକୁ ଗିଳି ପକାଇଲେ, କହିଲେ, "ଶୁଭ ସକାଳ, ପାର୍ସନ୍ ।" ବୁଝିଲେ? ହଁ ଆଜ୍ଞା । ସମ୍ମାନ । ଏବଂ ତାହା ଠିକ୍ ଅଟେ । ସେ କିପରି ତାହା ଉପରେ ଜୀବିତ ରହୁଥିଲେ, ମୁଁ ଜାଣେ ନାହିଁ, କିନ୍ତୁ ସେ କଲେ ।

686 ତେଣୁ, ପରଦିନ ରାତିରେ, ଫେରି ଆସି ଦେଖେ, ସେଠାରେ ଜଣେ ଲୋକ ଥିଲେ ଯିଏକି ମୋ ସହିତ ଟିକେ ଯୁକ୍ତିତର୍କ କରିବାକୁ ଚାହୁଁଥିଲେ । ସେ ଏପରି ଏକ ମଣ୍ଡଳୀକୁ ଯାଉଥିଲେ ଯାହାକି ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରୁ ନ ଥିଲେ । ତେଣୁ, ଏହା ଏକ ମେଥୋଡିଷ୍ଟ ମଣ୍ଡଳୀ, ୱାଇଟ ହିଲ, କେଣ୍ଟକି ଥିଲା । ତେଣୁ ସେ—ସେ ଯାଉଥିଲେ…ସେ ବାହାରେ ଛିଡ଼ା ହୋଇଥିଲେ । ତାଙ୍କ ହାତରେ ଏକ ଲଣ୍ଠନ ଥିଲା । ଏବଂ ସେ କହିଲେ, "ପ୍ରଚାରକ, ମୁଁ କିଛି କହିବାକୁ ଚାହେଁ । ମୁଁ ତାହାକୁ ଗ୍ରହଣ କରିପାରେ ନାହିଁ, କାରଣ ମୁଁ ଏହାକୁ ଦେଖିପାରୁ ନାହିଁ ।"

687 ମୁଁ କହିଲି, "ଆପଣ ଏହାକୁ ଦେଖିପାରନ୍ତି ନାହିଁ?"

688 ସେ କହିଲେ, "ନା ।" କହିଲେ, "ମୁଁ ନିଜେ, ଜଣେ ଅସୁସ୍ଥ ବ୍ୟକ୍ତି ଅଟେ । କିନ୍ତୁ," କହିଲେ, "ମୁଁ ତ ଏହାକୁ ଦେଖି ହିଁ ପାରୁ ନାହିଁ ।"

ମୁଁ କହିଲି, "ଆପଣ କେଉଁଠାରେ ରୁହନ୍ତି?"

ସେ କହିଲା, "ବିଗ୍ ରେନକ୍ସର ପଛପଟେ ।"

ମୁଁ କହିଲି, "ଆଚ୍ଛା, ଆପଣ କିପରି ଘରକୁ ଯିବାକୁ ଯାଉଛନ୍ତି?"

ସେ କହିଲେ, "ତେବେ, ମୁଁ ଘରକୁ ଚାଲି ଚାଲି ଯିବାକୁ ଯାଉଛି ।"

ମୁଁ କହିଲି, "କଅଣ ଆପଣ ନିଜର ଘର ଦେଖିପାରୁଛନ୍ତି କି?"

ସେ କହିଲେ, "ନା, ଆଜ୍ଞା ।"

ମୁଁ କହିଲି, "ଆଜି ରାତିରେ ଏହା ଭୟଙ୍କର ଅନ୍ଧକାର, ଏହା ମେଘୁଆ ଅଛି ।"

ସେ କହିଲେ, "ହଁ ।"

ମୁଁ କହିଲି, "ଆପଣ କିପରି ଘରକୁ ଯାଉଛନ୍ତି?"

ସେ କହିଲେ, "ଏହି ଲଣ୍ଠନ ଦ୍ୱାରା ।"

ମୁଁ କହିଲି, "ଲଣ୍ଠନ ତ ସମଗ୍ର ଘର ପର୍ଯ୍ୟନ୍ତ ଆଲୋକ ଦେଖାଏ ନାହିଁ ।" ମୁଁ କହିଲି, "ଆପଣ କେମିତି ଯିବେ?"

ସେ କହିଲେ, "ଓଃ, ମୁଁ ଲଣ୍ଠନ ପାଖ ପାଖ ଦେଇ ଚାଲିଥାଏ ।"

689 ମୁଁ କହିଲି, "ତାହାହିଁ ଅଟେ । ଆପଣଙ୍କ ପାଖରେ ବର୍ତ୍ତମାନ ଲଣ୍ଠନର ଆଲୋକ ଅଛି, ଏବଂ ପ୍ରତ୍ୟେକ ଥର ଯେତେବେଳେ ଆପଣ ଏହି ପଥରେ ପାଦ ଦିଅନ୍ତି, ସେହି ଆଲୋକ

ଆପଣଙ୍କୁ ଆଗର ପଥକୁ ଦେଖାଇବ । ଯଦି ଆପଣ କେବଳ ଚାଲିବା ଜାରି ରଖନ୍ତି, ସେହି ଆଲୋକ ଆପଣଙ୍କ ସହିତରେ ଚାଲୁଥିବ ।”

690 ଏବଂ ଆଜି ସକାଳେ ଆପଣ ତାହାହିଁ କରନ୍ତି, ଆପଣ ଖ୍ରୀଷ୍ଟଙ୍କୁ, ସେହି ମହାନ ମହାଯାଜକଙ୍କୁ ଚାହାଁନ୍ତି, ଯିଏକି ଆପଣଙ୍କର ଅସୁସ୍ଥତା, କିମ୍ୱା ଆପଣଙ୍କର ରୋଗ, କିମ୍ୱା ଆପଣଙ୍କର ପ୍ରାଣ ପାଇଁ ମଧ୍ୟସ୍ଥି ଅଟନ୍ତି । ଆପଣ ହୁଏତ ଏହାକୁ ବୁଝିପାରିବେ ନାହିଁ । ଆମେ ବୁଝୁନାହୁଁ । ମାତ୍ର ଆମକୁ ଆଦେଶ ଦିଆଯାଇଛି “ଆଲୋକରେ ଗମନାଗମନ କର ଯେହେତୁ ସେ ଆଲୋକରେ ଅଛନ୍ତି ।” ଆପଣ ଆଲୋକରେ ଗୋଟିଏ ପାଦ ଦିଅନ୍ତୁ । ଏବଂ ଯେତେବେଳେ ଆପଣ ନିଜ ପାଖରେ ସେହି ଆଲୋକକୁ ରଖିବେ, ସେହି ଆଲୋକ ସିଦ୍ଧ ଦିନ ପର୍ଯ୍ୟନ୍ତ ଉଜ୍ଜ୍ୱଳ କରି ପ୍ରକାସଃ ଦେଉଥିବ । ଏହା ଆପଣଙ୍କ ପଥ ଆଗରେ ଅଲୋକିତ ରଖିବ ।

ଏବଂ ଆମେ ଏହି ବିଶାଳ ପୁରୁଣା ରାଜପଥ ଉପରେ ଚାଲିବା,
ମୁଁ ଯେଉଁଆଡକୁ ଯିବି ଏହା କହୁଥିବି,
ମୁଁ ତ ବରଂ ଏକ ପୁରୁଣା-କାଳିଆ ଖ୍ରୀଷ୍ଟିଆନ ହେବି, ପ୍ରଭୁ,
ଏହା ଅପେକ୍ଷାକି ଯାହା ମୁଁ ଜାଣେ ।

ସେହି ପୁରୁଣା ଗୀତ କେବେ ଶୁଣିଛନ୍ତି କି?

ଏକ ପୁରୁଣା-କାଳିଆ ଖ୍ରୀଷ୍ଟିଆନ ପରି କିଛି ନାହିଁ,
ଖ୍ରୀଷ୍ଟିଆନ ପ୍ରେମ ଦେଖାଇବାକୁ;
ଆମେ ସେହି ବିଶାଳ ପୁରୁଣା ରାଜପଥରେ ଚାଲୁଅଛୁ,
ଏବଂ ଆମେ ଯେଉଁଆଡ଼େ ଯାଉଅଛୁ ଏହା କହୁଅଛୁ,
ମୁଁ ତ ବରଂ ଏକ ପୁରୁଣା-କାଳିଆ ଖ୍ରୀଷ୍ଟିଆନ ହେବି, ପ୍ରଭୁ,
ଏହା ଅପେକ୍ଷାକି ଯାହା ମୁଁ ଜାଣେ ।

691 ମୁଁ ଏହାକୁ କେବଳ ଭଲ ପାଏ । ଠିକ୍ ଅଛି । ବର୍ତ୍ତମାନ ଆମେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ । ଆମେ ନୋହୁଁ...ଆମେ ଦାବି କରୁନାହୁଁ ଯେ ଆମେ ରୋଗୀମାନଙ୍କୁ ସୁସ୍ଥ କରିପାରୁ । ଯଦି ଆମେ କରୁ, ତାହାହେଲେ ଆମେ କିଛି ଭୁଲ୍ କହୁ । ଏଠାରେ ଥିବା ପ୍ରତ୍ୟେକ ରୋଗୀ ବ୍ୟକ୍ତି ସୁସ୍ଥ ହୋଇସାରିଛନ୍ତି । ତାହାହିଁ ଅଟେ ଯାହାକି ଶାସ୍ତ୍ର କୁହେ । “ତାହାଙ୍କ କୋରଡାଘାତ ଦ୍ୱାରା ଆମେ ସୁସ୍ଥ ହୋଇଅଛୁ ।” କଅଣ ତାହା ଠିକ୍ ଅଟେ?

692 ଏଠାରେ ଥିବା ପ୍ରତ୍ୟେକ ପାପୀ, ଯଦି ଏଠାରେ କେହି ଜଣେ ବି ଥାଆନ୍ତି, ଯୀଶୁଙ୍କ ମୃତ୍ୟୁବରଣ କରିବା ସମୟଠାରୁ ଆପଣ ଉଦ୍ଧାର ପାଇଅଛନ୍ତି । ମାତ୍ର ଆପଣ କେବେବି ଏଠାରେ ମରନ୍ତୁ ନାହିଁ ଯେଉଁଠାରେକି ଆପଣଙ୍କ ସମ୍ମୁଖରେ ସୁଯୋଗ ରଖାଯାଇଥିଲା, ଯେ ଆପଣ ତାହାଙ୍କର ଉପସ୍ଥିତିକୁ ଯାଆନ୍ତି ଓ ତାହାପରେ ଏହାକୁ ଗ୍ରହଣ କରିବାକୁ ଚେଷ୍ଟା କରନ୍ତି । ଏହା ବର୍ତ୍ତମାନ ପାଇଁ ପ୍ରସ୍ତୁତ ଅଟେ । ବର୍ତ୍ତମାନ ହିଁ ଆପଣ ଏହାକୁ ଗ୍ରହଣ କରିନେବା ଉଚିତ । ଯଦି ଆପଣ ରକ୍ତ ଅତିକ୍ରମ କରି ଚାଲିଯାଆନ୍ତି, ତେବେ ଆପଣ ଆଉ କିଛି ନୁହଁନ୍ତି

ବରଂ...ଆପଣ ଆଗରୁ ବିଚାର କରାଯାଇ ସାରିଛନ୍ତି, କାରଣ ଆପଣ ଯେପରି ଭାବରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ ସହିତ ଆଚରଣ କରିଥାଆନ୍ତି ସେହି ଉପାୟରେ ଆପଣ ବିଚାର କରାଯାଇଥାନ୍ତି । ବୁଝିଲେ? ଆପଣଙ୍କୁ...ଆପଣ ନିଜକୁ ସେଠାରେ ବିଚାର କରି ନିଅନ୍ତି ।

693 "ତେଣୁ ସେ ଆମର ଅଧର୍ମ ପାଇଁ ଘାତ କରାଗଲେ, ଏବଂ ତାହାଙ୍କର କୋରଡାଘାତ ଦ୍ୱାରା ଆମେ ସୁସ୍ଥ ହୋଇଅଛୁ ।" ତେଣୁ, ଏପରି କିଛି ନାହିଁ ଯେ, ଆପଣଙ୍କୁ ସୁସ୍ଥ କରିବା ପାଇଁ ମୁଁ କିଛି କରିବି । ଏପରି କିଛି ନାହିଁ ଯେ ଆପଣଙ୍କୁ ସୁସ୍ଥ କରିବା ପାଇଁ ମଣ୍ଡଳୀ କିଛି କରିବ । କେବଳ ଗୋଟିଏ ବିଷୟ ପାଇଁ ଆମେ ପ୍ରାର୍ଥନା କରିପାରିବା ତାହା ହେଉଛି, ଯେ ଆପଣଙ୍କର ବିଶ୍ୱାସ ଯେପରି ବିଫଳ ନ ହୁଏ, ଯେ ଆପଣ ସେପରି ଆଜି ସକାଳେ ଏହି ବେଦୀ ନିକଟକୁ ଖ୍ରୀଷ୍ଟଙ୍କୁ ନିଜର ଆରୋଗ୍ୟଦାତା ଭାବରେ ଗ୍ରହଣ କରିବାକୁ ଆସିବେ, ଯେପରି ଭାବରେ ଆପଣ ନିଜର ତ୍ରାଣକର୍ତ୍ତା ପାଇଁ ତାହା କରିଥିଲେ । ଏବଂ ବିନା କୌଣସି...ପରମେଶ୍ୱର ଚମତ୍କାର କରନ୍ତି । ସେ ବଡ଼ ବଡ ଚିହ୍ନ ଦେଖାନ୍ତି । ଅନ୍ଧ, ବଧିର, ମୂକ, ସମସ୍ତକିଛି, ଠିକ୍ ଏଠାରେ ଆରାଧନାଳୟରେ ସୁସ୍ଥ ହୋଇଅଛନ୍ତି । ମାତ୍ର ଏହା ହେଉ ଅବା ନ ହେଉ, ଆମେ ଏହାକୁ ଯେକୌଣସି ପ୍ରକାରେ, ଗ୍ରହଣ କରୁ । ଅନେକ ଥର ସେହି ବିଷୟଗୁଡ଼ିକ ଦର୍ଶନ ଦ୍ୱାରା ହୋଇଥାଏ ।

694 ପ୍ରାୟଃ ତିନି, କିମ୍ବା ଚାରି ରବିବାର ପୂର୍ବରୁ ଏଠାରେ କେତେଜଣ ଥିଲେ, ଯେତେବେଳେ ସେହି ବ୍ୟକ୍ତି ଏଠାକୁ ଆସିଥିଲେ, ଉଭୟ ଅନ୍ଧ ଏବଂ ପକ୍ଷାଘାତରେ ଆକ୍ରାନ୍ତ ଥିଲେ, କିମ୍ବା ଅସନ୍ତୁଳିତ ସ୍ନାୟୁ ସହିତ ଏକ ଚୌକୀରେ ବସି ରହିଥିଲେ? ଏବଂ ମୁଁ ଘରକୁ ବାହାରିବା ପୂର୍ବରୁ, ମୁଁ ତାଙ୍କୁ ଏକ ଦର୍ଶନରେ ଦେଖିଲି, "ଯେ ସେଠାରେ ଜଣେ ବ୍ୟକ୍ତି ରହିବେ, କଳା କେଶ ସହିତ, ଧୂସର ହୋଇଯାଉଥିବ । ତାଙ୍କ ପତ୍ନୀ ଆକର୍ଷଣୀୟ-ଦେଖାଯାଉଥିବା ମହିଳା ହୋଇଥିବେ, ପ୍ରାୟଃ ଷାଠିଏ ବର୍ଷ ବୟସ୍କ ହେବେ । ସେ ଆସିବେ ଓ କାନ୍ଦୁଥିବେ," ଏବଂ ସେ ମୋତେ ପଚାରିବେ । "ଆଉ ଫେରି ଆସି ତାଙ୍କ ସ୍ୱାମୀଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ ।" ସେ ସେଠାରେ ବସି ରହିଥିଲେ ।

695 ଏବଂ ମୁଁ ତଳକୁ ଆସେ । ମୁଁ ଏଠାରେ ଥିବା ମୋର କିଛି ଭାଇମାନଙ୍କୁ କହିଲି, "ଏହାକୁ ଦେଖୁଥାଆନ୍ତୁ ।"

696 ଏବଂ ଯେତେବେଳେ ଆମେ ଯଜ୍ଞବେଦୀକୁ ଓହ୍ଲାଇଲୁ, ଅନ୍ୟମାନେ ପ୍ରାର୍ଥନା କରି ସାରିଥିଲେ । ଯେତେବେଳେ ମୁଁ ପ୍ରାର୍ଥନା କରିବାକୁ ଗଲି, ମୁଁ ସିଧାସଳଖ ଚାଲିଗଲି ଏବଂ ଏଠାକୁ ଫେରି ଆସିଲି । ଏବଂ ତାଙ୍କ ପତ୍ନୀ ଉଠି ପ୍ରଭୁ ଯେପରି କହିଥିଲେ ଠିକ୍ ସେହିପରି ଭାବରେ ଆସିଲେ । ଲୋକମାନେ ଦେଖି ରହୁଥିଲେ, ଏହା ଦେଖିବା ପାଇଁ ଯେ ଏହା ସେପରି ହେବ କି ନାହିଁ । ଏହା କେବେ ବି ବିଫଳ ହୋଇ ନାହିଁ । ଏବଂ ଯେତେବେଳେ ସେ ଚାଲିକରି ଗଲେ...

697 ଜାଣିବାକୁ ପାରିଲୁ ଯେ, ଇଣ୍ଡିୟାନାର, ବାର୍ଡସ୍ଆୟରେ ଥିବା, ଡାକ୍ତର ଆକ୍କର୍ମେନ,

ନାମକ ଜଣେ ବ୍ୟକ୍ତି, ତାଙ୍କୁ ଏଠାକୁ ପଠାଇଥିଲେ; ଯିଏକି ଜଣେ କ୍ୟାଥୋଲିକ୍ ଅଟନ୍ତି, ଏବଂ ତାଙ୍କ ପୁଅ ସେଠାରେ ସେଣ୍ଟ ମେନ୍ରାଡରେ ଥିବା ଏକ ମଠରେ ଜଣେ ପୁରୋହିତ ଅଟନ୍ତି। ଏବଂ ଡାକ୍ତର ଆକ୍କର୍ମେନ ମୋର ଜଣେ ଶିକାର ଖେଳର ସହଯୋଗୀ ଅଟନ୍ତି, ଏବଂ ସେ ସେହି ବ୍ୟକ୍ତିଙ୍କୁ ଏଠାକୁ ପଠାଇଥିଲେ। ଏବଂ ପ୍ରଭୁ ମୋତେ ଦେଖାଇଥିଲେ ଯେ ଏକ ଅଶ୍ୱେତ-ମସ୍ତକ ଥିବା ବ୍ୟକ୍ତି ହେବେ ଯିଏକି ତାଙ୍କୁ ପଠାଇବେ, ମାତ୍ର ମୁଁ ଜାଣି ନ ଥିଲି ଯେ ଏହା କିଏ ଅଟନ୍ତି?

698 ମୁଁ କହିଲି, "କଅଣ ତାହା ଡାକ୍ତର ଆକ୍କର୍ମେନ ଥିଲେ କି?"

699 ସେ କହିଲେ, "ଏହା ସେ ହିଁ ଥିଲେ।" ବୁଝିଲେ? ଏବଂ ତାହାପରେ ସେହି ବ୍ୟକ୍ତି...

700 ମୁଁ କହିଲି, "ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଟେ।" ତଳକୁ ଚାଲିଗଲେ। ମୁଁ କହିଲି, "ମହାଶୟ, ଛିଡ଼ା ହୁଅନ୍ତୁ।" ଉଭୟ ଅନ୍ଧ ଏବଂ ପାରୁ ନ ଥିଲେ...ସେ...ସେହି—ସେହି ସନ୍ତୁଳନ ସ୍ନାୟୁ କାର୍ଯ୍ୟ କରୁ ନ ଥିଲା। ସେ ନିଜକୁ ସେହିପରି ଭାବରେ ସମ୍ଭାଳି ପାରୁ ନ ଥିଲେ। ବୁଝିଲେ? ବର୍ଷ ବର୍ଷ ଧରି ସେହିପରି ଅବସ୍ଥାରେ ରହିଆସିଥିଲେ, ମାୟୋସ୍ ଏବଂ ସବୁ ଆଡେ ହୋଇ ଆସିଥିଲେ। ଏବଂ ଠିକ ସେତେବେଳେ ତାଙ୍କ ପାଇଁ ପ୍ରାର୍ଥନା କଲି, ଏବଂ ତାଙ୍କୁ ଉଠାଇଲି। ସେଠାରେ ସେ ସେହି ମାର୍ଗରେ, ଚାଲି କରି ଗଲେ।

701 ପ୍ରଥମେ ସେ କହିଥିଲେ, "ମୁଁ ଆପଣଙ୍କୁ ଦେଖିପାରୁ ନାହିଁ।" ତାହାପରେ ସେ ଚିତ୍କାର କରି କହିଲେ, "ହଁ। ମୁଁ ପାରୁଛି।" ତାଙ୍କ ଆଖି ସେଠାରେ ଖୋଲା ଯାଇଥିଲା, ସେ ନୈଷ୍ଠିକ ଧର୍ମାବଲମ୍ବୀ, ତାଙ୍କ ପତ୍ନୀ, ପ୍ରେସ୍‌ବିଟେରିଆନ୍ ହୋଇ।

702 କିଛି ଲୋକ ଭାବନ୍ତି ଯେ "ପ୍ରେସ୍‌ବିଟେରିଆନ୍ ଚିତ୍କାର କରନ୍ତି ନାହିଁ, ଏବଂ ନୈଷ୍ଠିକ ଧର୍ମାବଲମ୍ବୀ ମଧ୍ୟ।" ଆପଣଙ୍କୁ ସେମାନଙ୍କ ଚିତ୍କାର ଶୁଣିବା ଉଚିତ୍ ଥିଲା। ନିଶ୍ଚିତରେ। ସେମାନେ ଚିତ୍କାର କରି ପରସ୍ପରକୁ ଆଲିଙ୍ଗନ କରିଥିଲେ। ଫେରି ଆସି ତାଙ୍କ ଚକ ଥିବା ଚୌକୀକୁ ନେଲେ, ଏବଂ ପାହାଚରେ ଓହ୍ଲାଇ ବାହାରକୁ ଚାଲିଗଲେ, ଅନ୍ୟ କୌଣସି ବ୍ୟକ୍ତିଙ୍କ ପରି, ଦେଖିପାରିଥିଲେ ଏବଂ କହିପାରିଥିଲେ ଓ—ଓ ଅନ୍ୟାନ୍ୟ ପ୍ରଭୃତି ବିଷୟ କରିପାରିଥିଲେ।

703 ଅନ୍ୟ ଏକ ଦିନ, ତାଙ୍କଠାରୁ ଏକ ଚିଠି ପାଇଥିଲି, କିମ୍ବା ଫୋନ୍ ଯୋଗେ ଡାକିଥିଲେ। ମୋର ବିଶ୍ୱାସ ଯେ, ଭାଇ କକ୍ସ ତାଙ୍କ ପାଖକୁ ଯାଇଥିଲେ। କହିଲେ, "ତାଙ୍କ ଆଖି ପୋଡୁଥିବା ପରି ଏକ ଅନୁଭବ ହେଉଥିଲା।" ନିଶ୍ଚିତରେ। ଏହା ସେହି ସ୍ନାୟୁ, ଚକ୍ଷୁ ସମ୍ବନ୍ଧିତ ସ୍ନାୟୁଗୁଡ଼ିକ ବଢୁଥିଲା ଏବଂ ଜୀବନ୍ତ ହୋଇ ଆସୁଥିଲା, ଆପଣ ଜାଣନ୍ତି, ଏବଂ ତାହାର ସ୍ଥାନ ଗ୍ରହଣ କରୁଥିଲା। ଅଭିଶାପଟି କ୍ଷାନ୍ତ ହୋଇଗଲା।

704 ଯଦି ଆପଣ ପ୍ରକୃତିକୁ ତାହାର ପଥକୁ ଗ୍ରହଣ କରିବାକୁ ଦେବେ, ଯଦି କୌଣସି ବିଷୟ ପ୍ରକୃତିକୁ ବାଧା ନ ଦିଏ, ତେବେ ତାହା—ତାହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେବ। ଯଦି ଆପଣ ନିଜର ବାହୁର ଚାରିପଟେ ଏକ ପଟିକୁ ବାନ୍ଧିବେ, ଯାହାକି ରକ୍ତ ସଞ୍ଚାଳନକୁ ବନ୍ଦ

କରିଦିଏ, ତେବେ ଆପଣଙ୍କର ହାତ ଶେଷରେ ମରିଯିବ । ତେବେ, ଯେହେତୁ, ସ୍ଵାଭାବିକ ଭାବରେ, ଯଦି ଆପଣ ଏହାକୁ ଏକୁଟିଆ ଛାଡିଦେବେ ତେବେ ଏହା ଠିକ୍ ରହିବ । ମାତ୍ର କିଛି ଗୋଟାଏ ବିଷୟ ପ୍ରକୃତିକୁ ବାଧା ଦେଇଛି । ତାହାପରେ, ଯଦି ଆପଣ ଏହାକୁ ଦେଖିପାରୁ ନାହାଁନ୍ତି, ତେବେ ଏହାକୁ ଧରିବା ପାଇଁ ଜଣେ ଡାକ୍ତରଙ୍କ ପାଖରେ କୌଣସି ଉପାୟ ନାହିଁ । ସେ କେବଳ ଦୁଇଟି ବିଷୟ ଦ୍ଵାରା କାମ କରିପାରିବେ: ଯାହା ସେ ଦେଖିପାରନ୍ତି, ଯାହା ସେ ଅନୁଭବ କରିପାରନ୍ତି । କେବଳ ସେହି ବିଷୟ ଦ୍ଵାରା ସେ କାର୍ଯ୍ୟ କରିପାରନ୍ତି: ସେ ଯାହା ଦେଖନ୍ତି ଏବଂ ଯାହା ସେ ଅନୁଭବ କରନ୍ତି ।

705 ଯଦି ସେ ଏହାକୁ ଦେଖିପାରୁ ନାହାଁନ୍ତି, ତେବେ ଆତ୍ମିକ ହେବା ଆବଶ୍ୟକ । ତାହାପରେ ସେଠାରେ, କେବଳ ବିଷୟ ହୋଇପାରେ, ଗୋଟିଏ ବିଷୟ ହୋଇପାରେ; ଆମେ ପ୍ରାର୍ଥନା କରୁ ଯେ, ଖ୍ରୀଷ୍ଟ ଅଭିଶାପକୁ ଘୁଞ୍ଚାଇ ଦିଅନ୍ତି, ଶୟତାନକୁ ଦୂରେଇ ଦିଅନ୍ତି, ଏବଂ ତାହା ସ୍ଵାଭାବିକ ହେବାକୁ, ଭଲ ହେବାକୁ ଲାଗେ । ଭଲ ହୋଇଯାଏ, ଏବଂ ତାହା ସହିତ ସେଠାରେ ତାହାହିଁ ସବୁକିଛି ଅଟେ । "ମୋ ନାମରେ ସେମାନେ ଭୂତମାନଙ୍କୁ ଛଡାଇବେ ।" କଅଣ ଏହା ଠିକ୍ କି? ଏହା ମଣ୍ଡଳୀ ପ୍ରତି ଏକ ପ୍ରତିଜ୍ଞା ଅଟେ । ଏହା ଶକ୍ତିର ଏକ ପ୍ରତିଜ୍ଞା ଅଟେ । କଅଣ ଅଟେ? ଏହା, ଏହା ଆମ ସହିତ ତାହାଙ୍କର ଉପସ୍ଥିତି ଅଟେ । ବର୍ତ୍ତମାନ, ଆମକୁ ଆଜି ସକାଳେ ସିଦ୍ଧ ହେବାରୁ କିଏ ବଞ୍ଚିତ କରେ, ଯେପରିକି ସେହି ବିଷୟଗୁଡିକୁ ଠିକ ସେହିପରି ଭାବରେ କରୁ ଯେପରିକି ସେ କରିଥିଲେ, ତାହାର କାରଣ ହେଲା ଆମେ ଏବେ ସୁଦ୍ଧା ବିଚ୍ଛେଦବସ୍ତ୍ରରେ ରହିଛୁ । ବୁଝିଲେ? ମାତ୍ର ଆମର ସେଠାରେ କିଛି ଅନୁଭବ ରହିଛି ଯାହାକି ଆମକୁ କହିଥାଏ, "ଓଃ, ହଁ ।" ବୁଝିଲେ?

706 ଏବଂ ଯେତେବେଳେ ଆପଣ ନିଜର ଆରୋଗ୍ୟତାକୁ ଗ୍ରହଣ କରନ୍ତି, ଏଥିରେ କିଛି ଯାଏ ଆସେ ନାହିଁ ଯେ ବିଚ୍ଛେଦବସ୍ତ୍ର କଅଣ କୁହେ, ଏହା ତ ତାହା ଅଟେ ଯାହା ବାକ୍ୟ କୁହେ । ବୁଝିଲେ? ଏହାହିଁ ତାହା ଅଟେ । ଏହାହିଁ ତାହା ଅଟେ । ଆଉ ସେହି—ସେହି—ସେହି ବାକ୍ୟ ସର୍ବଦା ଯେକୌଣସି ବିଷୟ ଉପରେ ପ୍ରାଧାନ୍ୟତା ବିସ୍ତାର କରେ । ପରମେଶ୍ଵରଙ୍କ ଅନନ୍ତ ବାକ୍ୟ!

707 ସାରାଙ୍କୁ ଦେଖନ୍ତୁ, ତାଙ୍କ ଗର୍ଭ ମୃତ ଥିଲା, ନବେ ବର୍ଷ ବୟସର, ସେ ପ୍ରାୟଃ ଷୋହଳ ବା ସତର ବର୍ଷ ବୟସରୁ ତାଙ୍କ ସ୍ଵାମୀଙ୍କ ସହିତ ରହି ଆସିଥିଲେ, କୌଣସି ସନ୍ତାନ ନ ଥିଲା; ଅବ୍ରହାମ, ଶହେ ବର୍ଷ ବୟସର ଥିଲେ । ପରମେଶ୍ଵର ଠିକ୍ ବୁଲି ପଡ଼ି ସେମାନଙ୍କୁ ସେହି ଶିଶୁଟିକୁ ପ୍ରଦାନ କଲେ । ବୁଝିଲେ? କାରଣ, ସେମାନେ ବିଶ୍ଵାସ କରିଥିଲେ । ସେମାନେ ସେହି ବିଷୟଗୁଡ଼ିକୁ ଯାହାକି ନ ଥିଲା, ଥିବା ପରି ଡାକିଥିଲେ । ବନ୍ଧୁ, ଆଜି ସକାଳେ ସେହି ପ୍ରକାରେ ପ୍ରବେଶ କରନ୍ତୁ ।

708 ଏବଂ ଆଜି ରାତିରେ, ଆମେ ଆଶା କରୁଛୁ...ଯଦି ଆପଣ ସମସ୍ତେ ଆମ ସହିତ ସାକ୍ଷାତ କରୁଛନ୍ତି, ତାହାହେଲେ ଆଜି ସକାଳେ ଆମେ ଆପଣମାନଙ୍କୁ ଏଠାରେ ପାଇ ଆନନ୍ଦିତ

ଅଟୁ । ଆଉ ପରମେଶ୍ୱର ଆପଣଙ୍କ ସହିତରେ ରୁହନ୍ତୁ । ପୁଣି ଯଦି ଆପଣ ଆଜି ସନ୍ଧ୍ୟା ପାଇଁ ସହରରେ ଅଛନ୍ତି, ତାହାହେଲେ ମଲ୍‌କୀଷେଦକର, ଏହି ଅବଶିଷ୍ଟ ସେବା ନିମନ୍ତେ ଆଜି ସନ୍ଧ୍ୟାରେ ଆପଣଙ୍କୁ ପାଇ ଆମେ ଆନନ୍ଦିତ ହେବୁ । ଏବଂ ତାହାପରେ ଯଦି ଆପଣ ନୁହଁନ୍ତି, ଆଉ ଆପଣଙ୍କର ନିଜର ଏକ ମଣ୍ଡଳୀ ଅଛି, ତେବେ ଆପଣ ନିଜର ମଣ୍ଡଳୀକୁ ଯାଆନ୍ତୁ । ତାହା ହେଉଛି—ତାହା ହେଉଛି ଆପଣଙ୍କର କର୍ତ୍ତବ୍ୟର ସ୍ଥାନ । ଯଦି ଆପଣ ଏକ ମଣ୍ଡଳୀରେ ସମ୍ପୃକ୍ତ ଅଟନ୍ତି, ଆପଣ ସେଠାକୁ ଯାଆନ୍ତୁ । ଏହା ତ କେବଳ ଏକ ଛୋଟ ଆରାଧନାଳୟ ଅଟେ ଯେଉଁଠାରେକି ଆମେ ଏଠାରେ ଏକତ୍ର ହେଉ ଏବଂ ପରସ୍ପର ଜଣେ ଅନ୍ୟ ସହିତ ସହଭାଗିତା କରିଥାଉ । ତେବେ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

709 ଏବଂ ଭଉଣୀ ଗର୍ଟି ଆମ ପାଇଁ ବାଦନ କରିବେ, *ସେହି ମହାନ ବୈଦ୍ୟ ବର୍ତ୍ତମାନ ଆମ ନିକଟରେ ।* ଏବଂ ଏଠାରେ କେହି ପ୍ରାର୍ଥନା କରାଯିବା ନିମନ୍ତେ ଅଛନ୍ତି କି? ଯେଉଁମାନେ ପ୍ରାର୍ଥନା ଧାଡ଼ିରେ ଆସି, ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସ ରଖିବାକୁ ଚାହାଁନ୍ତି, ନିଜର ହାତ ଉଠାନ୍ତୁ । ଠିକ୍ ଅଛି । ଯଦି ଆପଣ ଗୀର୍ଜାଘରର *ଏହି* ପାର୍ଶ୍ୱରେ ଧାଡି କରିବେ, ଯଦି ଆପଣ କରିବେ । ଏବଂ ଯଦି ସେମାନେ ଆସନକୁ ଟିକିଏ ତଳକୁ କରିଦେବେ, ଭାଇ, ଯଦି ଆପଣ କରିବେ, ଯାହା ଦ୍ୱାରା ଆମେ ସେଠାରେ ଅଳ୍ପ ଟିକିଏ ସ୍ଥାନ ପାଇପାରିବା ଏବଂ ଲୋକମାନଙ୍କୁ ଆଣିପାରିବା । *ଏହି* ପାର୍ଶ୍ୱକୁ ଆସି ଯାଆନ୍ତୁ ।

710 ଏବଂ ବର୍ତ୍ତମାନ ଆମେମାନେ ଗୀତ ଗାଇବାବେଳେ, ପ୍ରାର୍ଥନା କରିବାକୁ ଯାଉଅଛୁ । ଏବଂ ମୁଁ ଏଠାରେ ଥିବା ପ୍ରାଚୀନମାନଙ୍କୁ ପଚାରିବାକୁ ଯାଉଛି, ସେମାନେ ଯେକୌଣସି ନାମଧାରୀ ସଂସ୍ଥା କିମ୍ବା ମଣ୍ଡଳୀରୁ ହୋଇଥାଆନ୍ତୁ, ଏଥିରେ ଯାଏ ଆସେ ନାହିଁ ଯେ ଏହା କଅଣ ଅଟେ, ଯଦି ଆପଣ ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରନ୍ତି, କଅଣ ଆପଣ ମୋ ସହିତ ଏଠାରେ ଏହି ମଞ୍ଚ ଉପରେ ଛିଡ଼ା ହୋଇ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବେ କି? ଆମେ ଆପଣମାନଙ୍କୁ ପାଇ ଆନନ୍ଦିତ ହେବୁ । ଯେକୌଣସି ନାମଧାରୀ ସଂସ୍ଥା ହେଉ, କିମ୍ବା କୌଣସି ନାମଧାରୀ ସଂସ୍ଥା ନ ବି ହେଉ, କିଅବା ଆପଣ ଯାହାକିଛି ବି ହେଉନ୍ତୁ, ଆମେ ଆପଣଙ୍କୁ ପାଇ ଆନନ୍ଦିତ ହେବୁ । କଅଣ ଆପଣମାନେ ବର୍ତ୍ତମାନ, ପ୍ରାର୍ଥନା ପାଇଁ ଆସିବେ କି? ଆସନ୍ତୁ ଏବଂ ମୋ ସହିତ ଛିଡ଼ା ହୁଅନ୍ତୁ ।

ଭାଇ ନେଭିଲ, ଯଦି ଆପଣ ତେଲ ସହିତ ଆସିବେ ।

57-0915M ଏବ୍ରୀ, ଅଧ୍ୟାୟ ଛଅ ଭାଗ #3
ବ୍ରାନ୍‌ହାମ୍ ଟାବର୍ନେକଲ
ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ୱା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ୱା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org